NITIDIN
ନିତିଦିନ
10 YEARS
ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
SATURDAY
27 DECEMBER 2025
ଶନିବାର
୨୭ ଡିସେମ୍ବର ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 221 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୨୨୧ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

### ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

## ସମ୍ମାନିତ ହେଲେ ଓଡ଼ିଶାର ଜ୍ୟୋସ୍ନା ଶବର



**ନୂଆଦିଲ୍ଲୀ,୨୬।୧୨/ଏଜେନ୍ସି:**

**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପିଲାମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପ୍ରଦାନ କରିଛନ୍ତି । ଓଡ଼ିଶାର ଜନଜାତୀୟ କ୍ରୀଡ଼ାବିତ୍ ଜ୍ୟୋସ୍ନା ଶବର ଏହି ପୁରସ୍କାର ପାଇ ରାଜ୍ୟର ଗୌରବ ବଢ଼ାଇଛନ୍ତି । ଜ୍ୟୋସ୍ନା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅନେକ ସଫଳତା ହାସଲ କରିଛନ୍ତି । ଦୋହାରେ ▶▶ ୫

## ଆଜିଠୁ ଇସିଆଇଙ୍କ ଓଡ଼ିଶା ଗସ୍ତ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:**



ଭାରତର ମୁଖ୍ୟ ନିର୍ବାଚନ କମିଶନର (ଇସିଆଇ) ଜ୍ଞାନେଶ କୁମାର ଆସନ୍ତାକାଲି ଅର୍ଥାତ ଶନିବାର ଠାରୁ ତିନିଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ଶନିବାର ସେ ଓଡ଼ିଶାରେ ପହଞ୍ଚି ପ୍ରଥମେ ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ । ମହାପ୍ରଭୁଙ୍କ ଦର୍ଶନ ପରେ ସେ କୋଣାର୍କ ଗସ୍ତ କରିବେ । ରବିବାରରେ ସେ ରଘୁରାଜପୁର, ଧଉଳି ଶାନ୍ତି ସ୍ତୁପ, ଖଣ୍ଡଗିରି, ଉଦୟଗିରି ଏବଂ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ମୁଖ୍ୟ ନିର୍ବାଚନ କମିଶନର ସୋମବାର ଅପରାହ୍ଣ ୩.୦୦ ଘଟିକାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସହ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅଧ୍ୟକ୍ଷତା କରି ସେମାନଙ୍କୁ ସମ୍ବୋଧନ କରିବେ । ସେହିଦିନ ରାତିରେ ଭୁବନେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।


### ପିକ୍‌ନିକ୍ ହେଲା କାଳ

## ସୀତାକୁଣ୍ଡରେ ବୁଡ଼ି ଦୁଇଭାଇ ମୃତ

**ବାରିପଦା,୨୬।୧୨/ଏନ୍ଏନ୍ଏସ୍:**

ପିକନିକ୍ ଆସି ଝରଣାରେ ଗାଧୋଇବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି ଦୁଇ ଭାଇ । ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ ଶିମିଳିପାଳ ପାଦ ଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତରେ ଏଭଳି ଦୁଃଖଦ ଘଟଣା ଘଟିଛି । ମୃତକ ଦୁଇ ଜଣ ହେଲେ ଭଦ୍ରକ ଜିଲ୍ଲା ଅନ୍ଧେଇପାଲି ଗ୍ରାମର ସତ୍ୟବ୍ରତ ନାୟକ(୨୩) ଓ ଅଭିଷେକ ନାୟକ (୧୭) । ସୂଚନା ମୁତାବକ ଶୁକ୍ରବାର ସକାଳେ ଅନ୍ଧେଇପାଲି ଅଞ୍ଚଳରୁ ୪ ଜଣ ସାଙ୍ଗ ସୀତାକୁଣ୍ଡକୁ ପିକନିକ ପାଇଁ ଆସିଥିଲେ । ତେବେ ପିକନିକ ସମୟରେ ସୀତାକୁଣ୍ଡ ଜଳପ୍ରପାତରେ ଗାଧୋଇବା ବେଳେ ପାଦ ଖସିଯିବା କାରଣରୁ ସତ୍ୟବ୍ରତ ଓ ଅଭିଷେକ ପାଣିରେ ବୁଡ଼ିଯାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗର ଟିମ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ମୃତଦେହକୁ ଉଦ୍ଧାର କରିଥିଲା । ଉଦ୍ଧାର ପରେ ଉଭୟଙ୍କ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ▶▶ ୫

## ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର





**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:**

ଭିଜିଲାନ୍ସ ଜାଲରେ କୋଟିପତି ଫରେଷ୍ଟର । ଘରୁ ମିଳିଲା ଆଖି ଖୋସି ଦେଲା ଭଳି ସମ୍ପତ୍ତି । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଶୁକ୍ରବାର ଓଡ଼ିଶା ଭିଜିଲାନ୍ସ କୋରାପୁଟ ଫରେଷ୍ଟ ଡିଭିଜନର ଫରେଷ୍ଟର ନିରଞ୍ଜନ ଶତପଥୀଙ୍କ ଏକାଧିକ ଠିକଣାରେ ଏକକାଳୀନ ଚଢ଼ଉ କରିଛି । ଏହି ଚଢ଼ଉରେ ବ୍ୟାପକ ପରିମାଣରେ ସମ୍ପତ୍ତି ଠାବ ହୋଇଛି । ଏଥିରେ ପ୍ରାୟ ଏକ କିଲୋ ଓଜନର ସୁନା ଗହଣା, ନଗଦ ଟଙ୍କା, ବିଦେଶୀ ମୁଦ୍ରା, ଦାମୀ ଘଣ୍ଟା ଓ ଅନ୍ୟାନ୍ୟ ଅସବାବପତ୍ର ଆଦି ଠାବ ହୋଇଛି ।

**୧ କେଜି ସୁନା ସହ ବିଦେଶୀ ମୁଦ୍ରା ଜବତ**

**୬୬.୪୨ ଲକ୍ଷର ବ୍ୟାଙ୍କ ଡିପୋଜିଟ୍ ଓ ବୀମା**

ଭିଜିଲାନ୍ସ ସୂତ୍ର ଅନୁଯାୟୀ ଖବର ଲେଖାସୁଦ୍ଧା ହୋଇଥିବା ଯାଞ୍ଚରେ ଶ୍ରୀ ଶତପଥୀ ଓ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବହୁ ମୂଲ୍ୟବାନ ଓ ଅଚଳାଚଳ ସମ୍ପତ୍ତି ଚିହ୍ନଟ ହୋଇଛି । ତାଙ୍କ ନାମରେ ଭୁବନେଶ୍ୱରର ଝାରପଡ଼ା ଅଞ୍ଚଳରେ ଦୁଇଟି ତିନି ମହଲା ଅଟ୍ଟାଳିକା ମିଳିଛି । ପ୍ରତ୍ୟେକ ଅଟାଳିକାର ଆୟତନ ପ୍ରାୟ ୪,୦୫୦ ବର୍ଗଫୁଟ ଥିବା ବେଳେ ଏହାକୁ ରାଜକୀୟ ବହୁତଳ ▶▶ ୫

### କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଓଡ଼ିଶା ସରକାର ଚାଷୀଙ୍କ ସରକାର

**ଭୁବନେଶ୍ୱର,କେନ୍ଦୁଝର, ୨୬।୧୨/ଏନ୍ଏନ୍ଏସ୍:**

ଓଡ଼ିଶା ସରକାର ଚାଷୀଙ୍କ ସରକାର । ଚାଷୀଙ୍କ ପାଇଁ ଏକାଧିକ ଯୋଜନା ପ୍ରସ୍ତୁତ କରିଥିବା ସରକାରଙ୍କ ଦ୍ୱାରା ଧାନର ବୋନସ୍ ୮୦୦ ଟଙ୍କା ପ୍ରଦାନ କରିବା ହେଉଛି ସବୁଠୁ ବଡ଼ ଉପଲବ୍ଧି । ଏହା ଦ୍ୱାରା ଚାଷ ପ୍ରତି ଚାଷୀଙ୍କ ମନୋବଳ ବଢ଼ିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶୁକ୍ରବାର କେନ୍ଦୁଝର ସ୍ଥିତ ପଳାସପଙ୍ଗ ଲ୍ୟାମ୍ପସରେ ଧାନ ସଂଗ୍ରହର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତର ପ୍ରଥମ ଦିନରେ ପଳାସପଙ୍ଗା ସ୍ଥିତ ଲ୍ୟାମ୍ପସରେ ଶ୍ରୀ ମାଝୀ କେନ୍ଦୁଝର ଜିଲ୍ଲା ପାଇଁ ଧାନ ସଂଗ୍ରହ ବ୍ୟବସ୍ଥାକୁ ଶୁଭାରମ୍ଭ କରିଥିଲେ ।





ଏହି ଅବସରରେ ଆୟୋଜିତ ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମେ ଶୁଣୁଥିଲୁ, ଚାଷ ପ୍ରତି ଚାଷୀମାନଙ୍କ ଆଗ୍ରହ କମିଯାଉଛି । ଚାଷୀ ଭାଇମାନେ ବିଲକୁ ଯିବାକୁ ବିମୁଖ ହେଉଛନ୍ତି । କିନ୍ତୁ, ଏବର୍ଷର ତଥ୍ୟ ସମ୍ପୂର୍ଣ୍ଣଭାବେ ଅଲଗା ଚିତ୍ର ପ୍ରଦାନ କରୁଛି । ଏହାର କାରଣ ହେଉଛି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ ଡବଲ୍ ଇଞ୍ଜିନ ସରକାର । 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୋଟିଏ ଟଙ୍କା ସବ୍‌ସିଡି ପାଇଥିବା ଚାଷୀଙ୍କୁ ତାଙ୍କ ଘରକୁ ନିଜେ ଯାଇ ସମ୍ବର୍ଦ୍ଧନା ଦେବେ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ । ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପୂର୍ବ ସରକାର ୧୦୦ ଟଙ୍କା ଅଧିକ ଦେବେ ବୋଲି କହିଥିଲେ । କିନ୍ତୁ, ଦେଇପାରିଲେ ନାହିଁ । କିମ୍ବା ହୁଏତ ଜାଣି ଜାଣି ଦେଲେ ନାହିଁ । କିନ୍ତୁ, ଆମର ପ୍ରତିଶ୍ରୁତି ପଥରରେ ଅଙ୍କା ହୋଇଥିବା ଚିତ୍ରପରି । ଆମେ ଆପଣମାନଙ୍କୁ ଆମର ସଂକଳ୍ପ ଅନୁଯାୟୀ ୮୦୦ ଟଙ୍କା ଦେଲୁ । ତାହା ▶▶ ୫

**ଅଣ ଧାନ ଫସଲକୁ ପ୍ରୋତ୍ସାହନ ଦିଆଯିବ: ସିଏମ୍**

**ତିନିବର୍ଷରେ ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ**

**କାନପୁର ଜଳସେଚନ ପ୍ରକଳ୍ପ ଖୁବ୍‌ଶୀଘ୍ର ଉଦ୍‌ଘାଟନ**

**ରାଜ୍ୟରେ ୧,୫୪୨ ନୂଆ ପ୍ୟାକ୍ସ, ଲ୍ୟାମ୍ପ୍ସ ଗଠନ**

## ଓଡ଼ିଶାକୁ ୧୫୫ କୋଟିର କେନ୍ଦ୍ରୀୟ ସହାୟତା

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:**

**ଡିଜିଟାଲ୍ ଫସଲ ସର୍ଭେ ପାଇଁ ୧୦୦ କୋଟି**

**କୃଷକ ପଞ୍ଜିକରଣ ପାଇଁ ୫୫.୪୮ କୋଟି**

ଡିଜିଟାଲ ଫସଲ ସର୍ଭେ ଏବଂ କୃଷକ ପଞ୍ଜିକରଣରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡ଼ିଶାକୁ ସ୍ୱତନ୍ତ୍ର ସହାୟତା ଘୋଷଣା କରାଯାଇଛି । କୃଷକ ପଞ୍ଜିକରଣର ପ୍ରଥମ ମାଇଲଖୁଣ୍ଟ ହାସଲ ପାଇଁ ୫୫.୪୮ କୋଟି ଟଙ୍କା ଏବଂ ଡିଜିଟାଲ ଫସଲ ସର୍ଭେର ସଫଳ କାର୍ଯ୍ୟାନ୍ୱୟନ ପାଇଁ ୧୦୦ କୋଟି ଟଙ୍କା ପ୍ରୋତ୍ସାହନ ପାଇଁ ଘୋଷଣା କରାଯାଇଛି । ଭାରତ ସରକାର ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଅଧୀନରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଆନୁଷ୍ଠାନିକ ଭାବରେ ମୂଲ୍ୟାଙ୍କନ ଏବଂ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅଧୀନରେ ଏକ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ପଦକ୍ଷେପ - ଏଗ୍ରିଷ୍ଟାକର ଉଭୟ କ୍ଷେତ୍ରରେ ରାଜ୍ୟ କୃଷି ପାଇଁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । ଏହି ସ୍ୱୀକୃତି ଜାତୀୟ ମାନଦଣ୍ଡ ସହିତ ତଥ୍ୟ-ଚାଳିତ, କୃଷକ-କୈନ୍ଦ୍ରିକ ଡିଜିଟାଲ ସଂସ୍କାର ଗ୍ରହଣ କରି ରାଜ୍ୟର ଦୃଢ଼ ଅନୁପାଳନ ନୀତି, ସମୟୋଚିତ ସଫଳତା ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରୁଛି । କୃଷକମାନଙ୍କର ଏକ ପ୍ରାମାଣିକ, ଯାଞ୍ଚ କରାଯାଇଥିବା ଡାଟାବେସ୍ ସୃଷ୍ଟି ନିମନ୍ତେ କୃଷକ ପଞ୍ଜିକରଣ କରାଯାଉଛି । ଏହା ଦ୍ୱାରା ପିଏମ୍- କିଷାନ୍, ସିଏମ୍ - କିସାନ, ଫସଲ ବୀମା, ଇତ୍ୟାଦି ଯୋଜନା ପାଇଁ ସଠିକ୍ ହିତାଧିକାରୀ ଚିହ୍ନଟ ସୁଗମ ହୋଇପାରିଛି । ଡିଜିଟାଲ ଫସଲ ସର୍ଭେ ଦ୍ୱାରା ରାଜ୍ୟକୁ ବାସ୍ତବବାଦୀ କ୍ଷେତ୍ର ଏବଂ ଉତ୍ପାଦନ ଆକଳନ, କ୍ରୟ ▶▶ ୫

## ଜାନୁଆରୀ ୨୧ରେ ଓଏସ୍ଏସ୍‌ଟିଇଟି ପରୀକ୍ଷା

**କଟକ,୨୬।୧୨/ଏନ୍ଏନ୍ଏସ୍:**

ଆସନ୍ତା ଜାନୁଆରୀ ୨୧ ତାରିଖରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର ଏଲିଜିବିଲିଟି ଟେଷ୍ଟ (ଓଏସ୍ଏସ୍‌ଟିଇଟି) ପରୀକ୍ଷା ଅନୁଷ୍ଠିତ ହେବ । ଗୋଟିଏ ସିଟିଂରେ ପେପର-୧ ଓ ପେପର-୨ ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବିଏସ୍‌ଇ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି । ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ମଧ୍ୟାହ୍ନ ୧୨.୩୦ ମିନିଟ ପର୍ଯ୍ୟନ୍ତ ଚାଲିବ । ଜାନୁଆରୀ ୧୦ ରୁ ବୋର୍ଡ଼ ୱେବ୍‌ସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ବିଏସ୍‌ଇଓଡ଼ିଶା.ଏସି.ଇନ୍‌ରୁ ପରୀକ୍ଷାର୍ଥୀମାନେ ଆଡ଼ମିଟକାର୍ଡ଼ ଡାଉନ୍‌ଲୋଡ୍ କରିପାରିବେ ବୋଲି ବିଏସ୍‌ଇ ପକ୍ଷରୁ ସୂଚନା ଦିଆଯାଇଛି ।

## ସ୍କୁଲ୍ ପିଲାଙ୍କୁ ମାଗଣା ବସ୍‌ସେବା

### ଡ୍ରପ୍‌ଆଉଟ୍ ହ୍ରାସ ପାଇଁ ପଦକ୍ଷେପ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:**

ରାଜ୍ୟରେ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଲାଗି ମାଗଣା ବସ୍ ସେବା ଆରମ୍ଭ ହେବ । ତେବେ 'ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନା'ରେ ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦନ ପ୍ରଦାନ କରିଛନ୍ତି । ଫଳରେ ଏନେଇ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶ ଯେ ରାଜ୍ୟରେ ବିଦ୍ୟାଳୟସ୍ତରରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀ ତଥା ଡ୍ରପ୍‌ଆଉଟ୍ ସମସ୍ୟାକୁ ହ୍ରାସ କରିବାକୁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏନେଇ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଲାଗି ଅନେକ ଯୋଜନା ▶▶ ୫


### ସବୁ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଶାହଙ୍କ ପରାମର୍ଶ

## ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ ଗଠନ କର


**ନୂଆଦିଲ୍ଲୀ, ୨୬।୧୨/ଏଜେନ୍ସି:**

**'ଆତଙ୍କବାଦ ବିରୋଧୀ ସମ୍ମିଳନୀ-୨୦୨୫' ଉଦ୍‌ଘାଟିତ**

**'ବିଶ୍ୱସ୍ତରୀୟ ପ୍ରତ୍ୟେକ ଆତଙ୍କୀ ଘଟଣାର ବିଶ୍ଳେଷଣ ଜରୁରି'**



ସାରା ଦେଶରେ ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ ଗଠନ କରାଯିବ । ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ସବୁ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକଙ୍କୁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ପରାମର୍ଶ ଦେଇଛନ୍ତି । ନୂଆଦିଲ୍ଲୀରେ 'ଆତଙ୍କବାଦ ବିରୋଧୀ ସମ୍ମିଳନୀ-୨୦୨୫'କୁ ଉଦ୍‌ଘାଟନ କରି ଶ୍ରୀ ଶାହ ଏଭଳି ପରାମର୍ଶ ଦେଇଛନ୍ତି । ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଦ୍ୱାରା ଏହି ଦୁଇ ଦିନିଆ ସମ୍ମିଳନୀ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମରେ ସାମିଲ ହେବା ପରିପ୍ରେକ୍ଷୀରେ ଶ୍ରୀ ଶାହ, ଏନ୍‌ଆଇଏର ଅପଡେଟ୍ ହୋଇଥିବା ଅପରାଧ ମାନୁଆଲ୍, ସଙ୍ଗଠିତ ଅପରାଧ ନେଟୱାର୍କ ଡାଟାବେସ୍ ଏବଂ ହଜିଯାଇଥିବା/ଲୁଟ୍ ଏବଂ ପୁନରୁଦ୍ଧାର ହୋଇଥିବା ଅସ୍ତ୍ର ଡାଟାବେସ୍‌କୁ ଉନ୍ମୋଚନ କରିଥିଲେ । ସେହିପରି କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆତଙ୍କବାଦ ବିରୋଧରେ ଶୂନ୍ୟ-ସହନଶୀଳତା ଦୃଷ୍ଟିକୋଣ ଅଧୀନରେ, ଏହି ବାର୍ଷିକ ସମ୍ମିଳନୀ ଆସନ୍ନ ବିପଦର ମୁକାବିଲା ପାଇଁ ଏକ ମଞ୍ଚରେ ପରିଣତ ହୋଇଛି । ଗତ ୩ ବର୍ଷ ମଧ୍ୟରେ ଆମେ ଏହି ସମ୍ମିଳନୀକୁ ବାର୍ଷିକ ପରମ୍ପରାରେ ପରିଣତ କରିବା ଦିଗରେ ଆଗକୁ ବଢ଼ିଛୁ । ଏହି ସମ୍ମିଳନୀ କେବଳ ଆଲୋଚନା ପାଇଁ ଏକ ମଞ୍ଚ ନୁହେଁ, ବରଂ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ପ୍ରସଙ୍ଗମାନ ଏଠାରେ ଉଠିଛି ଏବଂ ଏନ୍‌ଆଇଏ ରାଜ୍ୟର ସମସ୍ତ ସମ୍ପୃକ୍ତ ସଂସ୍ଥା ସହିତ ମିଶି ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ବର୍ଷସାରା ନିରନ୍ତର କାର୍ଯ୍ୟ କରୁଛି । ଫଳସ୍ୱରୂପ, ଆମେ ସାରା ଦେଶରେ ଏକ ଶକ୍ତିଶାଳୀ ଆତଙ୍କବାଦ ବିରୋଧୀ ▶▶ ୫



## ସରୋଜ କୁମାର ଶତପଥୀଙ୍କୁ 'ବ୍ୟଙ୍ଗମଣି' ସମ୍ମାନ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଓଡ଼ିଆ ସାହିତ୍ୟର ବ୍ୟଙ୍ଗ ଧାରାକୁ ନୂତନ ଦିଶା, ସମୟୋଚିତ ସଚେତନତା ଓ ସାର୍ଥକ ରମ୍ୟତାରେ ସମୃଦ୍ଧ କରିଥିବା ବ୍ୟଙ୍ଗ କବି ସରୋଜ କୁମାର ଶତପଥୀ ଚଳିତ ବର୍ଷ 'ଆଜ୍ଞା ନମସ୍କାର' ପତ୍ରିକା ତରଫରୁ ପ୍ରଦତ୍ତ ଗରିମାମୟ 'ବ୍ୟଙ୍ଗମଣି' ସମ୍ମାନରେ ଭୂଷିତ ହୋଇଛନ୍ତି। ଓଡ଼ିଆ ବ୍ୟଙ୍ଗ ସାହିତ୍ୟ କ୍ଷେତ୍ରରେ ନିଜସ୍ୱ ଶୈଳୀ, ସାମାଜିକ ସଚେତନତା ଓ ଶାଣିତ ବ୍ୟଙ୍ଗ ଲେଖନୀ ପାଇଁ ବ୍ୟଙ୍ଗ କବି ସରୋଜ କୁମାର ଶତପଥୀ ବେଶ ପରିଚିତ। ଦୁଇ ଦିନ ଧରି ଅନୁଷ୍ଠିତ କୋରାଇ ମଣ୍ଡଳ ସାହିତ୍ୟ ସଂସଦର ୪୩ତମ ବାର୍ଷିକୋତ୍ସବ ଓ ଅଷ୍ଟାଦଶ କୋରାଇ ମହୋତ୍ସବ–୨୦୨୫ ଅବସରରେ ଏହି ସମ୍ମାନ ଶ୍ରୀ ଶତପଥୀଙ୍କୁ ପ୍ରଦାନ କରାଯାଇଛି। ସମାରୋହରେ ବର୍ଷୀୟାନ ସାହିତ୍ୟିକ ନନ୍ଦକିଶୋର ସିଂହ, ଶ୍ରମିକ ନେତା ତଥା ପ୍ରାବନ୍ଧିକ ମାୟାଧର ନାୟକ, ପ୍ରାକ୍ତନ ରାଜ୍ୟସଭା ସାଂସଦ ଡ଼. ରାମଚନ୍ଦ୍ର ଖୁଣ୍ଟିଆ ଏବଂ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ଼ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଶ୍ରୀ ଶତପଥୀଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସମ୍ମାନ ପ୍ରଦାନ ସମାରୋହରେ ସଂସଦର ସଭାପତି, ସମ୍ପାଦକ ସହ ଅନେକ ପ୍ରତିଷ୍ଠିତ ସାହିତ୍ୟିକ, କବି, ସମାଲୋଚକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ। ବକ୍ତାମାନେ ତାଙ୍କର ବ୍ୟଙ୍ଗ ରଚନାରେ ସମାଜର ବିସଙ୍ଗତି, ବିରୋଧାଭାସ ଓ ଅନ୍ୟାୟକୁ ସରଳ କିନ୍ତୁ ତୀକ୍ଷ୍ଣ ଭାବେ ଉପସ୍ଥାପନ କରିବା କୌଶଳକୁ ଉଚ୍ଚ ପ୍ରଶଂସା କରିଥିଲେ।

## ଖାରବେଳ ଭବନରେ କ୍ୟାଣ୍ଟିନ୍ 'ସୃଜନ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଆଜି ଖାରବେଳଭବନର ପ୍ରଥମ ମହଲାରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ଏକ କ୍ୟାଣ୍ଟିନ 'ସୃଜନ' ଲୋକାର୍ପିତ ହୋଇଛି। ଆଇଆର୍‌ସିଟିସି ଦ୍ୱାରା ପରିଚାଳିତ ଏହି କ୍ୟାଣ୍ଟିନ୍‌କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ ଏଠାରେ କାର୍ଯ୍ୟ କରୁଥିବା ବିଭାଗଗୁଡିକର ପ୍ରାୟ ସାତଶହରୁ ଅଧିକ କର୍ମଚାରୀ ଉପକୃତ ହୋଇପାରିବେ। ଏତଦ୍‌ବ୍ୟତିତ ବିଭିନ୍ନ ସମୟରେ ଖାରବେଳଭବନକୁ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିବା ଲୋକେ ମଧ୍ୟ ଉପକୃତ ହୋଇପାରିବେ। କାରଣ ଏହାର ଆଖପାଖରେ ବିଶେଷ କିଛି ସୁବିଧା ନାହିଁ। ଏଠାରେ ବିମାନ ଓ ରେଳ ଟିକଟ ସୁବିଧାରେ ଉପଲବ୍ଧ କରାଯାଇଛି ଏବଂ ପର୍ଯ୍ୟଟନପାଇଁ ମଧ୍ୟ ପରାମର୍ଶ ଦିଆଯିବାର ବ୍ୟବସ୍ଥା ରହିଛି। ଏହି କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତା, ପରିଷ୍କାର ପରିଚ୍ଛନ୍ନତା ବଜାୟ ରହିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ଏହି କ୍ୟାଣ୍ଟିନ ଖାରବେଳଭବନରେ କାର୍ଯ୍ୟ କରୁଥିବା ସମସ୍ତ ବିଭାଗ ପାଇଁ ବ୍ୟବସ୍ଥିତ। ଏଠାକାର ବ୍ୟବସ୍ଥା ଆଦି ସମ୍ପର୍କରେ ଶ୍ରୀମତୀ ପାଢ଼ୀ ସୂଚନା ଦେଇଥିଲେ। ପ୍ରକାଶ ଥାଉ କି ଗତ ମାର୍ଚ୍ଚ ୩ତାରିଖ ଦିନ ରାଜ୍ୟ ସରକାର ଗୃହ ଓ ନଗର ଉନ୍ନୟନ ବିଭାଗକୁ ଖାରବେଳଭବନର ପରିଚାଳନା ପାଇଁ ନୋଡାଲ ବିଭାଗ ଭାବେ ଘୋଷଣା କରି ନିର୍ଦ୍ଦେଶନାମା ଜାରି କରିଥିଲେ। ସେହି ଅନୁଯାୟୀ ଏଠାରେ ନିକଟରେ ଏକ କ୍ରେଚ୍ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବାବେଳେ ମନ୍ତ୍ରୀ ଡକ୍ଟର ମହାପାତ୍ରଙ୍କ ଦ୍ୱାରା କ୍ୟାଣ୍ଟିନ୍ 'ସୃଜନ' ଓ ଲାଉଞ୍ଜ ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସମସ୍ତ ବିଭାଗୀୟ ପଦାଧିକାରୀ ଓ ଭାରତୀୟ ରେଳବାଇ ତରଫରୁ ଦକ୍ଷିଣ କେନ୍ଦ୍ରୀୟ ଜୋନ୍‌ର ଜିଜିଏମ୍ ପି ରାଜକୁମାର, ଭୁବନେଶ୍ୱର ଆଞ୍ଚଳିକ ପରିଚାଳକ ଅନୁଜ ଦତ୍ତ, କ୍ୟାଟରିଙ୍ଗ ସର୍ଭିସେସ୍ ସେବାର ଡିଜିଏମ୍ ବିକ୍ରମ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## ଶିରିଡ଼ି ସାଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଶିଷ ଦିବସ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଶ୍ରୀ ଶ୍ରୀ ଶିରିଡି ସାଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଶିଷ ଦିବସ ପାଳନ ଉପଲକ୍ଷେ ଦୁଇ ଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ଶିରିଡି ସାଇ ବାବାଙ୍କ ପରମ ଭକ୍ତ ଗୁରୁଜୀ ଡଃ. ଚନ୍ଦ୍ରଭାନୁ ଶତପଥୀଙ୍କ ୮୦ତମ ଜନ୍ମଦିନ ପାଳନ ଉପଲକ୍ଷେ ଚେତନା ମାନସିକ ଅନଗ୍ରସର ଅନୁଷ୍ଠାନରେ ଭିନ୍ନକ୍ଷମ ଶିଶୁମାନଙ୍କ ଗହଣରେ ଗୁରୁଜୀଙ୍କ ୮୦ତମ ଜନ୍ମ ଦିବସକୁ କେକ୍ କାଟି ମହମବତୀ ଜାଳି ଗୁରୁଜୀଙ୍କ ଦୀର୍ଘ ଜୀବନ କାମନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ରାଜ୍ୟ ଭାରତୀୟ ଜନତା ପାର୍ଟିର ଉପ-ସଭାପତି ଗୋଲକ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦାନ କରି ଆଧ୍ୟାତ୍ମିକ କ୍ଷେତ୍ରକୁ ଗୁରୁଜୀଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ଦିବସ କସ୍ତୁରବା ନାରୀ ମହଲ ପରିସରରେ ଭୁବନେଶ୍ୱର ମହାନଗର ଅଞ୍ଚଳର ସରକାରୀ ଓ ବେସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ମେୟର ସୁଲୋଚନା ଦାସ ଓ ଭାରତୀୟ ଜନତା ପାର୍ଟି ଓଡ଼ିଶା ରାଜ୍ୟ ଉପ-ସଭାପତି ଗୋଲକ ମହାପାତ୍ର ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ଓ ନିର୍ମାଣ ବିଭାଗର ଅତିରିକ୍ତ ସଚିବ ରେଣୁପ୍ରଭା ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ବିଶେଷ ଭାବେ ଉତ୍ସାହିତ କରିଥିଲେ। ଅପରାହ୍ଣ ଅଧିବେଶନରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଉପରେ ସଚେତନତା

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ପ୍ରତ୍ୟେକ ଶ୍ରମିକଙ୍କର ସାମାଜିକ ସୁରକ୍ଷା ହେଉଛି ଅଧିକାର। ଏଥିପାଇଁ ପ୍ରତ୍ୟେକ ଶ୍ରମିକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଓ ଆଇନ୍ ବାବଦରେ ଜାଣିବା ଜରୁରୀ ବୋଲି ସ୍ଥାନୀୟ ରେଡକ୍ରସ୍ ଭବନଠାରେ ଆକ୍ସନ୍‌ଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଶ୍ରମିକ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି।

ମୁଖ୍ୟଅତିଥି ଭାବେ ଦତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା କଲ୍ୟାଣ ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଧର୍ମେନ୍ଦ୍ର ମିଶ୍ର ଯୋଗଦାନ କରି ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଉପରେ ଅଭିଭାଷଣ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଟ୍ରେଡ୍ ୟୁନିୟନ ଲିଡର୍ ମହେନ୍ଦ୍ର ପରିଡ଼ା ଯୋଗଦାନ କରି ଶ୍ରମିକଙ୍କ ଅଧିକାର ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଲୟର ନବୀନ୍ ମହାପାତ୍ର ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସାମ୍ବାଦିକ ସୁଦର୍ଶନ ଛୋଟରାୟ ଶ୍ରମିକମାନଙ୍କ ବିକାଶ ପାଇଁ ନିଜର ଅଧିକାରକୁ ଜାଣିବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କେନ୍ଦ୍ର ସଂଚାଳକ ସଦାଶିବ ସ୍ୱାଇଁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଶିବ ସାହୁ ପ୍ରଦାନ କରିଥିବା ବେଳେ ସ୍ନିଗ୍ଧା ଦାସ ସମସ୍ତଙ୍କୁ ଦେଇଥିଲେ।

## ଗୋନାସିକା କେନ୍ଦୁଝର ମହୋତ୍ସବ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶାରେ ଆରମ୍ଭ ହୋଇଛି ନିର୍ମାଣର ଯଜ୍ଞ'

**ଭୁବନେଶ୍ୱର, କେନ୍ଦୁଝର,୨୬।୧୨/ ଏନ୍ଏନ୍ଏସ୍:** ଆଜିଠୁ କେନ୍ଦୁଝରଠାରେ ଗୋନାସିକା-କେନ୍ଦୁଝର ମହୋତ୍ସବ ଆରମ୍ଭ ହୋଇଛି। ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶାକୁ ସମୃଦ୍ଧ କରିବା ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି। ଆସନ୍ତା ୧୦ ବର୍ଷ ମଧ୍ୟରେ ଅର୍ଥାତ ୨୦୩୬ ସୁଦ୍ଧା ଓଡିଶା ଦେଶର ପ୍ରଥମ ପାଞ୍ଚଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ନିଜ ଅଭିଭାଷଣରେ ସେ କହିଛନ୍ତି ଯେ ଆଜି ଓଡ଼ିଶାର ନୂତନ ନିର୍ମାଣର ଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ଆମ ସରକାର ରେକର୍ଡ ୬୫ ହଜାର କୋଟି ଟଙ୍କାରୁ ବି ଅଧିକ ବ୍ୟବସ୍ଥା କରାଯାଇଛି। ଆଜି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ରେଳ ସଂଯୋଗ, ଉତ୍ତମ ରାସ୍ତା ସଂଯୋଗ ପାଇଁ କାର୍ଯ୍ୟ ଚାଲୁଛି। ଆମ ସରକାର ୨୦୨୭ ସୁଦ୍ଧା ରାଜ୍ୟର ପ୍ରତି ଗ୍ରାମକୁ ସବୁଦିନିଆ ରାସ୍ତା, ସବୁ ଗାଁକୁ ବିଜୁଳି ଏବଂ ସବୁ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ 'ମିଶନ ପାୱାର'ର ଗଠନ କରିଛନ୍ତି। ୨୦୩୬ ସୁଦ୍ଧା ଓଡିଶା ଦେଶର ପ୍ରଥମ ପାଞ୍ଚଗୋଟି ଶ୍ରେଷ୍ଠ ବିକଶିତ ରାଜ୍ୟର ଅଂଶବିଶେଷ ହେବ। ଏଥିପାଇଁ ଆମେ ରାଜ୍ୟରେ ଏକ ନୂତନ ଶିଳ୍ପ ବିପ୍ଳବ ଆରମ୍ଭ କରିଦେଇଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଶାସନ କ୍ଷମତାକୁ ଆସିବାର ମାତ୍ର ସାତ ମାସ ମଧ୍ୟରେ ଆମ ରାଜ୍ୟ ବିଭିନ୍ନ ପ୍ରକଳ୍ପ ପାଇଁ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ପାଇଥିଲା, ଉତ୍କର୍ଷ ଓଡିଶା ମାଧ୍ୟମରେ ଯାହା ଫଳରେ ୧୩ ଲକ୍ଷରୁ ଅଧିକ ରୋଜଗାର ସୃଜନ ହେବ। ଉତ୍କର୍ଷ ଓଡିଶାର ମାତ୍ର ୧୧ ମାସ ମଧ୍ୟରେ ଆଜି ରାଜ୍ୟରେ ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ହୋଇ ସାରିଛି ଏବଂ ଆଗାମୀ ଦିନରେ ଏଥିରୁ ଦେଢ ଲକ୍ଷ ରୋଜଗାର ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂହ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ଡକ୍ଟର ଫକୀର ମୋହନ ନାୟକ, ବିଧାୟକ ଅଖିଳ ଚନ୍ଦ୍ର ନାୟକ, ଡିଆଇଜି ବ୍ରିଜେସ ରାଏ ଓ ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ।

## ପ୍ରଫେସର୍ ଘନଶ୍ୟାମ ଦାଶ ଛାତ୍ରବୃତ୍ତି ବିଜେତାଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଆଜି ପ୍ରତିଷ୍ଠିତ 'ପ୍ରଫେସର ଘନଶ୍ୟାମ ଦାଶ ସ୍କୋଲାର୍ଶିପ ଫର୍ କୋରାପୁଟ) ଏବଂନବଜ୍ୟୋତି ଗିରି ଯିଏ ଏନ୍‌ଆଇଟି ରାଉରକେଲାରେ ବି. ଟେକ୍ କମ୍ପ୍ୟୁଟର ସାଇନ୍ସରେ ନାମ ଲେଖାଇଛନ୍ତି ।



ହାଇୟର ଏଜୁକେସନ୍ ( ପିଜିଡିଏସ୍) ବିଜେତାଙ୍କୁ ସମ୍ମାନିତ କରାଯାଇଛି। ୨୦୨୫-୨୦୨୬ ଶିକ୍ଷାବର୍ଷରେ ଚାରି ଜଣ ଡାକ୍ତରୀ ପାଠ ପଢୁଥିବା ପ୍ରାପ୍ତକର୍ତ୍ତା ଅଛନ୍ତି। ସେମାନେ ହେଲେ ଚୁମ୍‌କି ଜେନା (ଏମ୍‌ସ୍ ଭୁବନେଶ୍ୱର), ଅନ୍ନପୂର୍ଣ୍ଣା ଚକ୍ରବର୍ତ୍ତୀ (ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, କଟକ), ଜ୍ଞାନ ରଞ୍ଜନ ବେହେରା (ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲ, ପୁରୀ), ଧବଳେଶ୍ୱର ପୂଜାରୀ (ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ,

ପ୍ରତିବର୍ଷ ଇଞ୍ଜିନିୟରିଂ, ମେଡିସିନ୍, ଏସ୍‌ଟିଇଏମ୍ ଏବଂ ଲିବରଲ ଆର୍ଟରେ ବୃତ୍ତିଗତ ଡିଗ୍ରୀ ହାସଲ କରୁଥିବା ମେଧାବୀ ଛାତ୍ରମାନେ ଏହି ପ୍ରତିଷ୍ଠିତ ଛାତ୍ରବୃତ୍ତି ପାଆନ୍ତି। ମନୋନୀତ ପ୍ରାର୍ଥୀମାନେ ପ୍ରତି ପ୍ରାପ୍ତକର୍ତ୍ତାଙ୍କ ପାଇଁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୪ ବର୍ଷର ପାଠ୍ୟକ୍ରମ ପାଇଁ ଶିକ୍ଷାଗତ ଫି ଏବଂ ଯୋଗ୍ୟ ଖର୍ଚ୍ଚର ୯୦% ପର୍ଯ୍ୟନ୍ତ ପାଇବେ। ଇମ୍ଫା ଦ୍ୱାରା ୨୦୦୫ ରେ ପ୍ରତିଷ୍ଠା କରାଯାଇଥବା ଏହି ଛାତ୍ରବୃତ୍ତି ପ୍ରଖ୍ୟାତ ଇତିହାସବିଜ୍ଞାନୀ ସ୍ୱର୍ଗତ ପ୍ରଫେସର ଘନଶ୍ୟାମ ଦାସଙ୍କ ନାମରେ ନାମିତ; ଏହା ସ୍ୱର୍ଗତ ଶ୍ରୀମତୀ ଇଲା ପଣ୍ଡାଙ୍କ ପିତା; ଉଚ୍ଚଶିକ୍ଷାକୁ ସହଜ କରିବା ପାଇଁ ଆର୍ଥିକ ସହାୟତା ମାଧ୍ୟମରେ ସମାନ ସୁଯୋଗ ପ୍ରଦାନ କରିବା। ୨୦୧୬ଠାରୁ ବିଆଇପିଏଫ୍ ଏହି ଛାତ୍ରବୃତ୍ତିର ଦାୟିତ୍ୱ ଗ୍ରହଣ କରିଛି ଏବଂ ପରାମର୍ଶ ପାଇଁ ଏକ ଅର୍ଥପୂର୍ଣ୍ଣ ବିଭାଗ 'ଉତ୍ସାହ' ପ୍ରଚଳନ କରି ଏକ ନୂତନ ଦିଗ ଯୋଡିଛି। ସମସ୍ତ ପ୍ରାପ୍ତକର୍ତ୍ତା ୨୦ ରୁ ଅଧିକ ମଡ୍ୟୁଲ ଉପରେ ପରାମର୍ଶ, ପ୍ରଶିକ୍ଷଣ ଏବଂ ଭର୍ଚୁଆଲ୍ ଅଧିବେଶନ ପାଇବେ, ବିଶେଷ ଭାବରେ ସେମାନଙ୍କୁ ଶିକ୍ଷାଗତ ଧ୍ୟାନ, ସମୟ ପରିଚାଳନା, କ୍ୟାରିଅର ସମ୍ଭାବନା, ମାନସିକ ସୁସ୍ଥତା, ଏ ଆଇ ଦକ୍ଷତା, ଜୀବନ ଏବଂ ସାମାଜିକ ଦକ୍ଷତାକୁ ସୁଦୃଢ଼ କରିବା, ସେମାନଙ୍କର ଆଭ୍ୟନ୍ତରୀଣ ସମ୍ଭାବନା, ନେଟୱାର୍କ୍ ସୁଯୋଗ ଚିହ୍ନଟ କରିବା, ସେମାନଙ୍କର ବକ୍ ?ତୃତା ଏବଂ ନେତୃତ୍ୱ ଗୁଣଗୁଡ଼ିକୁ ଉନ୍ନତ କରିବା ଏବଂ ଏକ ସୁଚିନ୍ତିତ ପଥ ପାଇଁ ସେମାନଙ୍କର କ୍ଷମତା ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ପ୍ରାପ୍ତକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ଶୈଫାଳିକା ପଣ୍ଡା (ଟ୍ରଷ୍ଟି ଏବଂ ପ୍ରତିଷ୍ଠାତା ସିଇଓ, ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ) କହିଛନ୍ତି ଯେ ଶିକ୍ଷା ମୌଳିକ। ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତିଙ୍କ ପାଇଁ। ଏହାର ପ୍ରଭାବ ପରିବାରକୁ ଉନ୍ନତ କରିଥାଏ ଏବଂ ସମଗ୍ର ସମ୍ପ୍ରଦାୟକୁ ପରିବର୍ତ୍ତନ କରିଥାଏ। ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମର୍ଥନ କରି, ଆମେ ଜାତୀୟ ଅଭିବୃଦ୍ଧି ପାଇଁ ସକ୍ଷମ ହେବା ପାଇଁ ସେମାନଙ୍କର ସମ୍ଭାବନାକୁ ଇନ୍ଧନ ଦେଉଛୁ। ସଫଳତାର ପଥକୁ ଆହୁରି ମଜବୁତ କରିବା ପାଇଁ ଆମେ ଛାତ୍ରଛାତ୍ରୀମାନଙ୍କୁ ଏହି ନିରନ୍ତର ବିକଶିତ ହେଉଥିବା ବିଶ୍ୱରେ ସୂଚିତ ନିଷ୍ପତ୍ତି ନେବା ପାଇଁ ନେତୃତ୍ୱ ଗୁଣବତ୍ତା ଏବଂ ଚତୁର ଦକ୍ଷତା ବିକାଶ କରିବାରେ ସାହାଯ୍ୟ କରିବା ପାଇଁ ଏକ ପରାମର୍ଶ କାର୍ଯ୍ୟକ୍ରମ ହାତକୁ ନେଉଛୁ।

## 'ସାହିତ୍ୟିକଙ୍କ ଉତ୍‌ଥାନରେ ସାହିତ୍ୟ ଏକାଡେମୀର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ତାର ମୂଳ ଲକ୍ଷ୍ୟରୁ ଓହରି ନଯାଇ ପୁରାତନ ସାହିତ୍ୟ, ସଂସ୍କୃତି ସଂଗଠନ, ସାହିତ୍ୟିକ, ଅବହେଳିତ ନୂତନ ପିଢ଼ିର ସାହିତ୍ୟିକ ମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ତିଆରି କରିବାକୁ ପ୍ରୟାସ କରୁ ବୋଲି ଓଡ଼ିଶାର ପୁରାତନ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ 'ଚଳାପଥ' ପକ୍ଷରୁ ଆୟୋଜିତ ଏକ ଆଲୋଚନାଚକ୍ରରେ ଭାଗନେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଚଳାପଥର ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ସାମ୍ବାଦିକ ଭୁବନ ମୋହନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଚଳାପଥର ପ୍ରତିଷ୍ଠାତା ସମ୍ପାଦକ ସାମ୍ବାଦିକ ହଳଧର ଧୀର ଯୋଗଦେଇ ଓଡ଼ିଶାର ଗୌରବ ବୃଦ୍ଧି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଓଡ଼ିଶା ସାହିତ୍ୟ ଏକାଡେମୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସାହିତ୍ୟିକମାନଙ୍କର ଉତ୍‌ଥାନରେ ସାହିତ୍ୟ ଏକାଡ଼େମୀ କାର୍ଯ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହି ଆଲୋଚନାରେ ବରିଷ୍ଠ ସାହିତ୍ୟିକ ଯୋଗେନ୍ଦ୍ର କୁମାର ନାୟକ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ପବିତ୍ର ମୋହନ ରାଉତରାୟ, ଗୀତାଞ୍ଜଳି ଦଳାଇ, ମଧୁସ୍ମିତା ଶା, ସସ୍ମିତା ଜେନା, ଜଗନ୍ନାଥ ଧୀର ଓ ନରେଶ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## କଳିଙ୍ଗ ଷ୍ଟାଡିୟମ୍‌ରେ ରାଜ୍ୟ ଯୁବ ମହୋତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଓଡ଼ିଶାର ଯୁବପିଢ଼ିଙ୍କ ପ୍ରତିଭା ଓ ଉତ୍ସାହର ପ୍ରତୀକ ସାଜିଥିବା 'ରାଜ୍ୟ ଯୁବ ମହୋତ୍ସବ-୨୦୨୫' ଆଜି କଳିଙ୍ଗ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ତିନି ଦିନିଆ ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଯୁବ ପ୍ରତିଭାମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଯୁବ ମହୋତ୍ସବର ବିଜୟୀ ପ୍ରତିଭାମାନେ ଆଗାମୀ ଦିନରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା 'ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ'ରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ।

ସୂଚନା ଅନୁଯାୟୀ କବିତା ଲିଖନରେ ୩ଜଣ, ବିଜ୍ଞାନ ମେଳାରେ ୩ଟି ଦଳ, ବକ୍ତୃତାରେ ୩ ଜଣ, ଗଳ୍ପ ଲିଖନରେ ୩ ଜଣ, ଚିତ୍ରାଙ୍କନରେ ୩ ଜଣ ଏବଂ ଯୁବ ପ୍ରତିଭା ବିଜୟୀ ଭାବେ ଚୟନିତ ହୋଇଛନ୍ତି। ଲୋକସଂଗୀତ ପାଇଁ ୩ଟି ଏବଂ ଲୋକନୃତ୍ୟ ପାଇଁ ୩ଟି ସାଂସ୍କୃତିକ ଦଳକୁ ଚୟନିତ କରାଯାଇଛି। ଆଜିର ଉଦ୍‌ଯାପନୀ ସମାରୋହରେ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଆଜିର ଯୁବପିଢ଼ି ହିଁ ଆଗାମୀ କାଲିର ଭବିଷ୍ୟତ। ଯୁବପିଢ଼ି ହେଉଛନ୍ତି ବିକଶିତ ଓଡ଼ିଶା ନିର୍ମାଣର ମୂଳଦୁଆ। ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ରାଜ୍ୟ ଯୁବ ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ମତପ୍ରକାଶ କରିଥିଲେ। କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କ୍ରୀଡ଼ା ନିର୍ଦ୍ଦେଶକ ଡ଼ା. ଯେଦୁଲା ବିଜୟ, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ଅଶୋକ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ରାଜ୍ୟ ଯୁବ ମହୋତ୍ସବରେ ଆୟୋଜିତ ହୋଇଥିବା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଉଚ୍ଚ ଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୁକ୍ରବାର ଲୋକ ଭବନରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ଓଡ଼ିଶାରେ ଉଚ୍ଚ ଶିକ୍ଷାର ବର୍ତ୍ତମାନର ସ୍ଥିତି ଏବଂ ସେହି ସମ୍ପର୍କିତ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ରାଜ୍ୟପାଳଙ୍କୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇଥିଲେ। ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା, ଯୋଗ୍ୟତା ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ମନ୍ତ୍ରୀ ଅବଗତ କରାଇଥିଲେ। ରାଜ୍ୟର ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଶୈକ୍ଷିକ ବାତାବରଣ ଓ ଶାସନକୁ ସୁଦୃଢ଼ କରିବା, ଶୈକ୍ଷିକ ମାନ ଉନ୍ନତ କରିବା, ଆନୁଷ୍ଠାନିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ଏବଂ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷଣ ଓ ଅଧ୍ୟୟନର ଗୁଣାତ୍ମକତା ବୃଦ୍ଧି ନିମନ୍ତେ ଗ୍ରହଣ କରାଯାଇଥିବା ସଂସ୍କାରଗୁଡ଼ିକ ସମ୍ପକରେ ମଧ୍ୟ ମନ୍ତ୍ରୀ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏତଦ୍‌ବ୍ୟତୀତ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଦିଗରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ ନିଆଯାଇଥିବା ପଦେକ୍ଷପଗୁଡ଼ିକ ବିଷୟରେ ଆଲୋଚନା କରାଯାଇଥିଲା। ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପକୁ ପ୍ରଶଂସା କରିବା ସହ ଓଡ଼ିଶାରେ ଉଚ୍ଚଶିକ୍ଷାର ସାମଗ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଶୈକ୍ଷିକ ଉତ୍କର୍ଷ, ପ୍ରଭାବୀ ଶାସନ ଏବଂ ଛାତ୍ର କୈନ୍ଦ୍ରିକ ଆଭିମୁଖ୍ୟ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ।

### ଆଉ ଚାରି ଜିଲ୍ଲାରେ ଚାଷୀଙ୍କୁ ଟୋକନ୍ ପ୍ରଦାନ

## ୧୨ ଜିଲ୍ଲାରେ ଧାନସଂଗ୍ରହ ଜାରି

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନକିଣା ଜାରି ରହିଥିବାବେଳେ ଆଉ ଚାରୋଟି ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ୍ ପ୍ରଦାନ କରାଯାଇଛି। ବାଲେଶ୍ୱର, ନୟାଗଡ଼, ଗଜପତି ଓ କନ୍ଧମାଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଆଗୁଆ ଟୋକନ୍ ପ୍ରଦାନ କରାଯାଇଛି। ବାଲେଶ୍ୱର ଓ ନୟାଗଡ଼ ଜିଲ୍ଲାରେ ଆସନ୍ତା ୨୯ ତାରିଖରେ ଧାନସଂଗ୍ରହ ଆରମ୍ଭ ହେଉଥିବାବେଳେ ଗଜପତିରେ ଆସନ୍ତା ୩୦ ତାରିଖରେ ଏବଂ କନ୍ଧମାଳରେ ୩୧ ତାରିଖରେ ଧାନସଂଗ୍ରହ ଆରମ୍ଭ କରାଯିବ। ବାଲେଶ୍ୱର ଜିଲ୍ଲାରେ ୬୫ ହଜାର ୨୭୩ ଜଣ, ନୟାଗଡ଼ ଜିଲ୍ଲାରେ ୨୮ ହଜାର ୭୨୩, ଗଜପତିରେ ୧୦ ହଜାର ୧୧୨ ଜଣ ଏବଂ କନ୍ଧମାଳ ଜିଲ୍ଲାରେ ୩୧୭୬ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି। ଏହି ସବୁ ଜିଲ୍ଲାର ମଣ୍ଡିଗୁଡ଼ିକରେ ଅସ୍ଥାୟୀ ଆଶ୍ରୟସ୍ଥଳୀ, ପାନୀୟ ଜଳ, ଶୌଚାଳୟ ଭଳି ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ମଣ୍ଡିରେ ସିସିଟିଭି ଲଗାଯିବା ସହ ମଣ୍ଡି ମନିଟରିଂ ଅଧିକାରୀ ଓ ସୁପରଭାଇଜିଂ ଅଧିକାରୀମାନେ ଉପସ୍ଥିତ ରହି ଧାନସଂଗ୍ରହ ପ୍ରକ୍ରିୟାର ତଦାରଖ କରିବେ। ଏତଦ୍‌ବ୍ୟତୀତ ବର୍ତ୍ତମାନ ରାଜ୍ୟର ୧୨ଟି ଜିଲ୍ଲା ଯଥା-ବରଗଡ଼, ବଲାଙ୍ଗୀର, ବୌଦ୍ଧ, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ରେ ଧାନସଂଗ୍ରହ ଜାରି ରହିଛି। ଏହି ସବୁ ଜିଲ୍ଲାଗୁଡ଼ିକରୁ ବର୍ତ୍ତମାନ ସୁଦ୍ଧା ୧ ଲକ୍ଷ ୪୧ ହଜାର ୩୮୧ ଜଣ ଚାଷୀଙ୍କଠାରୁ ୬ ଲକ୍ଷ ୩୦ ହଜାର ୪୩୮ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ସାରିଲାଣି। ଏଥି ସହ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୯୧୯ କୋଟି ୧୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବାବେଳେ ଇନ୍‌ପୁଟ୍ ସହାୟତା ବାବଦକୁ ୨୮୩ କୋଟି ୬୧ ଲକ୍ଷ ଟଙ୍କା ଚାଷୀମାନଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇସାରିଲାଣି।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର,୨୬।୧୨/ଏନ୍ଏନ୍ଏସ୍:** ପଣ୍ୟ ପରିବହନ କ୍ଷମତା ବୃଦ୍ଧି ଓ ପୋର୍ଟ–ରେଳ ସମନ୍ୱୟ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଓ ପାରାଦୀପ ପୋର୍ଟ ପ୍ରାଧିକାରୀଙ୍କ ମଧ୍ୟରେ 'ଇଞ୍ଜିନ୍-ଅନ୍-ଲୋଡ୍ (ଇଓଏଲ୍) ଯୋଜନା' ଅଧୀନରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଯୋଜନା ଅନୁଯାୟୀ, ପଣ୍ୟ ବୋଝେଇ ଓ ନିଷ୍କାସନ ସମୟରେ ଲୋକୋମୋଟିଭ୍‌ଗୁଡ଼ିକୁ ରେକ୍ ସହ ଲଗାଇ ରଖାଯିବ ଯାହାଦ୍ୱାରା



ଇଞ୍ଜିନ୍ ଖୋଲିବା ଓ ପୁନଃ ସଂଯୋଗ କରିବାର ଆବଶ୍ୟକତା ପଡ଼ିବ ନାହିଁ। ଏହା ଦ୍ୱାରା ସମୟ ସଞ୍ଚୟ, ଲୋକୋମୋଟିଭ୍‌ର ଉତ୍ପାଦକତା ବୃଦ୍ଧି ଏବଂ ୱାଗନ୍ ଓ ଟ୍ରେନ୍ ରେକ୍‌ର ଦ୍ରୁତ ଟର୍ନ୍-ଏରାଉଣ୍ଡ ସମ୍ଭବ ହୋଇପାରିବ। ଏହି ଯୋଜନା ୟାର୍ଡ଼ ଓ ସାଇଡିଂରେ ଭିଡ଼ କମେଇ ପଣ୍ୟ ପରିଚାଳନାକୁ ଅଧିକ ସୁଗମ କରିବ। 'ଇଞ୍ଜିନ୍-ଅନ୍-ଲୋଡ୍' ଯୋଜନା ଦ୍ୱାରା ପଣ୍ୟ ପରିବହନର ଦ୍ରୁତ ନିଷ୍କାସନ, ସମ୍ପତ୍ତିର ଉତ୍ତମ ବ୍ୟବହାର ଏବଂ ନିର୍ଭରଯୋଗ୍ୟ ଓ ସୁନିଶ୍ଚିତ ପଣ୍ୟ ସେବା ସୁନିଶ୍ଚିତ ହୋଇପାରିବ। ଅତିରିକ୍ତ ଢାଞ୍ଚା ତିଆରି ନକରି ସାମର୍ଥ୍ୟ ବୃଦ୍ଧି ଏହି ଯୋଜନାର ଏକ ମୁଖ୍ୟ ଲାଭ ଯାହା ଭାରତୀୟ ରେଳୱେର କାର୍ଯ୍ୟକୁଶଳତା ଓ ସୁସ୍ଥାୟୀ ପରିଚାଳନା ଲକ୍ଷ୍ୟ ସହ ସମନ୍ୱୟ ରଖେ। ପାରାଦୀପ ପୋର୍ଟ ଅଧ୍ୟକ୍ଷ ପି. ଏଲ. ହରନାଧଙ୍କ ଉପସ୍ଥିତିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ୍ ଓ ପାରାଦୀପ ପୋର୍ଟ ଟ୍ରାଫିକ୍ ମ୍ୟାନେଜର ଜି. ଏଡିସନ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଏହି ରେଳ–ପୋର୍ଟ ସହଯୋଗ ପାରାଦୀପ ପୋର୍ଟରେ ପଣ୍ୟ କାରବାର କ୍ଷମତା ବୃଦ୍ଧି, ମଲ୍ଟିମୋଡାଲ୍ ଲଜିଷ୍ଟିକ୍ସ ସୁଦୃଢ଼ିକରଣ ଓ ପୂର୍ବତଟ ରେଳପଥର ପଣ୍ୟ ପରିବହନ ଚଳାଚଳକୁ ଅଧିକ ଗତିଶୀଳ କରି ଏହି ଅଞ୍ଚଳର ଆର୍ଥିକ ଉନ୍ନତିକୁ ସମର୍ଥନ ଦେବ ବୋଲି ଆଶା କରାଯାଉଛି।

# ଆରପାରିରେ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି

**● ଶବାଧାରରେ ପୁଷ୍ପାର୍ଘ୍ୟ ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ● ବିଧାନସଭା ପରିସରରେ ଗାର୍ଡ ଅଫ୍ ଅନର୍ ପ୍ରଦାନ**



**ଭୁବନେଶ୍ୱର,୨୬ା୧୨/ଏନ୍ଏନ୍ଏସ୍:** ଆଉ ଇହ ଜଗତରେ ନାହାନ୍ତି ବରିଷ୍ଠ ନେତ୍ରୀ ତଥା କୋରେଇ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି(୬୬)। ଶୁକ୍ରବାର ପୂର୍ବାହ୍ଣରେ ସେ ପରଲୋକ ଗମନ କରିଛନ୍ତି। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୀତିଜ୍ଞ ଶେଷ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବି ତାଙ୍କ ଶବାଧାରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଛନ୍ତି।

ସ୍ୱର୍ଗତା ସଞ୍ଚିତା ମହାନ୍ତି ଭାରତୀୟ ଜନତା ପାର୍ଟିର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ଥିଲେ। ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସେ କୋରେଇ ବିଧାୟିକା ଭାବେ କାର୍ଯ୍ୟ କରିଥିଲେ। ସଞ୍ଚିତା ମହାନ୍ତି ୧୯୫୮ ମସିହାର ସେପ୍ଟେମ୍ବର ୧୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ସେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଏବଂ ପରେ ଓଡ଼ିଶୀ ନୃତ୍ୟରେ ମଧ୍ୟ ସ୍ନାତକତ୍ତୋର କରିଥିଲେ। ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଇନ ପଢ଼ିଥିଲେ। ସେ ଜଣେ ଓକିଲ ଭାବରେ କାର୍ଯ୍ୟ କରୁଥିଲେ। ସଞ୍ଚିତା ମହାନ୍ତି ଭାରତୀୟ ଜନତା ପାର୍ଟିର ଜଣେ କର୍ମୀ ଭାବରେ ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ। ସେ ୨୦୦୪ ମସିହାରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହାପରେ ସଞ୍ଚିତା ୨୦୦୯ ମସିହାରେ ଓଡ଼ିଶା ବିଧାନସଭା ପାଇଁ ହୋଇଥିବା ସାଧାରଣ ନିର୍ବାଚନରେ ପୁଣିଥରେ କୋରେଇ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ସମୁଦାୟ ୬,୧୦୧ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ଥିଲେ।

ସେ କେବଳ ଜଣେ ଦକ୍ଷ ରାଜନେତ୍ରୀ ନୁହଁନ୍ତି ବରଂ ଜନସେବା ଓ ସାଙ୍ଗଠନିକ କାର୍ଯ୍ୟରେ ଜଣେ କର୍ମଠ ନେତ୍ରୀ ଥିଲେ। କୋରେଇ ଅଞ୍ଚଳର ବିକାଶ ଏବଂ ଜନକଲ୍ୟାଣ ପାଇଁ ନିରନ୍ତର ପରିଶ୍ରମ କରି ସାଧାରଣ ଜନତାଙ୍କ ହୃଦୟରେ ଏକ ବିଶେଷ ସ୍ଥାନ ଅଧିକାର କରିଥିଲେ। ଦଳର କାୟା ବିସ୍ତାରରେ ସ୍ୱର୍ଗତଃ ସଂଚିତା ଅପାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ଶେଷ ସମୟ ପର୍ଯ୍ୟନ୍ତ ସେ ଦଳ ପାଇଁ କାର୍ଯ୍ୟ କରିଥିଲେ। ରାଜନୀତି ସହ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ରାଜନୀତି ଓ ଭାରତୀୟ ଜନତା ପାର୍ଟିର ପ୍ରଭୂତ କ୍ଷତି ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ଓ ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି କହିଛନ୍ତି।

ଆଜି ପୂର୍ବାହ୍ଣରେ ଶେଷଦର୍ଶନ ନିମନ୍ତେ ବିଧାନସଭା ପରିସରକୁ ତାଙ୍କ ମରଶରୀର ଅଣାଯାଇଥିଲା । ସେଠାରେ ତାଙ୍କୁ ପୁଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ଅମରେନ୍ଦ୍ର ଦାସ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ତାଙ୍କର ଶେଷଦର୍ଶନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ସ୍ୱର୍ଗତଃ ମହାନ୍ତିଙ୍କ ପାର୍ଥୀବ ଶରୀର ଗୁରୁବାର ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସମୀର ମହାନ୍ତି ଓ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି ଦଳୀୟ ପତାକା ପ୍ରଦାନ କରି ଶେଷ ସମ୍ମାନ ଜଣାଇବା ସହ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଭାବବିହ୍ୱଳ ପରିବେଶରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ସାଧାରଣ ସମ୍ପାଦକ (ସଂଗଠନ) ପ୍ରସନ୍ନ ମିଶ୍ର, ବିଧାୟକ ବାବୁ ସିଂ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉପସଭାପତି ବିଷ୍ଣୁ ଦାସ, ଅଶୋକ ମିଶ୍ର, କେ. ନାରାୟଣ ରାଓ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା ଡ. ପ୍ରୀତିପ୍ରତିଭା ଭୋଳ, ବରିଷ୍ଠ ନେତା ସୁଦୀପ୍ତ ରାୟ, ମହେଶ ମହାନ୍ତି, ସୁଦର୍ଶନ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ଦଳର ପ୍ରତିଷ୍ଠା ଦିବସରେ ନବୀନଙ୍କ ଦୃଢ଼ୋକ୍ତି**

# ବିଜେଡି ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସ୍ୱର ହୋଇ ରହିବ

**ଭୁବନେଶ୍ୱର,୨୬ା୧୨/ଏନ୍ଏନ୍ଏସ୍:** ଗଣତନ୍ତ୍ରରେ ହାର୍‌ଜିତ ରହିଛି। କିନ୍ତୁ କିଛି ଲୋକ ଓ କିଛି ଦଳ ଏବେ ବିଜୁ ଜନତା ଦଳକୁ ନେଇ ଅପପ୍ରଚାର କରୁଛନ୍ତି। ବିଜୁ ଜନତା ଦଳ ଭାଙ୍ଗି ଯିବ.. ଇତ୍ୟାଦି ନାନା ଗୁଜବ ମଧ୍ୟ ସୃଷ୍ଟି କରାଯାଉଛି। କିନ୍ତୁ ସେମାନେ ଜାଣି ରଖିବା ଉଚିତ ଯେ ବିଜୁ ଜନତା ଦଳ ଓଡ଼ିଶବାସୀଙ୍କ ଦଳ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷା ଓ ସ୍ୱାଭିମାନ ସହ ବିଜେଡି ଜଡ଼ିତ। ବିଜେଡି ରହିଛି ଏବଂ ଆଗାମୀ ଶହେ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡିଶାବାସୀଙ୍କ ସ୍ୱର ହୋଇ ରହିବ ବୋଲି ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଶୁକ୍ରବାର ଶଙ୍ଖ ଭବନରେ ବିଜୁ ଜନତା ଦଳ ୨୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ନେତା ଓ କର୍ମୀମାନଙ୍କୁ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ ଏଭଳି କହିଛନ୍ତି।



ବିଜୁ ଜନତା ଦଳକୁ ଏକ ସଫଳ ଆଞ୍ଚଳିକ ଦଳ ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ୧୯୯୭ ରୁ ବିଜେଡି ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶାବାସୀଙ୍କ ସେବା କରିଚାଲିଛି। ୨୦୦୦ ରୁ ୨୦୨୪ ପର୍ଯ୍ୟନ୍ତ ବିଜେଡି ଶାସନ ଥିଲା ଓଡିଶାର ବିକାଶ ଇତିହାସର ସୁବର୍ଣ୍ଣ ଯୁଗ। ଦାରିଦ୍ର୍ୟ, କ୍ଷୁଧା, ଶିଶୁ ମୃତ୍ୟୁ ଓ ପ୍ରାକୃତିକ ବିପତ୍ତି ସହ ଲଢ଼ିଛୁ। ସଫଳ ମଧ୍ୟ ହୋଇଛୁ। ଓଡ଼ିଶାକୁ ନୂଆ ପରିଚୟ ଦେଇଛୁ। ମା'ମାନଙ୍କୁ ସଶକ୍ତ କରିଛୁ। ଚାଷୀଙ୍କ ରୋଜଗାର ବୃଦ୍ଧି କରିଛୁ। ବିଏସ୍‌କେୱାଇ ପରି ମାଗଣା ସ୍ୱାସ୍ଥ୍ୟ ସେବା ଦେଇଛୁ। ରାଜ୍ୟକୁ ପୁଞ୍ଜି ଆଣିଛୁ। ଯୁବ ସମାଜକୁ ନିଯୁକ୍ତି ଦେଇଛୁ। ଓଡ଼ିଶାକୁ ବିଜେଡି ସରକାର ନୂଆ ପରିଚୟ ଦେଇଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସେହିପରି ବର୍ତ୍ତମାନର ବିଜେପି ସରକାରର କାମ ଉପରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ଏବେ ଡବଲ ଇଞ୍ଜିନ ସରକାର ଚାଲିଛି । କିନ୍ତୁ ବିକାଶ କାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ଏବେ ଚାଷୀକୁ ସାର ମିଳୁନି। ମଣ୍ଡି ଖୋଲୁନି। ମିଶନ ଶକ୍ତି ମା'ମାନେ ହଇରାଣ ହେଉଛନ୍ତି। ଯୁବ ସମାଜ ହତାଶ। ଗତ ଅଠର ମାସରେ ଅଠର ଥର ନିଯୁକ୍ତି ପରୀକ୍ଷା ପ୍ରଶ୍ନ ଲିକ୍ ହେଲାଣି। ଆଇନଶୃଙ୍ଖଳା କଥା ନ କହିବା ଭଲ। ମହିଳାମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଛି । ଏପରିକି ଛୋଟ ଛୋଟ ଝିଅମାନେ ମଧ୍ୟ ନିରାପଦ ନୁଁହନ୍ତି । ରାଜ୍ୟରେ ଏକ ସରକାର ଥିବା ପରି ଅନୁଭବ ହେଉ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ।ଯୁବ ସମାଜକୁ ଦଳର ଅମୂଲ୍ୟ ସମ୍ପତ୍ତି ଭାବରେ ବର୍ଣ୍ଣନା କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ସେବା, ସଂଗ୍ରାମ ଓ ସ୍ୱାଭିମାନ ବିଜେଡିର ମନ୍ତ୍ର। ବିକାଶ ଆମର ପରିଚୟ। ତେଣୁ ବିଜେଡିର ଯୁବ ବନ୍ଧୁମାନେ ସୋସିଆଲ ମିଡ଼ିଆରେ ସକ୍ରିୟ ରହିବା ସହ ଦଳ ବିରୁଦ୍ଧରେ ଚାଲିଥିବା ଅପପ୍ରଚାରର ଫଳପ୍ରଦ ମୁକାବିଲା କରିବାକୁ ବିଜେଡି ସଭାପତି ଆହ୍ୱାନ ଜଣାଇଥିଲେ।ରାଜନୀତିରେ ଧୈର୍ଯ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମତଦେଇ ଶ୍ରୀ ପଟ୍ଟନାୟକ କହିଥିଲେ ଦଳର ଲକ୍ଷ ଲକ୍ଷ କର୍ମୀ ଭାଇଭଉଣୀମାନଙ୍କ କଠିନ ପରିଶ୍ରମ ଓ ପ୍ରତିବଦ୍ଧତା ଉପରେ ତାଙ୍କର ଗଭୀର ବିଶ୍ୱାସ ରହିଛି। ତେଣୁ ବର୍ତ୍ତମାନର ଆହ୍ୱାନକୁ ଭବିଷ୍ୟତ ପାଇଁ ସୁଯୋଗରେ ରୂପାନ୍ତରିତ କରି ଏକ ସଶକ୍ତ ଓଡିଶା ଗଠନ ଦିଗରେ ବ୍ରତୀ ହେବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ୮୫୫ ହିତାଧିକାରୀଙ୍କୁ ପିଏମ୍ ଆବାସ କାର୍ଯ୍ୟାଦେଶ ବାଣ୍ଟିଲେ ଧର୍ମେନ୍ଦ୍ର

**▶▶ ୧୨.୬୩ କୋଟି ଟଙ୍କା ବ୍ୟୟରେ ୩୦ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ**



**ଭୁବନେଶ୍ୱର,୨୬ା୧୨/ଏନ୍ଏନ୍ଏସ୍:** ଗରିବ ଲୋକଙ୍କୁ ସୁରକ୍ଷିତ ଏବଂ ସମ୍ମାନଜନକ ଜୀବନ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି ବୋଲି ଆଜି ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) କାର୍ଯ୍ୟାଦେଶ ଏବଂ ବିଭିନ୍ନ ଯୋଜନାର ସୁବିଧା ବିତରଣ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରର ଲକ୍ଷ୍ୟ ହେଉଛି ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକଙ୍କୁ ସରକାରୀ ସୁବିଧା ପହଞ୍ଚାଇବା। ଆଜି ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ୮୫୫ ଜଣ ହିତାଧିକାରୀଙ୍କୁ ୨.୫ କୋଟି ଟଙ୍କା ମୂଲ୍ୟର ପକ୍କାଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ଗରିବ ପରିବାରମାନଙ୍କୁ ସୁରକ୍ଷିତ ଏବଂ ସମ୍ମାନଜନକ ଜୀବନ ବଞ୍ଚିବାରେ ସହାୟକ ହେବ। ସେହିପରି ଆମ ସହରର ଅର୍ଥନୀତିର ଅଭିନ୍ନ ଅଙ୍ଗ ହେଉଛନ୍ତି ଆମର ଉଠାଦୋକାନୀ। ସମ୍ବଲପୁର ସହରରେ ଏପର୍ଯ୍ୟନ୍ତ ୫,୪୭୮ ଜଣ ପ୍ରଥମ କିସ୍ତି, ୧,୯୫୫ ଜଣ ଦ୍ୱିତୀୟ କିସ୍ତି ଏବଂ ୪୨୩ ଜଣ ହିତାଧିକାରୀ ତୃତୀୟ କିସ୍ତି ସହାୟତା ପାଇସାରିଛନ୍ତି। ଆଜି ୧୦ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ବିନା ବନ୍ଧକରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ପ୍ରଦାନ କରାଯାଇଛି। ୩୨ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ୩୪ ଜଣ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯାଉଛି। ଏହା କେବଳ ସାହାଯ୍ୟ ନୁହେଁ, ଏହା ହିତାଧିକାରୀଙ୍କ ସାମର୍ଥ୍ୟ ବୃଦ୍ଧିର ଏକ ପ୍ରୟାସ। ଏହା ବ୍ୟତୀତ ପ୍ରାୟ ୧୨.୬୩ କୋଟି ଟଙ୍କା ବ୍ୟୟରେ ୩୦ଟି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହା ସମ୍ବଲପୁରର ଭବିଷ୍ୟତକୁ ଆହୁରି ଉଜ୍ଜ୍ୱଳ କରିବ ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ସମ୍ବଲପୁର ମହାନଗର ନିଗମ ସହରର ସୌନ୍ଦର୍ଯ୍ୟକରଣ, ସ୍ୱଚ୍ଛତା ଏବଂ ନାଗରିକ ସୁବିଧା ସୁଯୋଗ ବୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରୁଛି। ସ୍ୱଚ୍ଛ ପାନୀୟ ଜଳଠାରୁ ଆରମ୍ଭ କରି ଉନ୍ନତ ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତାଘାଟ, ରେଳ, ଆନୁଷଙ୍ଗିକ ଭିତ୍ତିଭୂମି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସୁଛି। ସମ୍ବଲପୁରରେ ୪୫୦ କୋଟି ଟଙ୍କା ବ୍ୟୟରେ ୨୪ ଘଣ୍ଟିଆ ପାନୀୟ ଜଳ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ୧୬୦ କୋଟି ଟଙ୍କାର ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ପାଇଁ ଟେଣ୍ଡର କାମ ଶୀଘ୍ର ଶେଷ ହେବ। ୫୫୦ କୋଟି ଟଙ୍କା ବ୍ୟୟରେ ନୂଆ ଅଯୋଧ୍ୟାସାଗର ନିର୍ମାଣ କାମ ପାଇଁ ଟେଣ୍ଡର ହୋଇସାରିଛି ।

# 'ଦୋମୁଣ୍ଡିଆମାନଙ୍କୁ ଛାଡ଼ିବୁନି'

**ଭୁବନେଶ୍ୱର,୨୬ା୧୨/ଏନ୍ଏନ୍ଏସ୍:** ଦୁଇ ମୁଣ୍ଡିଆ ଦୁଇ ପଟେ ଚାଲାକି ଦେଖାଇଲେ ଆଉ ଚଳିବ ନାହିଁ। ଦୋମୁଣ୍ଡିଆମାନଙ୍କୁ ଛାଡ଼ିବୁନି। ବିଜେଡି ପ୍ରତିଷ୍ଠା ଦିବସରେ ମଞ୍ଚରେ ଏଭଳି ଚେତାବନୀ ଦେଇଛନ୍ତି ରାଜ୍ୟସଭା ସାଂସଦ ମୁନା ଖାଁ। ଏହାଛଡ଼ା ସେ କହିଛନ୍ତି ଯେ ଆମେ ବିଜୁ ବାବୁଙ୍କ ଫର୍ମୁଲା ଆପଣାଇବୁ। ଯେଉଁ ଦଳକୁ ଆମେ ପରିଶ୍ରମ କରି ଏତେ ବାଟ ପର୍ଯ୍ୟନ୍ତ ଆଣିଛୁ ସମସ୍ତଙ୍କୁ ଅନୁରୋଧ କରୁଛି, ଆସନ୍ତୁ ଆମେ ନବୀନ ବାବୁଙ୍କ ସହ ରହିବା। ଆମର ନେତା ନବୀନ ପଟ୍ଟନାୟକ। କାହାର ଚାପୁଲାସି କରିବା ନାହିଁ। କାହା ଅଣ୍ଡରରେ ରହିବା ନାହିଁ। ନବୀନ ପଟ୍ଟନାୟକଙ୍କ ଅଣ୍ଡରରେ ରହିବା ଆଉ ତାଙ୍କ ନିର୍ଦ୍ଦେଶରେ କାମ କରିବା ବୋଲି ମୁନ୍ନ ଖାଁ କହିଛନ୍ତି। ସେ କହିଛନ୍ତି, 'ବିଜୁ ବାବୁ କହୁଥିଲେ ଯେଉଁ ଅଫିସର କାମ କରୁନି ତାଙ୍କୁ ଚାପୁଡ଼ା ମାର । ଆମ ନେତା ନବୀନ ପଟ୍ଟନାୟକ ଆମକୁ ଶାନ୍ତି ଶୃଙ୍ଖଳାର ପାଠ ପଢ଼ାଇଥିଲେ। କିନ୍ତୁ ତାହା ଏବେ ଆଉ ଚଳିବ ନାହିଁ । ଦୁଇ ମୁଣ୍ଡିଆଙ୍କୁ ଆମେ ଛାଡ଼ିବୁ ନାହିଁ । ଯାହା ହେବ ଦେଖାଯିବ ।






# ୨୦ ଜଣଙ୍କୁ 'ରାଷ୍ଟ୍ରୀୟ ବାଲ୍' ପୁରସ୍କାର

**ନୂଆଦିଲ୍ଲୀ, ୨୬।୧୨/ଏଜେନ୍ସି:** ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ବିଭିନ୍ନ ପ୍ରାନ୍ତରୁ ମନୋନୀତ ପ୍ରାୟ ୨୦ ପିଲାଙ୍କୁ 'ପ୍ରଧାନମନ୍ତ୍ରୀ ଜାତୀୟ ବାଲ୍' ପୁରସ୍କାର ପ୍ରଦାନ କରିଛନ୍ତି। ଦଶମ ଏବଂ ଶେଷ ଶିଖ୍ ଗୁରୁ ଶ୍ରୀ ଗୋବିନ୍ଦ ସିଂହଙ୍କ ୪ପୁତ୍ରଙ୍କ ସହିଦ୍ ହେବା ଘଟଣାକୁ ସମ୍ମାନ ଜଣାଇବା ପୂର୍ବକ ପ୍ରତିବର୍ଷ ଡିସେମ୍ବର ୨୬କୁ 'ବାଲ୍ ବୀର' ଦିବସ ଭାବରେ ପାଳନ କରାଯାଇଆସୁଛି। ପ୍ରଧାନମନ୍ତ୍ରୀ ମୋଦୀ ୨୦୨୨ରେ ଏହି ଦିବସ ପାଳନ କରିବାକୁ ଘୋଷଣା କରିଥିଲେ।

ଆଜି ଦିନରେ ଦେଶର ୧୮ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଚୟନ ହୋଇଥିବା ପ୍ରାୟ ୨୦ ଜଣ ପିଲାଙ୍କୁ ରାଷ୍ଟ୍ରୀୟ ବୀର ବାଲ' ପୁରସ୍କାର ପ୍ରଦାନ କରାଯାଇଥିଲା। ୫ରୁ ୧୮ ବର୍ଷର ପିଲାମାନଙ୍କୁ ଖେଳ, ବାହାଦୁରୀ, ନବାଚାର, ବିଜ୍ଞାନ, ସମାଜସେବା ଏବଂ ସଂସ୍କୃତି ପରି ୬ଟି ଅସାଧାରଣ ଉପଲବ୍ଧି ବା ବର୍ଗ ପାଇଁ ଦିଆଯାଉଥିବା ଏହା ଦେଶର ସବୁଠୁ ବଡ଼ ପୁରସ୍କାର। ତେବେ ଆଜି ଏହି ବୀର ବାଲ୍ ପୁରସ୍କାରରେ ସମ୍ମାନିତ ହୋଇଥିବା ୨୦ପିଲାଙ୍କ ମଧ୍ୟରୁ ଦୁଇଜଣଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଏହି ୨୦ ପିଲାଙ୍କ ମଧ୍ୟରେ ୧୪ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଅଛନ୍ତି। ରାଷ୍ଟ୍ରପତି ଭବନରେ ଉପସ୍ଥିତ ଥିବା କାରଣରୁ ବୈଭବ ବିହାର ପକ୍ଷରୁ ବିଜୟ ହଜାରେ ଟ୍ରଫିର ଦ୍ୱିତୀୟ ମ୍ୟାଚ୍ ଖେଳିପାରି ନାହାନ୍ତି। ସମାରୋହ ପାଇଁ ତାଙ୍କୁ ଶୀଘ୍ର ରିପୋର୍ଟ କରିବାକୁ ନିର୍ଦ୍ଦେଶ ଥିଲା ଏବଂ ଏପରି ସମ୍ମାନ କୌଣସି ଖେଳାଳିଙ୍କ ଜୀବନରେ ଥରେ ହିଁ ମିଳିଥାଏ। ଟୁର୍ଣ୍ଣାମେଣ୍ଟର ପୂର୍ବ ମ୍ୟାଚ୍‌ରେ ବାମହାତୀ ବ୍ୟାଟର୍ ବୈଭବ ଅରୁଣାଚଳ ପ୍ରଦେଶ ବିପକ୍ଷରେ ୧୯୦ ରନ୍‌ର ଚମତ୍କାର ଇନିଂସ୍ ଖେଳିଥିଲେ।



ରାଷ୍ଟ୍ରପତିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି ଉଦୀୟମାନ୍ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ

# ଦ୍ୱାଦଶ ଶ୍ରେଣୀ ଛାତ୍ର ପ୍ରସ୍ତୁତ କଲେ 'ପ୍ରଫେସନାଲ୍ ଗ୍ରେଡ୍ କମ୍ପ୍ୟୁଟେସନାଲ୍ ପାଇପ୍ଲାଇନ୍'


## ନିପା' ଭୂତାଣୁର ଚିକିତ୍ସା ଉପରେ ଗବେଷଣା କରୁଥିବା ବୈଜ୍ଞାନିକଙ୍କୁ ମିଳିବ ସହାୟତା



**ନୂଆଦିଲ୍ଲୀ, ୨୬।୧୨/ଏଜେନ୍ସି:** ଭାରତରେ ନିପା ଭୂତାଣୁ ଏବେ ବି ଏକ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ହୋଇ ରହିଛି। ଏହାର ଚିକିତ୍ସା ପଦ୍ଧତି ଖୋଜିବା ଅତ୍ୟନ୍ତ ମନ୍ଥର ତଥା ସତର୍କତାମୂଳକ ହୋଇଥାଏ। ଏଦିଗରେ ପରୀକ୍ଷଣ ମଧ୍ୟ ଅତ୍ୟନ୍ତ କଷ୍ଟକର ବ୍ୟାପାର। କାରଣ ହଜାର ହଜାର ଯୌଗିକର ଶାରୀରିକ ପରୀକ୍ଷା କରିବା କରିବା ଅତ୍ୟନ୍ତ ମହଙ୍ଗା ଏବଂ ପ୍ରାୟତଃ ବିଫଳତା ଆଡ଼କୁ ଅଗ୍ରସର ହେବାର ସମ୍ଭାବନାକୁ ବଢ଼ାଇଦେଇଥାଏ। ତେବେ ଦ୍ୱାଦଶ ଶ୍ରେଣୀର ଛାତ୍ର ବିହାନ ଅଗ୍ରୱାଲ ଏଦିଗରେ ଏକ ବଡ଼ ସଫଳତା ହାସଲ କରିଛନ୍ତି। ବିହାନ୍ ମାନକ ପଦ୍ଧତି ଅପେକ୍ଷା ଦ୍ରୁତ ଗତିରେ ପ୍ରଭାବଶାଳୀ ଚିକିତ୍ସା ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ବିଶେଷ 'ପ୍ରଫେସନାଲ୍ ଗ୍ରେଡ୍ କମ୍ପ୍ୟୁଟେସନାଲ୍ ପାଇପଲାଇନ୍'କୁ ପ୍ରସ୍ତୁତ କରିଛନ୍ତି ଯାହାଦ୍ୱାରା ନିପା' ଭୂତାଣୁଜନିତ ସଂକ୍ରମଣକୁ ଚିହ୍ନଟ ତଥା ଏଦିଗରେ କରାଯାଉଥିବା ଶାରୀରିକ ପରୀକ୍ଷାଗତ ସଙ୍କଟର ସମାଧାନ ହୋଇପାରିବ ବୋଲି ଦାବି କରାଯାଉଛି। ବିହାନଙ୍କ ପଦ୍ଧତି ସାଧାରଣ କମ୍ପ୍ୟୁଟର ସ୍କ୍ରିନିଂର 'ଜୁଆ'କୁ ପ୍ରତ୍ୟାଖ୍ୟାନ କରେ। ଏହା ବଦଳରେ, ସେ ଏକ ସିଷ୍ଟମ୍ ତିଆରି କରିଥିଲେ ଯାହା ଭାଇରସ ପ୍ରୋଟିନକୁ ଏକ ସ୍ଥିର ଆକୃତି ପରିବର୍ତ୍ତେ ଏକ ନମନୀୟ, ଗତିଶୀଳ ଲକ୍ଷ୍ୟ ଭାବରେ ବ୍ୟବହାର କରେ ଯାହାକି ସଠିକ୍ ରିପୋର୍ଟ ପାଇବା ପାଇଁ ଅତ୍ୟାବଶ୍ୟକ। ତେବେ ବିହାନ୍ଙ୍କ ଉଦ୍ଭାବିତ ପ୍ରକରଣରୁ ମିଳିଥିବା ଫଳାଫଳଗୁଡ଼ିକ ବୈଜ୍ଞାନିକ ଭାବରେ ଯୁକ୍ତିଯୁକ୍ତ ଥିଲା। ତେବେ ଏହାକୁ ନିଶ୍ଚିତ କରିବା ପାଇଁ, ସେ 'ଡିକୟ' (ନକଲି ଔଷଧ ପ୍ରାର୍ଥୀ) ସହିତ ସିଷ୍ଟମକୁ ଚ୍ୟାଲେଞ୍ଜ କରିଥିଲେ, ଏହା ପ୍ରମାଣିତ କରି ଯେ ଏହା ପ୍ରକୃତ ହିଟ୍‌କୁ ଅନିୟମିତ ଶବ୍ଦରୁ ପରିସଂଖ୍ୟାନଗତ ଭାବରେ ପୃଥକ୍ କରିପାରିବ। ବୋଷ୍ଟନ୍‌ର ପୂର୍ବତନ ସାନୋଫି ଗବେଷକ ଅଶି ଗୁପ୍ତା ବିହାନ୍ଙ୍କ ଏହି ପ୍ରକଳ୍ପର ବୈଜ୍ଞାନିକ ଗୁରୁତ୍ୱ ଉଲ୍ଲେଖ କରିଛନ୍ତି। ଗୁପ୍ତାଙ୍କ କହିବାନୁସାରେ 'ଏଠାରେ ପ୍ରୟୋଗ କରାଯାଇଥିବା ପଦ୍ଧତିଗତ କଠୋରତା ସ୍ୱତନ୍ତ୍ର, ବୈଧ ପ୍ରାର୍ଥୀମାନଙ୍କୁ ପ୍ରଦାନ କରେ ଯାହା ପ୍ରକୃତରେ ଗମ୍ଭୀର ପରୀକ୍ଷଣାତ୍ମକ ବିଚାରକୁ ସମର୍ଥନ କରୁଛି। ପେସ୍ ଫାର୍ମାଟେକ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ବିହାନ୍ଙ୍କ ଗବେଷଣାମୂଳକ ଏହି ଟେକ୍ନୋଲୋଜିକୁ ଉଚ୍ଚ ପ୍ରଶଂସା କରାଯାଇଛି।

# କାନାଡାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କୁ ଗୁଳି କରି ହତ୍ୟା

**ଟରୋଣ୍ଟୋ, ୨୬।୧୨/ଏଜେନ୍ସି:** କାନାଡାର ଟରୋଣ୍ଟୋ ସହରରେ ଥିବା ସ୍କାରବୋରୋ ବିଶ୍ୱବିଦ୍ୟାଳୟରେ ଜଣେ ଭାରତୀୟ ଛାତ୍ରଙ୍କୁ ହତ୍ୟା କରାଯାଇଛି। ମୃତ ଭାରତୀୟ ଛାତ୍ରଜଣକ ହେଲେ ଶିବାଙ୍କ ଅବସ୍ଥି (୨୦)। ପୁଲିସ୍ ରିପୋର୍ଟ ଅନୁସାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩:୩୦ ସମୟରେ କିଛି ଦୁର୍ବୃତ୍ତ ବିଶ୍ୱବିଦ୍ୟାଳୟ ପରିସରକୁ ଛାତ୍ର ବେଶରେ ଆସିଥିଲେ ଏବଂ



ଅକସ୍ମାତ୍ ଶିବାଙ୍କ ଅବସ୍ଥିଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ବଞ୍ଚାଇପାରିନଥିଲେ। କାନାଡା ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ତେବେ ଗୁଳିମାଡ଼ କରିଥିବା ଦୁର୍ବୃତ୍ତମାନେ ବିଶ୍ୱବିଦ୍ୟାଳୟର ଛାତ୍ର ଗୋଷ୍ଠୀଙ୍କ ମଧ୍ୟରୁ କେହି ହୋଇଥିବାର ସମସ୍ତ ଆଶଙ୍କାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଖାରଜ କରିଦେଇଛନ୍ତି। ଏଭଳି କାଣ୍ଡ ବାହାର ସନ୍ଦିଗ୍ଧଙ୍କର ହିଁ ହୋଇଥାଇପାରେ ବୋଲି ବିଶ୍ୱବିଦ୍ୟାଳୟର ଜଣେ ମୁଖପାତ୍ର ଜୋର ଦେଇ ପୁଲିସ୍ ଟିମ୍‌କୁ କହିଛନ୍ତି। ମୁଖପାତ୍ର କହିଛନ୍ତି, ମୃତ ଶିବାଙ୍କ ଅବସ୍ଥି ବିଶ୍ୱବିଦ୍ୟାଳୟର ଜଣେ ସ୍କଲାର ଛାତ୍ର ହୋଇଥିବା ବେଳେ ତାଙ୍କ ବିପକ୍ଷରେ ଆଜି ପର୍ଯ୍ୟନ୍ତ କୌଣସି ଅଭିଯୋଗ ରୁଜୁ ହୋଇନାହିଁ। ତଥାପି ତାଙ୍କୁ କିଏ ଓ କାହିଁକି ଏପ୍ରକାର ହତ୍ୟା କରିଛି ସେନେଇ କୌଣସି କାରଣ ଜଣାପଡୁନାହିଁ। ତଥାପି ପୁଲିସ୍ ଟିମ୍ ପ୍ରୟାସ ଜାରି ରଖିଛନ୍ତି, ଖୁବ୍‌ଶୀଘ୍ର ଅପରାଧୀ ଗିରଫ ହେବେ।

# ବକ୍ସିଂ ଡେ' ଟେଷ୍ଟର ପ୍ରଥମ ଦିନ ୨୦ ୱିକେଟ୍ ପତନ

**ମେଲ୍‌ବର୍ଣ୍ଣ,୨୬।୧୨/ଏଜେନ୍ସି:** ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପାଞ୍ଚ ଟେଷ୍ଟ୍ ବିଶିଷ୍ଟ ଆଶେସ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଶୁକ୍ରବାରଠାରୁ ମେଲ୍‌ବର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡ୍ (ଏମ୍‌ସିଜି)ରେ ଆରମ୍ଭ ହୋଇଛି। ଏହି ବକ୍ସିଂ ଡେ ଟେଷ୍ଟ୍ ମ୍ୟାଚ୍‌ର ପ୍ରଥମ ଦିନ ୨୦ ୱିକେଟ୍‌ର ପତନ ଘଟିଛି। ସମସ୍ତ ୱିକେଟ୍ ଫାଷ୍ଟ୍ ବୋଲର୍ ନେଇଛନ୍ତି। ପ୍ରାୟ ୧୨୪ ବର୍ଷ ପରେ ପ୍ରଥମ ଥର ଆଶେସ୍ ଟେଷ୍ଟ୍ ମ୍ୟାଚ୍‌ର ପ୍ରଥମ ଦିନ ୨୦ କିମ୍ବା ଅଧିକ ୱିକେଟ୍‌ର ପତନ ଦେଖିବାକୁ ମିଳିଛି। ଏହା ପୂର୍ବରୁ ୧୯୦୨ ଜାନୁଆରୀରେ ଏହି ଗ୍ରାଉଣ୍ଡ୍‌ରେ ପ୍ରଥମ ଦିନ ଖେଳରେ ୨୫ ୱିକେଟ୍‌ର ପତନ ଘଟିଥଲା। ଏହା ଅଷ୍ଟ୍ରେଲିଆରେ କୌଣସି ଟେଷ୍ଟ୍ ମ୍ୟାଚ୍‌ର ପ୍ରଥମ ଦିନ ୱିକେଟ୍ ପତନର ସର୍ବାଧିକ ସଂଖ୍ୟା ମଧ୍ୟ ଥିଲା। ସେହିପରି ଏମ୍‌ସିଜିରେ ଟେଷ୍ଟ୍ ମ୍ୟାଚ୍‌ର କୌଣସି ଦିନର ଖେଳରେ ୨୦ କିମ୍ବା ତା'ଠାରୁ ଅଧିକ ୱିକେଟ୍ ପତନ ଘଟିବା ଏହା ଚତୁର୍ଥ ଘଟଣା। ପ୍ରଥମ ଷ୍ଟମ୍ପ୍ସ ବେଳକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍‌ରେ କୌଣସି ୱିକେଟ୍ ନହରାଇ ୪ ରନ୍ କରିଛି। ନାଇଟ୍ ୱାଚ୍‌ମ୍ୟାନ୍ ସ୍କଟ୍ ବୋଲାଣ୍ଡ୍ ୪ ଏବଂ ଟ୍ରାଭିସ୍ ହେଡ୍ ଖାତା ଖୋଲିବା ବିନା ଅପରାଜିତ ଫେରିଛନ୍ତି। ଏହା ସହିତ ଅଷ୍ଟ୍ରେଲିଆ ମୋଟ ଅଗ୍ରଣୀ ୪୬ ରନ୍ ହୋଇଛି। ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ମାତ୍ର ୧୫୨ ରନ୍ କରିପାରିଥିଲା। ଟିମ୍ ପକ୍ଷରୁ ମାଇକେଲ୍ ନେସର୍ (୩୫ ରନ୍) ଏବଂ ଉସ୍‌ମାନ୍ ଖ୍ୱାଜା (୨୯ ରନ୍) ହିଁ କିଛି ସମୟ କ୍ରିଜ୍‌ରେ ତିଷ୍ଠି ପାରିଥିଲେ। ଇଂଲିଶ ଫାଷ୍ଟ୍ ବୋଲର୍ ଜୋଶ୍ ଟଙ୍ଗ୍ ଘାତକ ବୋଲିଂ କରି ୫ ୱିକେଟ୍ ନିଜ ନାମରେ କରିଥିଲେ। ଜବାବରେ ଇଂଲଣ୍ଡର ପ୍ରଥମ ଇନିଂସ୍ ମଧ୍ୟ ବେଶୀ ସମୟ ତିଷ୍ଠିପାରି ନଥିଲା ଏବଂ ପୂରା ଟିମ୍ ୧୧୦ ରନ୍‌ରେ ସୀମିତ ହୋଇଯାଇଥିଲା। ପ୍ରଥମ ଇନିଂସ୍ ଆଧାରରେ ଅଷ୍ଟ୍ରେଲିଆକୁ ୪୨ରନ୍‌ର ଅଗ୍ରଣୀ ମିଳିଛି। ଟିମ୍ ପାଇଁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୪୧ ରନ୍ କରିଥିବା ବେଳେ ଗସ୍ ଆଟ୍‌କିନ୍‌ସନ୍ (୨୮ ରନ୍) ଏବଂ କ୍ୟାପ୍‌ଟେନ୍ ବେନ୍ ଷ୍ଟୋକ୍ସ (୧୬ ରନ୍) ଦୁଇଅଙ୍କରେ ପହଞ୍ଚିଥିବା ଅନ୍ୟ ଦୁଇ ବ୍ୟାଟର୍ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମାଇକେଲ୍ ନେସର୍ ୪ ଏବଂ ସ୍କଟ୍ ବୋଲାଣ୍ଡ୍ ୩ ୱିକେଟ୍ ନେଇଥିଲେ।

## ୭୦୦ ମିଲିଅନ୍ ଡଲାରର ୧ଏମ୍‌ଡିବି ଦୁର୍ନୀତି ମାମଲା

# ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଦୋଷୀ

**କୁଆଲାଲମ୍ପୁର, ୨୬।୧୨/ଏଜେନ୍ସି:** ମାଲେସିଆର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୭୨ ବର୍ଷୀୟ ନଜିବ ରଜାକ୍, ତାଙ୍କ ବିରୋଧରେ ଲାଗିଥିବା ୧ଏମ୍‌ଡିବି (୧ ମାଲେସିଆ ଡେଭଲପମେଣ୍ଟ ବରହାଡ୍) ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଶୁକ୍ରବାର କୁଆଲାଲମ୍ପୁର ହାଇକୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିବା ବେଳେ କୋର୍ଟ ନଜିବ୍ ରଜାକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ନଜିବ ରଜାକ୍ ନିଜ ପଦବୀ ତଥା କ୍ଷମତାର ଦୁରୁପଯୋଗ କରିବା ଏବଂ ୧ଏମ୍‌ଡିବି ବ୍ୟାଙ୍କ୍ ଆକାଉଣ୍ଟରୁ ପ୍ରାୟ ୭୦୦ ମିଲିଅନ୍ ଡଲାର ଅର୍ଥ ନିଜ ବ୍ୟକ୍ତିଗତ ବ୍ୟାଙ୍କ୍ ଆକାଉଣ୍ଟକୁ ଟ୍ରାନ୍ସଫର୍ କରିବା ସମେତ ମୋଟ୍ ୩ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛି। ତାଙ୍କ ବିରୋଧରେ ଥିବା ସମସ୍ତ ଅଭିଯୋଗକୁ ପ୍ରମାଣିତ କରିବାରେ ତଦନ୍ତ ଅଧିକାରୀମାନେ ସଫଳ ହୋଇଛନ୍ତି। ସୂଚନାଯୋଗ୍ୟ ନଜିବ ରଜାକ୍ ଏହି ଦୁର୍ନୀତି ମାମଲାରେ ଗିରଫ ହୋଇ ଗୃହବନ୍ଦୀ ଭାବେ ରହିଆସୁଛନ୍ତି। ଏବେ ତାଙ୍କୁ ଏହି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଛି। ଆଗକୁ କୋର୍ଟ ତାଙ୍କ ଦଣ୍ଡାଦେଶ ଘୋଷଣା କରିବେ। ତେବେ ଆଜି ଯେତେବେଳେ କୋର୍ଟ ତାଙ୍କୁ ଦୋଷୀ ଘୋଷଣା କରିଥିଲେ ସେତେବେଳେ କୋର୍ଟ ରୁମ୍‌ରେ ଉପସ୍ଥିତ ନଜିବ୍ ରଜାକ୍ ଭାଙ୍ଗିପଡ଼ିଥିଲେ। ପରେ ସେ କୋର୍ଟଙ୍କୁ ତାଙ୍କ ବୟସକୁ ଦୃଷ୍ଟିରେ ରଖି ବାକି ଦଣ୍ଡାଦେଶ ମଧ୍ୟ ଗୃହବନ୍ଦୀ ଭାବେ କାଟିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲେ, ଯାହାକୁ ହାଇକୋର୍ଟ ପ୍ରତ୍ୟାଖ୍ୟାନ କରିଦେଇଥିଲେ।

୨୦୦୯ ରୁ ୨୦୧୮ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିବା ନଜିବ ୧ଏମ୍‌ଡିବି ଦୁର୍ନୀତି ସହିତ ଜଡ଼ିତ ଏକ ପୂର୍ବ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ବର୍ତ୍ତମାନ ଜେଲଦଣ୍ଡ (ଗୃହବନ୍ଦୀ) ଭୋଗୁଛନ୍ତି। ସେ ଏହି ମାମଲାରେ ଗତ ୨୦୧୮ରେ ଦୋଷୀ ସାବ୍ୟସ୍ତ ହେବା ପରେ ହିଁ ତାଙ୍କ ନେତୃତ୍ୱାଧୀନ ସରକାରର



ପତନ ହୋଇଥିଲା। ୨୦୨୦ରେ ତାଙ୍କୁ କ୍ଷମତାର ଅପବ୍ୟବହାର, ଅପରାଧିକ ବିଶ୍ୱାସ ଭଙ୍ଗ ଏବଂ ୧ଏମଡିବିର ଏକ ପୂର୍ବତନ ୟୁନିଟ୍ ଏସ୍‌ଆରସି ଇଣ୍ଟରନ୍ୟାସନାଲରୁ ତାଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୪୨ ନିୟୁତ ରିଙ୍ଗିଟ୍ (୧୦.୩ ନିୟୁତ ଡଲାର) ଟଙ୍କା ଚ୍ୟାନେଲ୍ କରାଯାଇଥିବା ଅଭିଯୋଗରେ ୧୨ ବର୍ଷ ଜେଲଦଣ୍ଡ ଦିଆଯାଇଥିଲା। ସୂଚନାଯୋଗ୍ୟ ନିଜ ବିରୋଧରେ ଲାଗିଥିବା ଅଭିଯୋଗକୁ ଏପର୍ଯ୍ୟନ୍ତ ସ୍ୱୀକାର କରିନାହାନ୍ତି ନଜିବ ରଜାକ୍। ତାଙ୍କ କହିବାନୁସାରେ କିଛି ଆର୍ଥିକ ପରାମର୍ଶଦାତା ତାଙ୍କୁ ଭ୍ରମିତ କରିଥିଲେ। ସ୍କାଣ୍ଡାଲର ମାଷ୍ଟରମାଇଣ୍ଡ ବୋଲି କୁହାଯାଉଥିବା ଲୋ ଏବେ ବି ମୁକ୍ତ ଥିବା ସେ ଦାବି କରିଛନ୍ତି।

୨୦୦୯ରେ ଦାୟିତ୍ୱ ଗ୍ରହଣ କରିବା ପରେ ନଜିବ ହିଁ ୧ଏମ୍‌ଡିବି ବିକାଶ ପାଣ୍ଠି ସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିବା ସମୟରେ ସେ ୧ଏମଡିବିର ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷତା କରିଥିଲେ ଏବଂ ଅର୍ଥମନ୍ତ୍ରୀ ଭାବରେ ଭିଟୋ କ୍ଷମତା ରଖିଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କ ବିରୋଧରେ ହୋଇଥିବା ଦୁର୍ନୀତି ଅଭିଯୋଗ ସମଗ୍ର ବିଶ୍ୱକୁ ଚକିତ କରିଦେଇଥିଲା। ଆମେରିକା ଏବଂ ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଥିଲେ। ଆମେରିକା ନ୍ୟାୟ ବିଭାଗ ଅନୁଯାୟୀ, ୨୦୦୯ରୁ ୨୦୧୪ ମଧ୍ୟରେ, ନଜିବଙ୍କ ଶୀର୍ଷ କାର୍ଯ୍ୟନିର୍ବାହୀ ଏବଂ ସହଯୋଗୀମାନେ ପାଣ୍ଠିରୁ ୪.୫ ବିଲିୟନ ଡଲାରରୁ ଅଧିକ ଲୁଟ କରିଥିଲେ, ଏହାକୁ ଆମେରିକା, ସିଙ୍ଗାପୁର ଏବଂ ସ୍ୱିଜରଲ୍ୟାଣ୍ଡ ସମେତ ଦେଶଗୁଡ଼ିକ ମାଧ୍ୟମରେ ଧଳା କରିଥିଲେ। ତଦନ୍ତ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି ଯେ ଏହି ଲୁଟ୍ ଅର୍ଥକୁ ହଲିଉଡ୍ ଫିଲ୍ମ ଏବଂ ହୋଟେଲ, ଏକ ବିଳାସପୂର୍ଣ୍ଣ ୟାଚଟ୍, କଳା ଏବଂ ଅଳଙ୍କାର ସମେତ ଅସାଧାରଣ କ୍ରୟ ପାଇଁ ବ୍ୟବହୃତ ହୋଇଥିଲା। ସେତେବେଳେ ଆମେରିକାର ଆଟର୍ଣ୍ଣି ଜେନେରାଲ ଜେଫ୍ ସେସନ୍ସ ଏହାକୁ ତୀବ୍ର ନିନ୍ଦା କରିଥିଲେ। ଏହି ଦୁର୍ନୀତି ୱାଲ୍ ଷ୍ଟ୍ରିଟ୍‌କୁ ମଧ୍ୟ ପ୍ରଭାବିତ କରିଥିଲା, ୧ଏମଡିବି ପାଇଁ ଅର୍ଥ ସଂଗ୍ରହ କରିବାରେ ଗୋଲ୍ଡମ୍ୟାନ୍ ସାକ୍ସଙ୍କ ଭୂମିକା ପାଇଁ ସେ କୋଟି କୋଟି ଟଙ୍କା ଅର୍ଥଦଣ୍ଡ ମଧ୍ୟ ଭୋଗ କରିଥିଲେ। ସୂଚନାଯୋଗ୍ୟ ନଜିବଙ୍କ ପତ୍ନୀ ରୋସମାହ ମନସୋରଙ୍କୁ ମଧ୍ୟ ଏକ ପୃଥକ ଦୁର୍ନୀତି ମାମଲାରେ ୨୦୨୨ ରେ ୧୦ ବର୍ଷ ଜେଲ୍ ଏବଂ ଏକ ବଡ଼ ଜରିମାନା ଦଣ୍ଡ ଦିଆଯାଇଥିଲା। ଅପିଲ୍ ପାଇଁ ତାଙ୍କୁ ଏବେ ଜାମିନରେ ମୁକ୍ତ କରାଯାଇଛି।

# ଭିଆଇଟିରେ ଅନ୍ତର୍ଜାତୀୟ ଆଇନ୍ ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ

**ଚେନ୍ନାଇ, ୨୬।୧୨/ଏଜେନ୍ସି:** ଗତ ମଙ୍ଗଳବାର ଚେନ୍ନାଇ ସ୍ଥିତ ଭିଆଇଟି ଠାରେ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ପରିବେଶ ସୁରକ୍ଷା ଉପରେ ଏକ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଅତିଥିବୃନ୍ଦ ନିଜ ଭାଷଣ ମାଧ୍ୟମରେ ଭବିଷ୍ୟତ ପିଢ଼ିକୁ ପରିବେଶକୁ ସୁରକ୍ଷା ଦେବା ପାଇଁ




ଆଶା କରାଯାଏ। ଅନ୍ତର୍ଜାତୀୟ ପରିବେଶ ଆଇନ, ଜଳବାୟୁ ପରିବର୍ତ୍ତନ ଆଇନର ଇତିହାସ ଏବଂ ବିବର୍ତ୍ତନ ଏବଂ ଆଇସିଜେର ଭୂମିକାକୁ ଅନୁସନ୍ଧାନ କରି, ବ୍ରାଣ୍ଟ ପ୍ରାକୃତିକ ସମ୍ପଦର ବ୍ୟବହାର, ପରିବେଶଗତ କ୍ଷତି ଏବଂ ସାମୁଦ୍ରିକ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଦେଶମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ

ଦୃଢ଼ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ନେଦରଲ୍ୟାଣ୍ଡର ହେଗ୍ ସ୍ଥିତ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ର ବିଚାରପତି ଲିଓନାର୍ଡୋ ନେମର କାଲଡେରା ବ୍ରାଣ୍ଟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଭିଆଇଟିର ଉପାଧ୍ୟକ୍ଷ ଡକ୍ଟର ଜି.ଭି. ସେଲଭମ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବ୍ରାଣ୍ଟ ନିଜ ଭାଷଣରେ କହିଥିଲେ ଯେ ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ)ର ଏକ ମୂଳ ଉଦ୍ଦେଶ୍ୟ ହେଉଛି ଦେଶଗୁଡ଼ିକୁ ପରିବେଶଗତ କ୍ଷତି କରିବାରୁ ରୋକିବା ପାଇଁ ସକାରାତ୍ମକ ପଦକ୍ଷେପ ନେବା। 'ପ୍ରତ୍ୟେକ ରାଜ୍ୟ (ଦେଶ) ଜଳବାୟୁ ବ୍ୟବସ୍ଥାକୁ କ୍ଷତି ରୋକିବା ପାଇଁ ଯତ୍ନବାନ ହେବା ବିବାଦର ଅନେକ ମାମଲା ମଧ୍ୟ ଉଦ୍ଧୃତ କରିଥିଲେ। ସେହିପରି ଡକ୍ଟର ସେଲଭମ୍ କହିଥିଲେ ଯେ ପରିବେଶର ସୁରକ୍ଷା ଏବଂ ଆଇନକୁ ବଜାୟ ରଖିବା ଆଗାମୀ କାଲି ଏବଂ ଭବିଷ୍ୟତରେ ଗ୍ରହକୁ ସୁରକ୍ଷା ଦେବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଅଧିକ ପରିବେଶଗତ କ୍ଷତିକୁ ରୋକିବା ପାଇଁ ସୂଚନାପ୍ରଦ କାର୍ଯ୍ୟ ଏବଂ ପ୍ରତିକ୍ରିୟାଶୀଳ ଆନ୍ତର୍ଜାତୀୟ ଆଇନ ଏକ ଶକ୍ତିଶାଳୀ ଢାଞ୍ଚା ପ୍ରଦାନ କରେ। କାର୍ଯ୍ୟକ୍ରମରେ ଭିଆଇଟି ଚେନ୍ନାଇର ପ୍ରୋ କୁଳପତି ପ୍ରଫେସର ଟି ଥିୟାଗରାଜନ, ଭିଆଇଟି ସ୍କୁଲ୍ ଅଫ୍ ଲ'ର ଡିନ୍ ପ୍ରଫେସର ଡ. ସି ରବିରାଜ ପ୍ରମୁଖ ଯୋଗଦେଇଥିଲେ।

# ୮୫ତମ ସ୍ଥାନକୁ ଖସିଲା ଭାରତୀୟ ପାସ୍‌ପୋର୍ଟ

**ନୂଆଦିଲ୍ଲୀ,୨୬।୧୨/ଏଜେନ୍ସି:** ଭାରତୀୟ ପାସପୋର୍ଟ ପୁଣିଥରେ ନିଜ ସ୍ଥିତି ହରାଇଛି। ରିପୋର୍ଟ ଅନୁସାରେ ସଦ୍ୟ ପ୍ରକାଶିତ ପାସପୋର୍ଟ ର୍ୟାଙ୍କିଙ୍ଗ୍ (ହେନଲି ପାସପୋର୍ଟ ସୂଚକାଙ୍କ-୨୦୨୫)ରେ ଭାରତୀୟ ପାସପୋର୍ଟ ୮୫ତମ ସ୍ଥାନକୁ ଖସିଆସିଛି। ପୂର୍ବରୁ ଏହା ୮୦ତମ ସ୍ଥାନରେ ଥିବା ବେଳେ ଏଥର ୫ଟି ସ୍ଥାନ ତଳକୁ ଖସି ଏକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ମୋଟାମୋଟି ବେଶ୍ କିଛି ସମୟ ଧରି ବିଶ୍ୱସ୍ତରରେ ଭାରତୀୟ ପାସପୋର୍ଟର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଅନ୍ୟପକ୍ଷେ ପାସପୋର୍ଟର ଏପ୍ରକାର ସ୍ଥିତାବସ୍ଥା ଯୋଗୁ ଭାରତୀୟ ନାଗରିକମାନେ ଏବେ ବିଶ୍ୱର କେବଳ ୫୬ରୁ ୫୯ ରାଷ୍ଟ୍ରକୁ ଭିସା ବିନା ଯାତ୍ରା କରିବାର ସୁଯୋଗ ପାଇପାରିବେ। ତେବେ ଏହି ର୍ୟାଙ୍କିଂରେ ସିଙ୍ଗାପୁର କ୍ରମାଗତ ଭାବରେ ପ୍ରଥମ ସ୍ଥାନ ବଜାୟ ରଖିଛି। ସୁତରାଂ ସିଙ୍ଗାପୁର ନାଗରିକମାନେ ୧୯୩ ଦେଶକ ଯାତ୍ରା କରିପାରିବେ। ସବୁଠୁ ବଡ଼କଥା ହେଉଛି ପ୍ରକାଶିତ ସୂଚକାଙ୍କରେ ଆମେରିକୀୟ ପାସପୋର୍ଟ ମଧ୍ୟ ବିପର୍ଯ୍ୟୟର





ସମ୍ମୁଖୀନ ହୋଇଥିବାର ଦେଖିବାକୁ ମିଳିଛି। ଏବେ ଆମେରିକୀୟ ପାସପୋର୍ଟ ୧୨ତମ ସ୍ଥାନରେ ପହଞ୍ଚିଛି। ଏହିକ୍ରମେ ପାସପୋର୍ଟ ର୍ୟାଙ୍କିଙ୍ଗ୍ ଅନୁସାରେ ଦକ୍ଷିଣ କୋରିଆ ନାଗରିକମାନେ ୧୯୦ ଦେଶକୁ, ଜାପାନୀ ନାଗରିକମାନେ ୧୮୯ ଦେଶକୁ ଏବଂ ଜର୍ମାନୀ, ଇଟାଲୀ, ସ୍ପେନ୍ ଏବଂ ସ୍ୱିଜରଲ୍ୟାଣ୍ଡର ନାଗରିକମାନେ ୧୮୭ ଦେଶକୁ ଭିସା ବିନା ଯାତ୍ରା କରିପାରିବେ। ପ୍ରକାଶ, ପାସପୋର୍ଟ ର୍ୟାଙ୍କିଂ ଅନେକ ପାରାମିଟର ଆଧାରରେ ଧାର୍ଯ୍ୟ କରାଯାଇଥାଏ।

# ଭାରତରେ ନିୟାମକ ବିପ୍ଲବ: ଇଜ୍ ଅଫ୍ ଡୁଇଂ ବିଜିନେସ୍‌କୁ ଅଭ୍ୟାସରେ ପରିଣତ କରିଛି 'ବର୍ଷ ୨୦୨୫'

୨୦୧୦ ମସିହାର ପ୍ରାରମ୍ଭିକ ଦିନଗୁଡ଼ିକରେ ଭାରତରେ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ଥିଲା। ଏହି ସମୟରେ ବ୍ୟାପାର କରିବା ଏକ ଅନିଶ୍ଚିତତାଭରା କଠିନ ଦୌଡ଼ରେ ଅଂଶଗ୍ରହଣ କରିବା ସଦୃଶ ଥିଲା। ବ୍ୟବସାୟୀମାନେ ଯେତେବେଳେ ଗୋଟିଏ ସମସ୍ୟାକୁ ଅତିକ୍ରମ କରିବାକୁ ଚେଷ୍ଟା କରୁଥିଲେ ସେତେବେଳେ ସେମାନଙ୍କ ସମ୍ମୁଖରେ ଆଉ ଏକ ସମସ୍ୟା ଉତ୍ପନ୍ନ ହେଉଥିଲା। ସେସମୟରେ ବ୍ୟବସାୟ କ୍ଷେତ୍ରରେ ଲାଗୁ କରାଯାଉଥିବା ମାତ୍ରାଧିକ ସରକାରୀ ନିୟମ, ଜଟିଳ ପ୍ରକ୍ରିୟା ଏବଂ ଦୀର୍ଘକାଳୀନ ଅନୁମତି ବ୍ୟବସ୍ଥା ବ୍ୟବସାୟର ସ୍ୱାଭାବିକ ବୃଦ୍ଧିକୁ ଗୁରୁତର ଭାବେ ବାଧାପ୍ରାପ୍ତ କରୁଥିଲା। ଏହାର ଏକ ସ୍ପଷ୍ଟ ଉଦାହରଣ ହେଉଛି ନିର୍ମାଣ ପରମିଟ୍ ପ୍ରାପ୍ତି ସମ୍ବନ୍ଧୀୟ ବିଶ୍ୱସ୍ତରୀୟ ତୁଳନାତ୍ମକ ତାଲିକା। ସେହିସମୟରେ ଦୁନିଆର ୧୯୦ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୧୮୪ ଥିଲା। ଏହାର ଅର୍ଥ ହେଉଛି, ଭାରତରେ ନିବେଶ କିମ୍ବା ଉଦ୍ୟମ ଆରମ୍ଭ କରିବା ପାଇଁ ଉଦ୍ୟୋଗପତିମାନେ କେବଳ ଧନ ଓ ଧାରଣା ନୁହେଁ, ବରଂ ଅସାଧାରଣ ଧୈର୍ଯ୍ୟ ଓ ସହନଶୀଳତା ମଧ୍ୟ ଆବଶ୍ୟକ କରୁଥିଲେ।

ପରିଣାମ ସ୍ୱରୂପ ସେସମୟରେ କୌଣସି ନିର୍ମାଣ କାର୍ଯ୍ୟ କରାଯାଇ ପାରୁନଥିଲା। କର୍ମନିଯୁକ୍ତି ସୃଷ୍ଟି ହେଉନଥିଲା। ସମସ୍ତ ସମୟ ଓ ସମ୍ପଦ କେବଳ ଅନୁମତି ହାସଲ ପାଇଁ ହେଉଥିବା ଏକ ନିରନ୍ତର ସଂଘର୍ଷରେ ଖର୍ଚ୍ଚ ହେଉଥିଲା। ଏପରିକି ବ୍ୟବସାୟୀମାନଙ୍କୁ ସରକାରୀ ନିୟମ ଅନ୍ତର୍ଗତ ଅନୁମୋଦନ ହାସଲ କରିବାକୁ ସାଧାରଣତଃ ୧୮୬ ଦିନ ଅର୍ଥାତ୍ ୬ ମାସରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଥିଲା। କେତେକାଂଶରେ ମୋଟା ଉତ୍କୋଚ (ଲାଞ୍ଚ) ମଧ୍ୟ ଦେବାକୁ ମଧ୍ୟ ବାଧ୍ୟ କରାଯାଉଥିଲା। ଏସବୁ ନୂଆ ତଥା ଯୁବ ଉଦ୍ୟୋଗୀଙ୍କ ବ୍ୟବସାୟିକ ମନୋଭାବକୁ କ୍ଷତବିକ୍ଷତ କରିଦେଉଥିଲା। ତେବେ ଏଭଳି ଏକ ଦୀର୍ଘକାଳୀନ କୁପରମ୍ପରାକୁ ରାତାରାତି ସଜାଡ଼ିବା ଆଦୌ ସହଜ ନଥିଲା। ତେବେ ୨୦୧୪ରେ ଦେଶରେ ମୋଦୀ ସରକାର ଗଠନ ହେବା ପରେ ଏସବୁ ପର୍ଯ୍ୟାୟ ପର୍ଯ୍ୟାୟ କରି ସଜାଡ଼ିବା ଆରମ୍ଭ କରିଥିଲା। ଆଜି ଦିନରେ ଭାରତ ଦେଶରେ ବ୍ୟବସାୟିକ ଢାଞ୍ଚାର ଏକ ସରଳୀକୃତ ପ୍ରକ୍ରିୟା ବା ବ୍ୟବସ୍ଥା ଆଦି ଯାହାକିଛି ବି ଦେଖିବାକୁ ମିଳୁଛି ସେସବୁ ପଛରେ ମୋଦୀ ସରକାରଙ୍କ ଦୀର୍ଘ ୧୧ ବର୍ଷର ଅକ୍ଲାନ୍ତ ପରିଶ୍ରମ, ନିରବଚ୍ଛିନ୍ନ ଉଦ୍ୟମ ଏବଂ ନିଷ୍ଠାପର ସଂସ୍କାର ହିଁ ରହିଛି। ଏହି ୧୧ ବର୍ଷର ପରିଣାମ ସ୍ୱରୂପ ଭାରତ ଦେଶରେ ଏବେ ପ୍ରତ୍ୟେକ ଯୁବପିଢ଼ି ସର୍ବପ୍ରଥମେ ନିଜସ୍ୱ ଷ୍ଟାର୍ଟଅପ୍ ଆଧାରରେ ନିଜକୁ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠା କରିବାକୁ ଚିନ୍ତା କରିପାରୁଛି।

ମୋଟାମୋଟି ଯଦି ୧୯୯୧ ମସିହକୁ ଉଦାରୀକରଣର ବର୍ଷଭାବେ ଗ୍ରହଣ କରାଯାଏ ତେବେ ୨୦୨୫ ବର୍ଷକୁ ନିୟନ୍ତ୍ରଣମୁକ୍ତ ବର୍ଷ ବୋଲି କୁହାଯିବ। ୨୦୨୫ ବର୍ଷରେ ଭାରତ କେବଳ ବ୍ୟବସାୟକୁ ସହଜ କରିବାରେ ନୁହେଁ, ବରଂ ବ୍ୟବସାୟକୁ ମୁକ୍ତ କରିବା ଦିଗରେ ମଧ୍ୟ ଦ୍ରୁତଗତିରେ ଅଗ୍ରସର ହୋଇଥିଲା। ଦଶନ୍ଧି ଦଶନ୍ଧି ଧରି ଭାରତୀୟ ଫାର୍ମ ବା କମ୍ପାନୀଗୁଡ଼ିକ ଢାଞ୍ଚାଗତ କ୍ଷୁଦ୍ର ଆକାରରେ ହିଁ ରହି ଆସୁଥିଲେ। ସେମାନଙ୍କୁ ବର୍ଦ୍ଧିତ ବା ସମ୍ପ୍ରସାରିତ ହେବାକୁ ଦିଆଯାଉନଥିଲା। ଶ୍ରମ ଆଇନ୍‌ର ସମସ୍ତ ଧାରା, ଉପଧାରାକୁ ଏକ ମିଛ ଅହଂକାର ତଳେ ଦାବି ଦିଆଯାଇଥିଲା। ବିକାଶକୁ ଏକ ଦଣ୍ଡ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଗତ ୧୧ ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ଶ୍ରମ ସଂସ୍କାର ଏପ୍ରକାର ଅହଂକାରକୁ ନଷ୍ଟ କରିଦେଇଛି। ଏବେ ସମସ୍ତେ ଆତ୍ମବିଶ୍ୱାସର ସହ ଆଗକୁ ବଢୁଛନ୍ତି। ସରକାର କ୍ଷୁଦ୍ର କମ୍ପାନୀମାନଙ୍କ ପାଇଁ କାରବାରର ମାତ୍ରାକୁ ୧୦ଗୁଣ ବଢାଇ ୧୦୦ କୋଟି କରିଛନ୍ତି। ଯାହାକି ନିର୍ଣ୍ଣାୟକ ଭାବେ କୃତ୍ରିମ ଭାବେ କ୍ୟାପ୍‌ଯୁକ୍ତ ବିକାଶ ପ୍ରୋତ୍ସାହନକୁ ହଟାଇଛି। ସେହିଭଳି ଡଜନ ଡଜନ ସଂଖ୍ୟକ ଦୋହରା ଶ୍ରମ ଆଇନକୁ ସମନ୍ୱିତ କରି ଚାରୋଟି ସରଳୀକୃତ ଶ୍ରମ ବିଧିରେ ପରିଣତ କରାଯାଇଛି। ଏହା ଅନିଶ୍ଚିତତାକୁ ସ୍ପଷ୍ଟତାରେ ପରିବର୍ତ୍ତିତ କରିଛି। ଭାରତରେ ଏବେ ମେକ୍ ଇନ୍ ଇଣ୍ଡିଆ'ର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଦେଖିବାକୁ ମିଳିଛି। ସ୍ୱଦେଶୀ ଉତ୍ପାଦର ଉତ୍ପାଦନ ସହ ଏହାକୁ ଆପଣାଇବାର ମାନସିକତା ବ୍ୟାପକ ହୋଇଛି। ଏହାର ବାର୍ତ୍ତା ମଧ୍ୟ ସ୍ପଷ୍ଟ: ଭାରତରେ ହିଁ ଉତ୍ପାଦନ କରାଯିବ, କେବଳ କାଗଜ କଲମରେ ନୁହେଁ। ସରକାର ଏବେ ନିୟନ୍ତ୍ରଣମୁକ୍ତ ପ୍ରକ୍ରିୟାକୁ ବ୍ୟାପକ କରିଛନ୍ତି। ୨୦୦ରୁ ଅଧିକ କିସମର ସାମଗ୍ରୀକୁ ନିୟନ୍ତ୍ରଣମୁକ୍ତ କରିବା ଲାଗି ଚିହ୍ନଟ କରାଯାଇଛି। ପୂର୍ବରୁ ଯେଉଁ ଇନକ୍ରିମେଣ୍ଟାଲ ରୋଲବ୍ୟାକ୍ ପାଇଁ ଦଶନ୍ଧି ଦଶନ୍ଧି ଧରି ସମୟ ଲାଗୁଥିଲା, ବର୍ତ୍ତମାନ ତାହା ଅତି ସହଜରେ କାର୍ଯ୍ୟ କରି ଚାଲିଛି ଏବଂ ଏହାର ବେଗ ମଧ୍ୟ ବୃଦ୍ଧି ପାଇଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଭାରତ ନିୟନ୍ତ୍ରଣମୁକ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି, ଯାହାକି ପୂର୍ବରୁ ସତର୍କତା ଏବଂ ଖଣ୍ଡିତ ପଦକ୍ଷେପ ଜରିଆରେ ହାସଲ କରିବାକୁ ଦୀର୍ଘଦିନ ଲାଗି ଯାଉଥିଲା। ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି ୨୦୧୪ ମସିହା ମାର୍ଚ୍ଚ ମାସ ସୁଦ୍ଧା ଭାରତରେ ମୋଟ ୯.୫୨ ଲକ୍ଷ ସକ୍ରିୟ କମ୍ପାନୀ ଥିଲା। ୨୦୨୫ ମସିହା ମାର୍ଚ୍ଚମାସ ସୁଦ୍ଧା ଏହିସଂଖ୍ୟା ବୃଦ୍ଧି ପାଇ ୧୮.୫୧ ଲକ୍ଷ ଛୁଇଁଛି। ଏଭଳି ବେଗ ବର୍ତ୍ତମାନ ରପ୍ତାନୀ ପ୍ରୋତ୍ସାହନ ମିଶନ (ଇଫିଏମ୍) ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ଏହା ଏକ ୬ ବର୍ଷିଆ ଉପକ୍ରମ ଏବଂ ଏଥିପାଇଁ ୨୫,୦୬୦ କୋଟି ଟଙ୍କାର ବଜେଟ୍ ପ୍ରାବଧାନ କରାଯାଇଛି। ଏଥିରେ ଏମ୍‌ଏସ୍‌ଏମ୍‌ଇ ଏବଂ ପ୍ରଥମ ଥର ରପ୍ତାନୀ କରୁଥିବା ସଂସ୍ଥାମାନଙ୍କ ପାଇଁ ୨୦ ହଜାର କୋଟି ଟଙ୍କାର ସମ୍ପ୍ରସାରିତ ରପ୍ତାନୀ ରଣ ଗ୍ୟାରେଣ୍ଟି ପାଣ୍ଠି ରହିଛି। ସେହିପରି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆରବିଆଇ) ପକ୍ଷରୁ ନିକଟରେ ନିଆଯାଇଥିବା ସଂସ୍କାରଗତ ପଦକ୍ଷେପ ଅନେକ ନିବେଶ ବ୍ୟବସ୍ଥାକୁ ମଧ୍ୟ ସରଳ କରିଛି। ଯାହା ଫଳରେ ନିବେଶକମାନେ ଯାହା ସେମାନଙ୍କ ପାଇଁ ବାସ୍ତବିକ ଜରୁରୀ ତାହା ଉପରେ ହିଁ ଧ୍ୟାନକେନ୍ଦ୍ରିତ କରିପାରୁଛନ୍ତି।

ସେହିପରି ପୁଞ୍ଜିବଜାର ଶେଷରେ ଏକ ସ୍ୱଚ୍ଛ ପୁରସ୍କାରଧର୍ମୀ ଭାବେ ଗଠିତ ହୋଇଛି। ବୈଶ୍ୱିକ ସମନ୍ୱୟ ମାନସିକତା ଅନ୍ତର୍ଗତ କେବଳ ଚଳିତବର୍ଷ ହିଁ ବ୍ରିଟେନ, ଓମାନ ଏବଂ ନ୍ୟୁଜିଲାଣ୍ଡ ସହିତ ୩ଟି ପ୍ରମୁଖ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ରାଜିନାମା ସ୍ୱାକ୍ଷରିତ କରିଛନ୍ତି ଭାରତ ସରକାର। କାରଣ ଭାରତ ସରକାର ଭାବନ୍ତି ଯେ, ଯଦି ବ୍ୟବସାୟିକ ସଂସ୍ଥାମାନେ ଜାଣି ନ ପାରନ୍ତି ଯେ ସେମାନଙ୍କ ଉତ୍ପାଦକୁ କେଉଁଠି ବିକ୍ରୟ କରିବେ, ତେବେ ଇଜ୍ ଅଫ୍ ଡୁଇଂ ବିଜିନେସର ଅର୍ଥ ମୂଲ୍ୟହୀନ। ଚଳିତବର୍ଷ ସଂସଦରେ ୧୯୦୮ ଏବଂ ୧୯୨୫ ମସିହାଠାରୁ ପ୍ରଚଳିତ ସାମୁଦ୍ରିକ ଆଇନଗୁଡ଼ିକୁ ବଦଳାଯାଇ ୫ଟି ଆଧୁନିକ ବିଧି ପ୍ରଚଳନ କରାଯାଇଛି। ଏଥିରେ ଲିଡିଂ, ତଟୀୟ ଜାହାଜ ଚଳାଚଳ, ସମୁଦ୍ରରେ ପଣ୍ୟବାହୀ ଜାହାଜ ଚଳାଚଳ, ବାଣିଜ୍ୟିକ ଜାହାଜ ଚଳାଚଳ ଏବଂ ବନ୍ଦର ପରିଚାଳନା ସଂକ୍ରାନ୍ତ ବ୍ୟାପକ ପ୍ରାବଧାନ ସନ୍ନିବେଶିତ ରହିଛି। ଉପନିବେଶକାଳୀନ ୧୯୦୮ ଏବଂ ୧୯୨୫ ମସିହାର ଆଇନକୁ ବଦଳାଇ ଅଣାଯାଇଥିବା ଏହିସବୁ ସଂସ୍କାର ସାମୁଦ୍ରିକ ପରିଚାଳନାକୁ ଆଧୁନିକତାର ରୂପ ଦେଇଛି। ଏଥି ସହିତ ବିବାଦ ମାତ୍ରା ହ୍ରାସ ପାଇ ଲଜିଷ୍ଟିକ୍ସ ମୂଲ୍ୟ ମଧ୍ୟ ହ୍ରାସ ପାଇଛି। ଏହା ଫଳରେ ଭାରତ ବର୍ତ୍ତମାନ ଏକବିଂଶ ଶତାବ୍ଦୀର ମାନ ସହିତ ନୀଳ ଅର୍ଥନୀତି କ୍ଷେତ୍ରରେ ସଂପୂର୍ଣ୍ଣ ରୂପେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥିତିରେ ନିଜକୁ ସୁପ୍ରତିଷ୍ଠିତ କରିପାରିଛି।

ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ବିନିୟମନ କେବଳ ଦିଲ୍ଲୀରେ ସୀମିତ ହୋଇ ରହିନାହିଁ। ଏନଡିଏ ସରକାର ଥିବା ୭ଟି ରାଜ୍ୟ ଏବେସୁଦ୍ଧା ୧ହଜାରରୁ ଅଧିକ ବ୍ୟବସ୍ଥାକୁ ଅପରାଧମୁକ୍ତ କରି ସାରିଛନ୍ତି, ଯାହା ସୁନିଶ୍ଚିତ କରିଛି ଯେ ସଂସ୍କାର ସେହିଠାରେ ପହଞ୍ଚିବା ଆବଶ୍ୟକ, ଯେଉଁଠାରୁ ବ୍ୟବସାୟ ବାସ୍ତବରେ କାର୍ଯ୍ୟ କରିଥାଏ। ତାହା ହେଉଛି କାରଖାନାର ପ୍ରାଙ୍ଗଣ, ୱାରହାଉସ, ବନ୍ଦର ଏବଂ ଜିଲ୍ଲା କାର୍ଯ୍ୟାଳୟ। ଏହିସବୁ ଉଦାହରଣ ହିଁ ୨୦୨୫କୁ ବାସ୍ତବରେ ସ୍ୱତନ୍ତ୍ର କରି ଉପସ୍ଥାପନ କରିଛି। କେନ୍ଦ୍ର ସରକାର କେବଳ ନିଜ ସ୍ତରରେ ନିୟମ ଓ ପ୍ରକ୍ରିୟାକୁ ନିୟନ୍ତ୍ରଣମୁକ୍ତ କରିବାରେ ସୀମିତ ରହିନାହାନ୍ତି; ସରକାର ନିଜ ସହ ସମ୍ପୃକ୍ତ ସମଗ୍ର ଶାସନ ବ୍ୟବସ୍ଥାକୁ ନେଇ ସଂଯୁକ୍ତ ଭାବେ କାର୍ଯ୍ୟ କରୁଛନ୍ତି। ଏହି କାରଣରୁ ୨୦୨୫ ମସିହା କେବଳ ଗୋଟିଏ ସଂସ୍କାର ପାଇଁ ନୁହେଁ, ବରଂ ଶାସନର ଚିନ୍ତାଧାରା ଓ ମୂଳ ଆଧାରରେ ଆସିଥିବା ଏକ ବ୍ୟାପକ ପରିବର୍ତ୍ତନ ପାଇଁ ସ୍ମରଣୀୟ ହୋଇରହିଛି। ଇଜ୍ ଅଫ୍ ଡୁଇଂ ବିଜିନେସ ଆଉ ଭାରତ ପାଇଁ ଏକ ସୂଚୀ ପଛରେ ଧାଇଁବା ଭଳି କାର୍ଯ୍ୟହୋଇ ରହିନାହିଁ। ବର୍ତ୍ତମାନ ବ୍ୟବସ୍ଥାରେ ଯେଉଁସବୁ ଆଚରଣ ପ୍ରତିଫଳିତ ହୋଇଛି ତାହା ଅଭ୍ୟାସରେ ରୂପାନ୍ତରିତ ହୋଇସାରିଛି।

# ବ୍ରିକ୍ସ-ଏଜିଏସି ସମ୍ମିଳନୀରେ ଯୋଗଦେଲେ ବୈଜ୍ଞାନିକ ପ୍ରଦ୍ୟୁମ୍ନ



**ଖଣ୍ଡପଡ଼ା,୨୬।୧୨/ଏନ୍ଏନ୍ଏସ୍:** ହାଇଦ୍ରାବାଦସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଆଣ୍ଡ ସାଇନ୍ସରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁମାର ସାହୁ ଭାରତ ସମେତ ୫ଟି ଦେଶକୁ ନେଇ ଗଠିତ ବ୍ରିକ୍ସ-ଏଜିଏସ ସଂଘର କାଉନସିଲ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଏବେ ସେ ସୁଦୂର ବ୍ରାଜିଲ୍‌ଠାରେ ଆୟୋଜିତ ବ୍ରିକ୍ସ-ଏଜିଏସ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ ଯୋଗ ଦେଇ ନିଜର ମତ ରଖିଥିବା ଜଣାଯାଇଛି । ସେଠାରେ ବୈଜ୍ଞାନିକ ଶ୍ରୀ ସାହୁ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଶ୍ୱର ୫ଟି ଦେଶ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ-ଏଜିଏସି ସଂଘର କାର୍ଯ୍ୟ ମୁଖ୍ୟତଃ ମାଧ୍ୟାକର୍ଷଣ, ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ସହଯୋଗ ଓ ଗବେଷଣା ଉପରେ ପର୍ଯ୍ୟବେସିତ ବୋଲି ଜଣାପଡ଼ିଛି । ଉପରୋକ୍ତ ୫ଟି ଦେଶର ବୈଜ୍ଞାନିକ,ଗବେଷକଙ୍କୁ ସହଯୋଗ କରିବା ସହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଏ ସମ୍ବନ୍ଧୀୟ ଜ୍ଞାନର ଆଦାନ ପ୍ରଦାନ ନିମନ୍ତେ ବ୍ରାଜିଲ୍‌ଠାରେ ସମ୍ମିଳନୀର ଆୟୋଜନ କରାଯାଇଛି ।

# ମାଙ୍କଡ଼ କାମୁଡ଼ାରେ ପ୍ରାଣୀଧନ ନିରୀକ୍ଷିକା ଗୁରୁତର



**ମାହାଙ୍ଗା,୨୬।୧୨/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପ୍ରାଣୀଧନ ସହାୟକ କେନ୍ଦ୍ରର ନିରୀକ୍ଷିକା ଚୌଧୁରୀ ସୁଚିତ୍ରା କୁମାରୀ ପ୍ରହରାଜ ମାଙ୍କଡ ଆକ୍ରମଣରେ ଗୁରୁତର ହୋଇଛନ୍ତି । ସୂଚନା ମୁତାବକ ପ୍ରାଣୀଧନ ନିରୀକ୍ଷିକା ଶ୍ରୀମତୀ ପ୍ରହରାଜ ଗତ ୨୪ ତାରିଖରେ ସରକାରୀ କାର୍ଯ୍ୟରେ ମାହାଙ୍ଗା ପ୍ରାଣୀ ଚିକି ସାଳୟକୁ ସ୍କୁଟି ଯୋଗେ ଯାଉଥିବା ସମୟରେ ମେଡିକାଲ ରାସ୍ତା ନିକଟରେ ଏକ ମାଙ୍କଡ଼ ତାଙ୍କୁ ଆକ୍ରମଣ କରିଥିଲା । ଯାହା ଫଳରେ ସେ ତଳେ ପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ପ୍ରଥମେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ତାଙ୍କ ଚିକିତ୍ସାରେ ଉନ୍ନତି ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇ ମସ୍ତିଷ୍କ କ୍ଷତିର ଚିକିତ୍ସା କରାଯାଇଥିଲେ ମଧ୍ୟ ଚେତାଶୂନ୍ୟ ଅବସ୍ଥାରେ ରହିଛନ୍ତି । ଏଠାରେ ସୂଚନା ଥାଉ କି ଏହି ମାଙ୍କଡ଼ଟି ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସମୟରେ ଲୋକଙ୍କୁ ଆକ୍ରମଣ କରି ଆହତ କରୁଥିବା ବେଳେ ବନବିଭାଗ ପକ୍ଷରୁ ଆହତ ଘରେ ପହଞ୍ଚି ମାଙ୍କଡ ଏହି ଅଞ୍ଚଳକୁ ଆସିଲେ ଆମକୁ ଖବର ଜଣାଇବାକୁ କହି ନିଜ କାର୍ଯ୍ୟ ସାରି ଦେଇ ଚୁପ ହୋଇ ବସିଛନ୍ତି । ଏହି ମାଙ୍କଡ଼ର ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତୁରନ୍ତ ଏହି ମାଙ୍କଡ଼ଟିକୁ ଧରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ନୂତନ ବର୍ଷରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ଅଗ୍ନିଶମ କେନ୍ଦ୍ରର ସମୀକ୍ଷା

**ପୁରୀ,୨୬।୧୨/ଏନ୍ଏନ୍ଏସ୍:** ପୁରୀ ସହରରେ ଆସନ୍ତା ୩୧ ଡିସେମ୍ବର ଓ ନୂତନ ବର୍ଷ ୨୦୨୬ ଅବସରରେ ଅଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେବାକୁ ଥିବା ପରିପ୍ରେକ୍ଷୀରେ ସାର୍ବିକ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଆଜି ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନେତୃତ୍ୱରେ ବଡ଼ଦାଣ୍ଡ ସ୍ଥିତ ଅଗ୍ନିଶମ କେନ୍ଦ୍ରର ଏକ ବିସ୍ତୃତ ସମୀକ୍ଷା କରାଯାଇଛି । ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅନ୍ୟ ବରିଷ୍ଠ ପୁଲିସ ଅଧିକାରୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟତଃ ବଡ଼ଦାଣ୍ଡ, ଶ୍ରୀମନ୍ଦିର ପାଖରେ, ଚାରି ଦ୍ୱାର, ମୁଖ୍ୟ ଭକ୍ତ ଚଳାଚଳ ମାର୍ଗ ଓ ଜନସମାଗମ ଅଧିକ ଥିବା ସ୍ଥାନଗୁଡ଼ିକରେ ଅଗ୍ନିଜନିତ ଦୁର୍ଘଟଣା ପ୍ରତିରୋଧ ଓ ଆପାତକାଳୀନ ସେବା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ସମୀକ୍ଷା ସମୟରେ ଅଗ୍ନିଶମ କେନ୍ଦ୍ରର ଉପଲବ୍ଧ ଯାନବାହନ, ଅଗ୍ନିନିର୍ବାପଣ ଉପକରଣ, ଜଳସ୍ରୋତ, ଆପାତକାଳୀନ ସହାୟତା ବ୍ୟବସ୍ଥା ଓ ଦ୍ରୁତ ପ୍ରତିକ୍ରିୟା କ୍ଷମତାକୁ ନିକଟରୁ ଦେଖିଥିଲେ । ଅଗ୍ନିଶମ କର୍ମଚାରୀମାନଙ୍କୁ ସଦା ସଚେତନ ଓ ସତର୍କ ରହିବା ସହ ଯେକୌଣସି ଆପାତକାଳୀନ ପରିସ୍ଥିତିକୁ ତୁରନ୍ତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏସ୍‌ପି ପ୍ରତୀକ ସିଂହ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ ବୋଲି ଜଣାଇଥିଲେ । ନୂତନ ବର୍ଷ ଉତ୍ସବ ସମୟରେ ହୋଟେଲ, ଲଜ୍, ଧର୍ମଶାଳା, ବଜାର ଅଞ୍ଚଳ, ଆଲୋକସଜ୍ଜା ଥିବା ସ୍ଥାନ ଓ ଭିଡ଼ ଅଧିକ ଥିବା ଅଞ୍ଚଳ ଗୁଡ଼ିକରେ ଅଗ୍ନିସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା । ସେହିପରି ପୁଲିସ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଓ ପୌର ପ୍ରଶାସନ ମଧ୍ୟରେ ଆନ୍ତଃବିଭାଗୀୟ ସମନ୍ୱୟକୁ ଆହୁରି ମଜଭୁତ କରିବାକୁ ଜୋର ଦିଆଯାଇଥିଲା । ଆପାତକାଳୀନ ସ୍ଥିତିରେ ଦ୍ରୁତ ସୂଚନା ଓ ରେସ୍ପନ୍ସ ପାଇଁ ଏକ ସୁସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁରୀ ପୁଲିସ ପକ୍ଷରୁ ସାଧାରଣ ଜନସାଧାରଣ, ଭକ୍ତ ଓ ପର୍ଯ୍ୟଟକ ମାନଙ୍କୁ ଅନୁରୋଧ କରାଯାଉଛି ଯେ ନୂତନ ବର୍ଷ ଉତ୍ସବ ସମୟରେ ସମସ୍ତ ସୁରକ୍ଷା ନିୟମ ମାନିବେ, ପ୍ରଶାସନଙ୍କ ସହ ସହଯୋଗ କରିବେ ଓ କୌଣସି ସନ୍ଦେହଜନକ କିମ୍ବା ଆପାତକାଳୀନ ପରିସ୍ଥିତି ଦେଖିଲେ ତୁରନ୍ତ ପୁଲିସ କିମ୍ବା ଅଗ୍ନିଶମ ବିଭାଗକୁ ସୂଚନା ଦେବେ । ପୁରୀ ପୁଲିସ ଆସନ୍ତା ୩୧ ତାରିଖ ଓ ନୂତନ ବର୍ଷ ୨୦୨୬ ଅବସରରେ ସହରରେ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ସୁସଂଗଠିତ ପରିବେଶ ରଖିବା ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

**କୁଣ୍ଡେଇ,୨୬।୧୨/ଏନ୍ଏନ୍ଏସ୍:** କାକଟପୁର ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା କ୍ଷେତ୍ରୀୟ ସହସଂଗଠନ ମନ୍ତ୍ରୀ ହେମନ୍ତ କୁମାର ପାଣିଗ୍ରାହୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କିଶୋର ପୃଷ୍ଟି, ଉପସଭାପତି ବନବିହାରୀ ଗ୍ରହାଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଆଚାର୍ଯ୍ୟ ଶ୍ରୀ ପାତ୍ର ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ବିଦ୍ୟାଳୟର ଟେକ ରଖିବାକୁ ସଭାପତି ତାଙ୍କ ଭାଷଣରେ ପ୍ରକାଶ କରିଥିଲେ । ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ନୂତନ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ବୟାଳିଶମୌଜା,୨୬।୧୨/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ଥାନାର ନୂତନ ଥାନା ଅଧିକାରୀ ଭାବେ ଯୋଗ ଦେଇଥିବା ହେମନ୍ତ କୁମାର ସେଠୀଙ୍କୁ ୪୨ ମୌଜା ସାମ୍ବାଦିକଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ତଥା ସଭାପତି ଅନିଲ ଦାସ, ଦୀପକ ଆଚାର୍ଯ୍ୟ, ନିରଞ୍ଜନ ଆଚାର୍ଯ୍ୟ, ଅଶୋକ ପତି, ବିଶ୍ୱରଞ୍ଜନ ଦାସ, ଚନ୍ଦନ ମହାନ୍ତି ପ୍ରମୁଖ ସମସ୍ତ ସାମ୍ବାଦିକ ମାନେ ଉପସ୍ଥିତ ରହି ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

### ମା’ ଲଙ୍କେଶ୍ୱରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

# ଫ୍ରେଣ୍ଡ୍ସ ପାରାଡାଇଜି ସେମିଫାଇନାଲ୍‌କୁ ଉନ୍ନୀତ

**ବଲଙ୍ଗା,୨୬।୧୨/ଏନ୍ଏନ୍ଏସ୍:** ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବଲଙ୍ଗା ମିନି ଷ୍ଟାଡିୟମ୍‌ରେ ଫ୍ରେଣ୍ଡ୍ସ ପାରାଡାଇଜି, ଜଟଣୀ ଓ ସେଞ୍ଚୁରିଆନ ୟୁନିଭର୍ସିଟି ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଆଜି ତୃତୀୟ ଦିନରେ ଫ୍ରେଣ୍ଡ୍ସ ପାରାଡାଇଜି, ଜଟଣୀ ୧-୦ ଗୋଲରେ ସେଞ୍ଚୁରିଆନ୍ ୟୁନିଭର୍ସିଟି ଭୁବନେଶ୍ୱରକୁ ହରାଇ ସେମିଫାଇନାଲରେ ପହଞ୍ଚିଛି । ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନୀଲ ହେମ୍ବ୍ରମ୍, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦିପ୍ତ ଦାସ । ଲଙ୍କେଶ୍ୱରୀ ଫୁଟବଲ୍ କ୍ଲବର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଟଣୀ ପୂର୍ବତନ ବିଧାୟକ ସୁର ରାଉତରାୟ, ବଲଙ୍ଗା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା, ବଲଙ୍ଗା ପଞ୍ଚାୟତ ସଭାପତି ପ୍ରଭାକର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଓ ଭଞ୍ଜନଗର ଫୁଟବଲ୍ କ୍ଲବ୍,ଘାଟିଖିଆ ମଧ୍ୟରେ ଅନୁଷ୍ଠିତ ହେବ ।

# ମହାବୀର ଚାଲେଞ୍ଜ କ୍ରିକେଟ୍ କପ୍ ଟୁର୍ଣ୍ଣାମେଣ୍ଟ୍

**ଭୁଷଣ୍ଡପୁର,୨୬।୧୨/ଏନ୍ଏନ୍ଏସ୍:** ଚତୁର୍ଥ ଶେଷ ଲିଗ୍ ମ୍ୟାଚ୍ ଏୟାରପୋର୍ଟ ଆସେସ ଭୁବନେଶ୍ୱର ଓ ବିଦ୍ରୋହୀ କ୍ରିକେଟ କ୍ଲବ୍ ଜଟଣୀ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏୟାର୍‌ପୋର୍ଟ ଆସେସ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭର ମ୍ୟାଚ ବିଶିଷ୍ଟ ଖେଳ ମଧ୍ୟରୁ ୮ ୱିକେଟ ହରାଇ ୨୪୬ ରନ୍ ସଂଗ୍ରହ କରିନେଇଥିଲା । ଏହାର ଜବାବରେ ବିଦ୍ରୋହୀ କ୍ରିକେଟ କ୍ଲବ୍ ଜଟଣୀ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ୍ କରି ପରାଜିତ ହୋଇଛି । ଏୟାରପୋର୍ଟ ଆସେସ ଭୁବନେଶ୍ୱର ବିଜୟ ଲାଭ କରି ସେମିଫାଇନାଲ ମ୍ୟାଚ ଖେଳିବା ପାଇଁ ଉନ୍ନୀତ ହୋଇଛି । ମୁଖ୍ୟ ଅତିଥି ଭାବେ ଦେବେନ୍ଦ୍ର ବେହେରା ସଭାପତି ସିଏଫ୍‌ସିସିଏସ୍, ସମ୍ମାନିତ ଅତିଥି ଭାବେ ମାନସ କୁମାର ମଲ୍ଲିକ ଓ ଗୌରହରି ମଲ୍ଲିକ ଯୋଗଦାନ କରିଥିଲେ । ମ୍ୟାଚ ପରିଚାଳନା କରିଥିଲେ ରମେଶ କୁମାର ସାହୁ । ସମୀର କୁମାର ମଲ୍ଲିକ, ସିଲୁ ସାହୁ, ଶ୍ରୀମନ୍ତ କୁମାର ମଲ୍ଲିକ, ମଣ୍ଟୁ ଅନାଥ ଦଳାଇ, ମିଲୁ ସାହୁ, ରଞ୍ଜନ ମଲ୍ଲିକ ଓ ଯଶୋବନ୍ତ ମଲ୍ଲିକ ଉପସ୍ଥିତ ରହି ଆଜିର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

### ଶରଣକୁଳ ସର୍ବଭାରତୀୟ ମହିଳା ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ୍

# ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ୧-୦ ଗୋଲରେ ବିଜୟୀ



**ଓଡ଼ଗାଁ,୨୬।୧୨/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ନାରାୟଣ ହାଇସ୍କୁଲ ପଡ଼ିଆରେ ଶରଣକୁଳ ସ୍ପୋର୍ଟସ ଆସୋସିଏସନ୍ ପକ୍ଷରୁ ଚାଲିଥିବା ସର୍ବ ଭାରତୀୟ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଖେଳର ଶୁକ୍ରବାର ଦ୍ୱିତୀୟ ଦିନର ଖେଳରେ ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ଓ ତାରେଣୀ ଫୁଟବଲ୍ ଏକାଡେମୀ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମାର୍ଦ୍ଧ ଖେଳରେ ଏକ ଫାଉଲ୍‌କୁ ନେଇ ପେନାଲଟିକ୍ ଜରିଆରେ ସୁନ୍ଦରଗଡ଼ ଟିମ୍ ର ୧୪ ନଂ ଖେଳାଳି ଶିବାନୀ ମୁଣ୍ଡାରୀ ଏକ ସୁନ୍ଦର ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ ।ଦ୍ୱିତୀୟାର୍ଦ୍ଧ ଖେଳରେ ଅତି ସଂଘର୍ଷପୂର୍ଣ୍ଣ ହୋଇଥିଲେ ମଧ୍ୟ କେହି କାହାରିକୁ ଗୋଲ ଦେଇ ପାରିନଥିଲେ । ତାରିଣୀ ଏକାଡେମୀ କେନ୍ଦୁଝର ବହୁତ୍ ସୁଯୋଗ ହାତଛଡ଼ାକରି ଶେଷରେ ପରାଜିତ ହୋଇଥିଲା । ଫଳରେ ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ୧-୦ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି । ଆଜିର ଖେଳକୁ ଜାତୀୟ ରେଫେରି ରୀନା ତିର୍କି ପରିଚାଳନା କରିଥିବାବେଳେ ରାଉରକେଲାର ଆରତୀ ମହାନ୍ତି ଓ ବାଲେଶ୍ୱରର ସୀତା ମାରାଣ୍ଡି ଲାଇନରେ ସହାୟତା କରିଥିଲେ ଓ ୪ର୍ଥ ରେଫେରୀ ଭାବେ ଭୁବନେଶ୍ୱରର ଭାରତୀ ମହାନ୍ତି ସହଯୋଗ କରିଥିଲେ । ଖେଳରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟ ନାୟକ, ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଥାନା ଅଧିକାରୀ ସୁଜିତ୍ କୁମାର ଦାସ,ଅନୁଷ୍ଠାନ ସଭାପତି ଜ୍ୟୋତିର୍ମୟ ମହାନ୍ତି, ସହସମ୍ପାଦକ ଲିଙ୍ଗରାଜ ପାତ୍ର ଓ କୋଷାଧ୍ୟକ୍ଷ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଭାଷ୍ୟକାର ଭାବେ ଶେଖ ଅବଦୁଲ ଖାଲିକ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ସଂଯୋଜକ ବିକାଶ ଜ୍ୟୋତି ଦୋରା ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଆସନ୍ତାକାଲି ଶନିବାର ସୁନ୍ଦରଗଡ଼ ସ୍ପୋର୍ଟସ ହଷ୍ଟେଲ ସହିତ ରାଞ୍ଚି ଏକାଦଶ ଝାଡ଼ଖଣ୍ଡ ମଧ୍ୟରେ ମୁକାବିଲା ହେବ ବୋଲି ସ୍ପୋର୍ଟସ ଆସୋସିଏସନ୍ ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର ସୂଚନା ଦେଇଛନ୍ତି ।

# ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ନିଶ୍ଚିନ୍ତକୋଇଲି,୨୬।୧୨/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ବାଣୀନଗର ସ୍ଥିତ ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟର ୩୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କଲେଜ କର୍ତ୍ତୃପକ୍ଷ, କର୍ମଚାରୀ ଏବଂ ଛାତ୍ରୀଙ୍କ ପକ୍ଷରୁ ଏକ ବିରାଟ ପଟୁଆରରେ ଅତିଥି ମାନଙ୍କୁ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା । ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ପୁଷ୍ପିତା ଜେନାଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଯୋଗଦାନ କରି ବିଜୁ ପଟ୍ଟନାୟକଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ କଟକ ସଦର ବିଧାୟକ ତଥା ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତାଙ୍କ ପୁତ୍ର ଚନ୍ଦ୍ରସାରଥୀ ବେହେରା ଯୋଗଦାନ କରି ବହୁ ବର୍ଷ ପରେ ବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦାନ କରିବାର ସୁଯୋଗ ମିଳିଥିବାରୁ ସେ ନିଜମଧ୍ୟରେ ଥିବା ବହୁ ଅନ୍ତରର କଥାକୁ ପ୍ରକାଶ କରିଥିଲେ ଏବଂ ମାହାଙ୍ଗା ସ୍ୱାଧୀନ ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କୁ କଟକ ଜିଲ୍ଲାର ଏକ ଧୁରନ୍ଧର ବିଧାୟକ ବୋଲି କହି ସମ୍ବୋଧନ କରିଥିଲେ । ବରେଣ୍ୟ ଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦାନ କରି ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କ ପ୍ରଚେଷ୍ଟାରେ ନାରୀମାନଙ୍କୁ ଶିକ୍ଷିତ କରିବା ପାଇଁ ଏକ ମଣିଷ ତିଆରି କାରଖାନା ତିଆରି କରିବା ଏକ ଉଚ୍ଚକୋଟିର ଅବଦାନ ବୋଲି କହିବା ସହିତ ସବୁ ବିବାଦକୁ ସମାଧାନ କରିବା ସହିତ ଗୋଟିଏ ସୂତାରେ ମାହାଙ୍ଗାର ସମସ୍ତ ଜନସାଧାରଣଙ୍କୁ ବାନ୍ଧିକି ରଖିବା ମୋର ମୁଖ୍ୟ ଦାୟିତ୍ୱ ବୋଲି ପ୍ରକାଶ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନିବେଦିତା ଦାଶ ସ୍ୱାଗତ ଭାଷଣ ଓ ଅଧ୍ୟାପକ କ୍ଷୀତିଶ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମହାବିଦ୍ୟାଳୟର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଡ଼ଃ ଜୟନ୍ତୀ ସାହୁ ଧନ୍ୟବାଦ୍ ଦେଇଥିଲେ ।

# ବୋଲଗଡ଼ ମହୋତ୍ସବ ଉଦ୍‌ଘାଟିତ



**ବୋଲଗଡ଼,୨୬।୧୨/ଏନ୍ଏନ୍ଏସ୍:** ବୋଲଗଡ଼ ସଦର ବାମନ ଉଚ୍ଚ ବିଦ୍ୟାଳୟ ମଇଦାନରେ ଶୁକ୍ରବାର ୨୨ତମ ବୋଲଗଡ଼ ମହୋତ୍ସବ-୨୫(ଆଶା) ଉଦ୍‌ଘାଟିତ ହୋଇଯାଇଛି । ଶୀତୁଆ ସନ୍ଧ୍ୟାର ଖୋଲା ଆକାଶ ରଙ୍ଗୀନ ମଞ୍ଚକୁ ସ୍ଥାନୀୟ ବିଧାୟକ ତଥା ମହୋତ୍ସବର ସଭାପତି ପ୍ରଦୀପ କୁମାର ସାହୁ ଚିରା ଚରିତ ଢଙ୍ଗରେ ଉଦ୍‌ଘାଟନ କରିଥିଲେ । ମହୋତ୍ସବ ପ୍ରଥମ ସନ୍ଧ୍ୟାର ଅବୈହିତ ପୂର୍ବରୁ ଦିବସର ଅପରାହ୍ନରେ ଅଧିଷ୍ଠାତ୍ରୀ ଦେବୀ ମା’ ରାମଚଣ୍ଡୀଙ୍କ ପୀଠରୁ ଏକ ମସଲା ଶୋଭାଯାତ୍ରାରେ ଆସି ମଞ୍ଚ ପୂଜନ ପରେ ମଞ୍ଚ ଆଗରେ ଗଡ଼ଦେବୀଙ୍କ ବାନା ସ୍ଥାପନା କରାଯାଇଥିଲା । ପରେ ଅତୀବ ଉଦ୍‌ବେଗ ଓ ଆକାଂକ୍ଷାର ସହ ଅପେକ୍ଷା କରିଥିବା କୁଇଜ୍ ମାଷ୍ଟର ଡ଼ଃ ଚନ୍ଦ୍ର ବିଜୟୀ ମିଶ୍ର କୁଇଜ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଆଗକୁ ନେବାରେ ପ୍ରମୁଖ ଭୂମିକା ଲିଭାଇଥିଲେ ।

ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ବୋଲଗଡ଼ର ଐତିହ୍ୟ, ପରମ୍ପରା ଓ ସ୍ୱାଧୀନତା ସଂଗ୍ରାମରେ ଅଞ୍ଚଳର ବୀର ପାଇକ ଓ ସଂଗ୍ରାମୀମାନଙ୍କର ସ୍ମୃତି ଚାରଣ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଇଂ ଅକ୍ଷୟ ପଟ୍ଟନାୟକ, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଶିକ୍ଷାବିତ୍ କାଳିଚରଣ ଜୟସିଂହ, ଶିକ୍ଷକନେତା ସୁମନ୍ତ ଛୋଟରାୟ, ପୂର୍ବତନ ସରପଞ୍ଚ ଉମେଶ ମହାପାତ୍ର, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତି ସଭ୍ୟା ନିର୍ମଳା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ । ଏହି ସାଧାରଣ ସଭାରେ ଐତିହାସିକ ରବିନ୍ଦ୍ର ପରିଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ବୀର ଦାସ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ମହୋତ୍ସବର ସଦସ୍ୟ ଥିବା ଦିବଂଗତ ବ୍ୟକ୍ତିଙ୍କ ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସଭାରେ ବୋଲଗଡ଼ ସମ୍ମାନରେ ଜମ୍ବେଶ୍ୱର ମଙ୍ଗରାଜ, ରଘୁନାଥ ସାହୁ, ପ୍ରିୟ ରଞ୍ଜନ ସାହୁ, ସାମ୍ବାଦିକ ଯଦୁନାଥ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଲକ୍ଷ୍ମୀଧର ଚୌଧୁରୀ ଓ ଭଞ୍ଜ କିଶୋର ଯତୀ ସଂଯୋଜନା କରିଥିବା ବେଳେ ତ୍ରିଲୋଚନ ଓ ସୋମେଶ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ । ସାଂସ୍କୃତିକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସ୍ଥାନୀୟ ଓ ରାଜ୍ୟ ବାହାରୁ ଆସିଥିବା କଳାକାରମାନଙ୍କୁ ନେଇ ବିଭିନ୍ନ ନୃତ୍ୟ ଓ ପରମ୍ପରାଗତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା ।

# ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିଷ୍ଠା ଦିବସ



**ଖଣ୍ଡପଡ଼ା,୨୬।୧୨/ଏନ୍ଏନ୍ଏସ୍:** ଭାପୁର ସଦରମହକୁମା ମାନପୁରଠାରେ ଥିବା ବିଜେଡି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ଜନପ୍ରତିନିଧି ଓ ଶତାଧିକ ଛାମୁଆ କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଖଣ୍ଡପଡ଼ା ବ୍ଲକ ବିଜେଡି ସଭାପତି ବିଜୟ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିର୍ବାଚନ ମଣ୍ଡଳୀର ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ସେବା, ସ୍ୱାଭିମାନ ଓ ସଂଗ୍ରାମ ଆଗାମୀ ଦିନରେ ଜାରି ରହିବ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବରିଷ୍ଠ ଜିଲ୍ଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, ଧର୍ମେନ୍ଦ୍ର କୁମାର ଧଳ, ଭାପୁର ବ୍ଲକ ସଭାପତି ଶିବ ପ୍ରସାଦ ଷଡ଼ଙ୍ଗୀ, ଶିକ୍ଷାବିତ ରବୀନ୍ଦ୍ର ନାଥ ପଟ୍ଟନାୟକ, ବରିଷ୍ଠ ନେତା ମଧୁସୂଦନ ରଥ, ବୈକୁଣ୍ଠ ନାଥ ଗୋଛି, ମାଧବ ଚନ୍ଦ୍ର ସାହୁ, ଅଖିଳ କୁମାର ପଣ୍ଡା, ବୁଲୁ ଦାସ, ଜୟକୃଷ୍ଣ ବେହେରା, ସନ୍ତୋଷ ତ୍ରିପାଠୀ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ସନ୍ତୋଷ କୁମାର ପାଲଟାସିଂହ, ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା ପ୍ରମୁଖ ମଞ୍ଚ ଉପରେ ଉପସ୍ଥିତ ରହିଥିଲେ । ସେହିପରି ୪୨ଟି ପଞ୍ଚାୟତର ଜନପ୍ରତିନିଧି, ସଭାପତି ଓ ଖଣ୍ଡପଡ଼ା ଏନ୍ଏସିର ଛାମୁଆ କର୍ମୀମାନେ ଉପସ୍ଥିତ ଥିଲେ ।

**ବୋଲଗଡ଼:** ବୋଲଗଡ଼ ସଦର ପଞ୍ଚାୟତସ୍ଥିତ ନନ୍ଦିଘୋଷ ଭବନ ପରିସରରେ ବେଗୁନିଆ- ବୋଲଗଡ଼ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି ।ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବୋଲଗଡ଼ ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝୀ ସଭାପତିତ୍ୱ କରିଥିଲେ ଓ ସ୍ଥାନୀୟ ବିଜେଡି ବିଧାୟକ ପ୍ରଦୀପ କୁମାର ସାହୁ ଉପସ୍ଥିତ ଥିଲେ ।ଏଥିରେ ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ତନୁଜା ପାଢ଼ଶାଣୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ବିଜେଡି ବ୍ଲକ ସଭାପତି ପ୍ରଶାନ୍ତ ବେହେରା, ଛାତ୍ର ବିଜେଡି ସଭାପତି ସ୍ୱାଧୀନ ପଣ୍ଡା, ସରପଞ୍ଚ ମାନସ ବିଶ୍ୱାଳ, ଲାବଣ୍ୟ ଜୟସିଂହ, ଅସିତ ତ୍ରିପାଠୀ, ହାଡ଼ିବନ୍ଧୁ ମହାପାତ୍ର, ଜାଗର ମାଝୀ, ଭିକାରୀ ସାହୁ, ଅର୍ଜୁନ ପ୍ରଧାନ, ପୁଲକ ବଡ଼ଜେନା ଓ ଡିଲୁ ବଡ଼ଜେନାଙ୍କ ସମେତ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲ୍ଲାସ ପ୍ରଧାନ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ବୈକୁଣ୍ଠ ନାଥ ସ୍ୱାଇଁ, ଗୀତାଞ୍ଜଳି ସାହୁ, ପ୍ରଦୀପ ବାରିକ, ସୁନନ୍ଦା ବରାଳ, ଜଳଧର ମହାନ୍ତି, ପବିତ୍ର ମୋହନ ମାଝୀ, ସଞ୍ଜୟ ଗୁମାନ ସିଂହ, ପଞ୍ଚୁ ଭାରିମଲ୍ଲ, ନିର୍ମଳା ପ୍ରଧାନ, ରଶ୍ମି ରଞ୍ଜନ ପ୍ରଧାନ, ପ୍ରଭାତି ରାଉତରାୟ, ଗୌରୀ ଦେବୀ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ ଓ ଶୁଭେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ଥିଲେ । ଏହି ବିଜେଡି ପ୍ରତିଷ୍ଠା ଦିବସରେ ଉଭୟ ବ୍ଲକର ୪୦ଟି ପଞ୍ଚାୟତରୁ ବହୁ ମହିଳା ବିଜେଡି ଓ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଜିଲ୍ଲା ବିଜେଡି ସମ୍ପାଦକ ବୀର ଦାସ ସଂଯୋଜନା କରିଥିବା ବେଳେ ବେଗୁନିଆ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ବେହେରା ଧନ୍ୟବାଦ୍ ଦେଇଥିଲେ ।

**ସାକ୍ଷୀଗୋପାଳ:** ସତ୍ୟବାଦୀ ବିଜେଡି ପକ୍ଷରୁ କାଦୁଆଠାରେ ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡ଼ି ସଭାପତି ଉମାକାନ୍ତ ସାମନ୍ତରାୟ ପ୍ରତିଷ୍ଠା ଦିବସ ସଭାରେ ଅଧ୍ୟକ୍ଷତା କରି ଦଳୀୟ କର୍ମୀମାନେ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟ ନାୟକଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହିତ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଉପସ୍ଥିତ ବରିଷ୍ଠ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସଭା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବ୍ଲକ ସଭାପତି ପ୍ରମୋଦ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ପୂର୍ବତନ ଆମ୍ବା ଅଧ୍ୟକ୍ଷ ମହମ୍ମଦ ଜିକିରିଆ, ଦେବେନ୍ଦ୍ର ମହାପାତ୍ର, ଦୁର୍ଗେଶ ମିଶ୍ର, କାଦୁଆ ସରପଞ୍ଚ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ସଭାପତି ଶ୍ରୀ ସାମନ୍ତରାୟ ତାଙ୍କ ବକ୍ତବ୍ୟରେ ନବୀନ ବାବୁଙ୍କ ଦୀର୍ଘ ଚବିଶି ବର୍ଷର ସୁଶାସନର ଉଦାହରଣ ନେଇ ଲୋକମାନଙ୍କ ପାଖକୁ ଯାଇ ସଂଗଠନକୁ ମଜଭୁତ କରିବା ପାଇଁ ପ୍ରୟାସ କରିବାକୁ ଉପସ୍ଥିତ ଚବିଶ ପଞ୍ଚାୟତର ନେତୃତ୍ୱମାନଙ୍କୁ ଉପଦେଶ ଦେଇଥିଲେ । ବର୍ତ୍ତମାନର ସରକାରକୁ କଡ଼ା ସମାଲୋଚନା କରିବା ସହ ବର୍ତ୍ତମାନର ବିଧାୟକ ଏ ପର୍ଯ୍ୟନ୍ତ କୌଣସି ବିକାଶମୂଳକ କାମ କରିନଥିବାରୁ ତାଙ୍କୁ ନିନ୍ଦା କରିଥିଲେ । ସବୁ ସମୟରେ ସେ ସତ୍ୟବାଦୀର ଲୋକମାନଙ୍କ ସହିତ ଅଛନ୍ତି ଓ ଶେଷ ପର୍ଯ୍ୟନ୍ତ ସେମାନଙ୍କ ର ଦୁଃଖସୁଖ ର ସାଥି ହୋଇ ରହିଥିବେ ବୋଲି ଦୃଢ଼ତାର ସହ ଘୋଷଣା କରିଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିଜକୁ ପ୍ରସ୍ତୁତ କରିବାକୁ ସେ ସମସ୍ତ ବିଜଦ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ଦଳର ବରିଷ୍ଠ କର୍ମୀ ଓ କର୍ମକର୍ତ୍ତା, ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବରିଷ୍ଠ ବିଜେଡି କର୍ମୀ ବାଉରୀବନ୍ଧୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ସରପଞ୍ଚ ଦୁଃଶାସନ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରକାଶ ଖଟେଇ,ପ୍ରତିନିଧି ଦେବଦତ୍ତ ସାମନ୍ତରାୟ, ସୁବାସ ପ୍ରଧାନ ଓ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

**ନିତି ଭାରତୀ**

ସଫଳତା ଛୋଟ ଛୋଟ ପ୍ରୟାସଗୁଡ଼ିକର ଯୋଗ ଅଟେ, ଯେଉଁଗୁଡ଼ିକୁ ଦିନ-ରାତି ବାରମ୍ବାର ଅଭ୍ୟାସ କରାଯାଏ।
-ରବର୍ଟ କୋଲିୟର୍।

NITIDIN
ନିତିଦିନ
ଶନିବାର , ୨୭ ଡିସେମ୍ବର, ୨୦୨୫

# ରାଜକନ୍ୟାଙ୍କ ବିଦ୍ୟାଶିକ୍ଷା



ନିଖିଳାନନ୍ଦ ପାଣିଗ୍ରାହୀ

ସ୍କଟ୍‌ଲ୍ୟାଣ୍ଡର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଭାବେ ୟୁନିଭର୍ସିଟି ଅଫ୍ ସେଣ୍ଟ୍ ଆଣ୍ଡ୍ରୁସ୍ ପରିଚିତ। ଏହା ଏକ ସ୍ୱନାମଧନ୍ୟ ଓ ଖ୍ୟାତିସଂପନ୍ନ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ଦେଶରୁ ଛାତ୍ରଛାତ୍ରୀମାନେ ଏଠାରେ ଅଧ୍ୟୟନ କରିବା ପାଇଁ ଆଗ୍ରହୀ ହୋଇଥାନ୍ତି। ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଲଗାରିଥମ୍‌ର ପ୍ରଣେତା ଜନ ନେପିଆର୍, ଭେଷଜ ବିଜ୍ଞାନରେ ନୋବେଲ୍ ବିଜେତା ଜେମ୍ସ ବ୍ଲାକ୍, ବସନ୍ତ ଟିକା ପାଇଁ ସଫଳତା-ପ୍ରାପ୍ତ ଏଡ୍‌ୱାର୍ଡ ଜେନ୍ନରଙ୍କ ପରି କେତେକ ଜ୍ଞାନୀ ଓ ଗବେଷକ ଅନ୍ତର୍ଭୁକ୍ତ। ଅନ୍ୟ ଏକ ଦିଗରୁ ଦେଖିଲେ, ଏଠାରେ ବହୁ ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତି ମଧ୍ୟ ଅଧ୍ୟୟନ କରିଥିବା ଜଣାଯାଏ ଯଥା-କିଙ୍ଗ୍ ଜେମ୍ସ ଅଫ୍ ସ୍କଟ୍‌ଲାଣ୍ଡ, ପ୍ରିନ୍ସ ୱିଲିଅମ୍ସ (ଡ୍ୟୁକ୍ ଅଫ୍ କେମ୍ବ୍ରିଜ, ୨୦୦୫), କାଥେରିନ୍ (ଡଚେସ୍ ଅଫ୍ କେମ୍ବ୍ରିଜ, ୨୦୦୫) ପ୍ରଭୃତି।

ତେଣୁ ଆମେ ଆଶ୍ଚର୍ଯ୍ୟାନ୍ୱିତ ହେବାରେ କୌଣସି କାରଣ ନାହିଁ ଯେ, ଆମ ଦେଶର ଏକ କୋଟିପତିଙ୍କ କନ୍ୟା ଏହି ଶିକ୍ଷାନୁଷ୍ଠାନରେ ଗୋଟିଏ ଚାରି-ବର୍ଷିଆ ପାଠ୍ୟକ୍ରମରେ ନାମ ଲେଖାଇବାକୁ ପଦକ୍ଷେପ ନେଲେ। ତେବେ ଏଥି ସକାଶେ ତାଙ୍କ ପରିବାର ତରଫରୁ ଗୋଟିଏ ବିଜ୍ଞାପନ 'ସିଲ୍‌ଭର ସ୍ୱାନ୍ ରିକ୍ରୁଟ୍‌ମେଣ୍ଟ'ରେ ପ୍ରକାଶିତ ହୋଇଥିଲା। ସେଥିରେ ଉଲ୍ଲେଖ କରାଯାଇଥିଲା ଯେ, ଗୋଟିଏ ଧନୀ ଭାରତୀୟ ପରିବାର ସକାଶେ ବାରଜଣ କର୍ମଚାରୀ ଆବଶ୍ୟକ। ଏମାନଙ୍କ ମଧ୍ୟରେ ରହିଛନ୍ତି ଜଣେ ପ୍ରଧାନ ସେବକ (ବଟଲର୍), ମାଳି, ତିନି ଜଣ ସ୍ତ୍ରୀଲୋକ (ଯେଉଁମାନେ ପରିବାର ପରିଚାଳନା କରିବେ, ହାଉସ୍ କିପର୍), ଗୃହ-ପରିଚାଳକ, ଘରକାମ କରିବା ପାଇଁ ଜଣେ ମହିଳା ପରିଚାରିକା (ଲେଡି'ସ୍ ମେଡ୍), ମଟରଗାଡ଼ି ଚାଳକ (ଚଫିଅର୍), ରୋଷେଇଆ, ତିନିଜଣ ନିର୍ଦ୍ଦିଷ୍ଟ ପୋଷାକ ପିନ୍ଧିଥିବା ଦ୍ୱାରପାଳ (ଫୁଟ୍‌ମ୍ୟାନ୍), ଏଇ ସମସ୍ତ ବାର ଜଣ କର୍ମଚାରୀଙ୍କ ମୁଖ୍ୟ କାମ ହେଉଛି ଅଧ୍ୟୟନ କରୁଥିବା ଛାତ୍ରୀର ଯତ୍ନ ନେବା ସହ ତା'ର ଦୈନନ୍ଦିନ ସୁଖ ସୁବିଧା ସୁରୁଖୁରୁରେ ନିର୍ବାହ କରିବା।

ତେବେ ଏହି କର୍ମଚାରୀମାନଙ୍କୁ ବଛାଯିବା ବେଳେ ବିଭିନ୍ନ କାର୍ଯ୍ୟ ସକାଶେ ଭିନ୍ନ ଭିନ୍ନ ଯୋଗ୍ୟତା ଉଲ୍ଲେଖ କରାଯାଇଛି। ଲେଡି'ସ୍ ମେଡ୍ ଜଣକ ଚଳଚଞ୍ଚଳ ହେବା ସହ ମୁହଁ ହସ ହସ ଦେଖାଯିବା ଉଚିତ୍। ସେ ସକାଳେ ଛାତ୍ରୀକୁ ଶେଯରୁ ଉଠାଇବା ସହ ବିଭିନ୍ନ କର୍ମଚାରୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକାରିଣୀର କାର୍ଯ୍ୟ ସଂପାଦନ କରିବ। ତତ୍ ସହ ସେ ଲୁଗାପଟା ଥିବା ଆଲମାରି ସୁବ୍ୟବସ୍ଥିତ କରିବ, ଛାତ୍ରୀର ବ୍ୟକ୍ତିଗତ ବଜାର ସଉଦା କରିବ। ସର୍ବୋପରି ଛାତ୍ରୀର ପରିଷ୍କାର ପରିଚ୍ଛନ୍ନତା ତା'ର ଦାୟିତ୍ୱ। ଦ୍ୱାରପାଳମାନେ ଛାତ୍ରୀକୁ ଖାଦ୍ୟ ପରଷିବେ, ଡାଇନିଂ ଟେବୁଲ୍ ସଜାଇବେ ଓ ଭୋଜନାଳୟ ସଫା କରିବେ। ଛାତ୍ରୀର ଯାତାୟାତ ବେଳେ ଘରର କବାଟ ଖୋଲିବେ।

ଏହି କର୍ମଚାରୀମାନଙ୍କ ଦରମା ବାବଦରେ ବାର୍ଷିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବା ଅଟକଳ ରଖାଯାଇଛି। ବିଜ୍ଞାପନରେ ଆହୁରି ଦର୍ଶାଯାଇଛି ଯେ, ମଝିରେ ମଝିରେ ଛାତ୍ରୀର ପରିବାରବର୍ଗ ସେଠାକୁ ଆସିବେ। ପ୍ରକାଶ ଥାଉ କି, ଏହି ସମସ୍ତ କର୍ମଚାରୀମାନେ ଛାତ୍ରୀ ରହୁଥିବା ବଙ୍ଗଳାର ପରିସରରେ ଅବସ୍ଥିତ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠରେ ବସବାସ କରିବେ ଓ ସର୍ବଦା ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ହେବେ।

ସାଧାରଣତଃ ସେଣ୍ଟ ଆଣ୍ଡ୍ରୁସ୍ ୟୁନିଭର୍ସିଟିର ପିଲାମାନେ ପ୍ରଥମ ବର୍ଷ ଗୋଟିଏ ହଲ୍‌ରେ ରହି ପଢ଼ାପଢ଼ି କରିଥାନ୍ତି। ସେମାନେ ସୀମିତ ବଜେଟ୍ ମଧ୍ୟରେ ନିଜ ଅଧ୍ୟୟନ ସମାପନ କରିଥାନ୍ତି। ତେଣୁ ସେମାନେ ମିତବ୍ୟୟୀ ହୋଇଥାନ୍ତି। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିରେ ବ୍ୟତିକ୍ରମ ଘଟିଲେ କୌଣସି ଆପତ୍ତି କରିନଥାନ୍ତି। ବରଂ ସେମାନେ ସମର୍ଥନପୂର୍ବକ କହିଥାନ୍ତି, 'ଏହା ହେଉଛି ଗୋଟିଏ ଛାତ୍ରର ବ୍ୟକ୍ତିଗତ ଜୀବନ। ସେମାନେ ଯେମିତି ଚାହୁଁଛନ୍ତି, ସେମିତି ରହିପାରନ୍ତି। ସାରା ବିଶ୍ୱରୁ ଛାତ୍ରମାନେ ଏଠାକୁ ପଢ଼ିବାକୁ ଆସିଥାନ୍ତି ଏବଂ ସେମାନେ ସମସ୍ତେ ସାଧାରଣ 'ହଲ୍ ଅଫ୍ ରେସିଡେନ୍ସ'ରେ ରହିବାକୁ ବାଧ୍ୟ ନୁହନ୍ତି।' ଅର୍ଥାତ୍ ଛାତ୍ରମାନଙ୍କ ପ୍ରତି ସେମିତି କଡ଼ାକଡ଼ି ଭାବେ କଟକଣା ନାହିଁ। ଅଳ୍ପ ଦିନ ମଧ୍ୟରେ ବ୍ରିଟିଶ ପ୍ରାଇଭେଟ୍ ଇଷ୍ଟେଟ୍‌ମାନଙ୍କ ସକାଶେ କର୍ମଚାରୀ ନିଯୁକ୍ତିରେ ପାରଦର୍ଶୀତାସଂପନ୍ନ ସଂସ୍ଥାଟି (ସିଲ୍‌ଭର ସ୍ୱାନ୍ ରିକ୍ରୁଟ୍‌ମେଣ୍ଟ) ଜଣାଇଦେଲା ଯେ, ଉକ୍ତ ବାରଜଣ ଯାକ ନିଯୁକ୍ତ ହୋଇ ସାରିଛନ୍ତି। ('ବିଲିୟନାୟାର୍'ସ କିଡ୍ ଗୋଜ୍ ଟୁ ୟୁନିଭର୍ସିଟି ୱିଥ୍ ଟ୍ୱେଲ୍‌ଭ ସର୍ଭ୍ୟାଣ୍ଟ୍ସ, ନାଓମି କାଣ୍ଟନ, ୧୨ ସେପ୍ଟେମ୍ବର ୨୦୧୮)। ଆଗ କାଳରେ ରାଜଜେମାମାନଙ୍କ ପାଇଁ ବୋଧହୁଏ ଏମିତି ଆଡ଼ମ୍ବରପୂର୍ଣ୍ଣ, ଭୋଗବିଳାସମୟ ବ୍ୟବସ୍ଥା ଥିଲା। ଆମେ ଶୁଣି ଆସୁଛୁ-

'ସୁଖାର୍ଥୀ ଚ ତ୍ୟଜେଦ୍‌ବିଦ୍ୟାଂ ବିଦ୍ୟାର୍ଥୀ ଚ ତ୍ୟଜେତ୍ ସୁଖଂ,
ସୁଖାର୍ଥିନଃ କୁତୋ ବିଦ୍ୟା କୁତୋ ବିଦ୍ୟାର୍ଥିନଃ ସୁଖମ୍।'

ସୁଖ ଇଚ୍ଛା କଲେ ବିଦ୍ୟା ପରିତ୍ୟାଗ କରିବାକୁ ହେବ ଓ ବିଦ୍ୟା ଇଚ୍ଛା କଲେ ସୁଖ ଛାଡ଼ିବାକୁ ପଡ଼ିବ।



ସୁଖାଭିଳାଷୀ ଲୋକ ବିଦ୍ୟାଲାଭ କରେ ନାହିଁ। ବିଦ୍ୟାର୍ଥୀର ମଧ୍ୟ ସୁଖ ନାହିଁ। ଉକ୍ତ ବାଣୀର ସତ୍ୟତା ଏକ ପୌରାଣିକ ଘଟଣାରୁ ସୁସ୍ପଷ୍ଟ।

ଦ୍ୱାପର ଯୁଗର ଗୋଟିଏ ଦୃଶ୍ୟର ଉପସ୍ଥାପନା ଏଠାରେ କରାଯାଇପାରେ। ମହାଭାରତ ଯୁଦ୍ଧ ଚରମ ସୀମାରେ ପହଞ୍ଚିଥାଏ। ଗୁରୁ ଦ୍ରୋଣ ଓ ଶିଷ୍ୟ ଅର୍ଜୁନ ମଧ୍ୟରେ ଘମାଘୋଟ ଲଢ଼େଇ ଚାଲିବା ବେଳେ ଗୁରୁଙ୍କ ଉପରେ ଶିଷ୍ୟ ଭାରୀ ପଡ଼ିଥିଲେ। ଏଥିରେ ଦୁର୍ଯ୍ୟୋଧନ ବିସ୍ମିତ ହୋଇ ଏହାର କାରଣ ଜାଣିବା ପାଇଁ ଗୁରୁଙ୍କୁ ଜିଜ୍ଞାସା କଲେ। ସେତେବେଳେ ଦ୍ରୋଣ କହିଲେ, 'ମୁଁ ଆଜିକୁ ଦୀର୍ଘ ବର୍ଷ ଧରି ରାଜାଶ୍ରୟରେ ବଢ଼ିଛି। ସବୁ ପ୍ରକାର ସୁଖ, ସୁବିଧା ମୁଁ ଉପଭୋଗ କରୁଛି। ଦୁଃଖ କଷ୍ଟ ମୁଁ କେବେଠୁଁ ଭୁଲିଗଲିଣି। କିନ୍ତୁ ଅର୍ଜୁନ ସମେତ ପଞ୍ଚୁପାଣ୍ଡବ ଇତ୍ୟବସରେ ଅକଥନୀୟ ଦୁଃଖ, ଯନ୍ତ୍ରଣା ଅନୁଭବ କରିଛନ୍ତି। କେବଳ ପ୍ରତିକୂଳ ପରିସ୍ଥିତିରେ ପ୍ରତିଭାର ବିକାଶ ହେବା ସହ ବୀରତ୍ୱ, ଧୈର୍ଯ୍ୟ, ସହନଶୀଳତା ବହୁଗୁଣିତ ହୋଇଥାଏ। ତେଣୁ ଅର୍ଜୁନ ମୋ ଠାରୁ ଅଧିକ ସକ୍ଷମ ଓ ବଳଶାଳୀ ହେବା ଆଦୌ ବିଚିତ୍ର ନୁହେଁ। ଅସଂଖ୍ୟ ପ୍ରତିବନ୍ଧକ ତାକୁ ଏକ ଦୁର୍ଦ୍ଧର୍ଷ ଯୋଦ୍ଧାରେ ପରିଣତ କରିଛି। ତା'ର ଜ୍ଞାନ ଶାଣିତ ହୋଇଛି।'

ଭୋଗବିଳାସ ଜ୍ଞାନାର୍ଜନର କେବଳ ପରିପନ୍ଥୀ ନୁହେଁ, ଏହାର ସୁଫଳ ପ୍ରାପ୍ତିକୁ, ଧୂମାୟିତ କରି ନିଷ୍ପ୍ରଭ କରିଦିଏ। ତେବେ ଏହା ଥିଲା ଦ୍ୱାପର ଯୁଗର କଥା। ଆଗ ଦିନର ଗୁରୁ-ବଚନ। ଏହାକୁ ମାନିବା ବେଳେ ଆଜିକାଲିର ଲୋକେ ଦୋଦୋ ପାଞ୍ଚ ହୋଇପାରନ୍ତି। ଏପରିକି ବର୍ତ୍ତମାନ ଏହାକୁ କେହି ଭ୍ରୂକ୍ଷେପ କରୁନାହାନ୍ତି। ଆଜିକାଲି ବିପରୀତ ଦୃଶ୍ୟଟି ବରେଣ୍ୟ ହେଉଛି। ଲାଗୁଛି, 'ଏ ତ କଳିକାଳ ରୀତି, ବିପରୀତ ଭାଇରେ।'■

ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ
ବ୍ରହ୍ମପୁର- ୭୬୦୦୦୧
ମୋ- ୯୦୭୮୭୪୩୮୪୩

# ଭାରତୀୟ ନଦୀ-କେନ୍ଦ୍ରିକ ଉପନ୍ୟାସ

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ

ନଦୀମାତୃକ ଭାରତବର୍ଷରେ ନଦୀକୁ ନେଇ ପ୍ରାଚୀନ ଯୁଗରୁ ବିଭିନ୍ନ ଭାଷାରେ ବହୁ ଗୀତ, କବିତା, ଗଳ୍ପ, ଉପନ୍ୟାସ ଲେଖାଯାଇଛି। ପ୍ରଖ୍ୟାତ ବଙ୍ଗୀୟ ଔପନ୍ୟାସିକ ବିଭୁତି ଭୂଷଣ ବନ୍ଦୋପାଧ୍ୟାୟ (୧୮୯୪-୧୯୫୦) ଇଛାମତୀ ନଦୀକୁ ନେଇ ଲେଖିଥିଲେ ତାଙ୍କର କାଳଜୟୀ ଉପନ୍ୟାସ 'ଇଚ୍ଛାମତୀ'। ୧୯୫୦ ମସିହା ଜାନୁଆରୀ ମାସରେ ଏହା ପ୍ରକାଶିତ ହୋଇଥିଲା। ସେହି ବର୍ଷ ନଭେମ୍ବର ମାସରେ ତାଙ୍କ ଦେହାନ୍ତ ହୋଇଥିଲା।

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ବ୍ରିଟିଶଶାସିତ ବଙ୍ଗ ପ୍ରଦେଶରେ ଇଚ୍ଛାମତୀ ନଦୀ କୂଳରେ ବସବାସ କରୁଥିବା ଲୋକମାନଙ୍କ କାହାଣୀ ଏ ଉପନ୍ୟାସ। ଜଣେ କୁଳୀନ ବ୍ରାହ୍ମଣ ଭବାନୀଶଙ୍କରଙ୍କ ଜୀବନୀ ଜରିଆରେ ଏକ କାଳଖଣ୍ଡର ସାମାଜିକ ଇତିହାସ ଏ ଉପନ୍ୟାସ। ନୀଳଚାଷର ପ୍ରେକ୍ଷାପଟରେ ଲିଖିତ ଏ ଉପନ୍ୟାସରେ ଇଚ୍ଛାମତୀ ନଦୀର ପ୍ରବାହ ଭଳି ଲୋକମାନଙ୍କ ଜୀବନର ସୁଖଦୁଃଖ କଥା କୁହାଯାଇଛି, ଜୀବନର ଅର୍ଥ ଖୋଜିବା ପାଇଁ ଚେଷ୍ଟା କରାଯାଇଛି। ଏହି ଉପନ୍ୟାସଟି ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ଅନୁଦିତ ହୋଇଛି। ୧୯୯୦ରେ ଲକ୍ଷ୍ମୀନାରାୟଣ ମହାନ୍ତି ଏହାକୁ ଓଡ଼ିଆରେ ଅନୁବାଦ କରିଥିଲେ।

ବୈତରଣୀ ନଦୀରେ ବନ୍ୟା ପ୍ରେକ୍ଷାପଟରେ ଲିଖିତ ଡକ୍ଟର ପ୍ରସନ୍ନ କୁମାର ମିଶ୍ର (୧୯୪୧-୨୦୧୪)ଙ୍କ ଉପନ୍ୟାସ 'ବଢି ପାଣିର ଦାନ୍ତ' ପ୍ରକାଶିତ ହୋଇଥିଲା ୧୯୭୫ରେ। ପ୍ରକାଶକ ଅଧୁନା ପ୍ରକାଶନ ପରେ ଏହାର ଇଂରାଜୀ ଅନୁବାଦ 'ଦି ଫ୍ୟାଙ୍ଗଲଡ୍ ୱାଟର୍' ଶୀର୍ଷକରେ ପ୍ରକାଶିତ ହୋଇଛି।

ଅଦ୍ୱୈତ ମଲ୍ଲବର୍ମନ (୧୯୧୪-୧୯୫୧)ଙ୍କ 'ତିତାସ ଏକ୍‌ଟି ନଦୀର ନାମ' (ତିତାସ ଏକ ନଈର ନାଁ) ପ୍ରକାଶିତ ହୋଇଥିଲା ୧୯୫୬ରେ। ଏହାର କାହାଣୀ ଅବଲମ୍ବନରେ ଋତ୍ୱିକ ଘଟକ ୧୯୭୩ରେ ନିର୍ମାଣ କରିଥିଲେ ଏକ ଅବିସ୍ମରଣୀୟ ଚଳଚ୍ଚିତ୍ର। ତିତାସ ନଈ କୂଳରେ ବସବାସ କରୁଥିବା କେଉଟ ସମ୍ପ୍ରଦାୟର ଜୀବନ ଏବଂ କ୍ରମପରିବର୍ତ୍ତନ ଉପରେ ଲେଖାଯାଇଛି ଏହି ଧ୍ରୁପଦୀ ଉପନ୍ୟାସଟି।




୭୫ ବର୍ଷରେ 'ଇଚ୍ଛାମତୀ' : ୫୦ ବର୍ଷରେ 'ବଢି ପାଣିର ଦାନ୍ତ'

ମହାନଦୀକୁ ନେଇ ଅନିତା ଅଗ୍ନିହୋତ୍ରୀଙ୍କ ଉପନ୍ୟାସ 'ମହାନଦୀ' ପ୍ରଥମେ ବଙ୍ଗଳା ଭାଷାରେ ପ୍ରକାଶିତ ହୋଇଥିଲା ୨୦୧୫ରେ। ପରେ ପରେ ଏହା ଓଡ଼ିଆ, ଇଂରାଜୀ, ହିନ୍ଦୀ ଏବଂ ଅନ୍ୟାନ୍ୟ ଭାଷାରେ ପ୍ରକାଶିତ ହୋଇଛି। ଏଥିରେ ମହାନଦୀକୁ ନେଇ ଥିବା ନାନା କିମ୍ବଦନ୍ତୀ ଏବଂ କାହାଣୀକୁ ବର୍ଣ୍ଣନା କରାଯାଇଛି। ମହାନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକରେ ରହୁଥିବା ବିଭିନ୍ନ କାଳଖଣ୍ଡର ଲୋକଙ୍କ କଥା କୁହାଯାଇଛି ଏଥିରେ। ସୁବର୍ଣ୍ଣରେଖା ନଦୀକୁ ନେଇ ନଳିନୀ ବେରାଙ୍କ ଉପନ୍ୟାସ 'ସୁବର୍ଣରେଣୁ ସୁବର୍ଣ୍ଣରେଖା' ପ୍ରକାଶିତ ହୋଇଥିଲା ୧୯୯୯ରେ।

ପ୍ରତିଭା ରାୟଙ୍କ 'ମଗ୍ନମାଟି' ୧୯୯୯ ମହାବାତ୍ୟା ପ୍ରେକ୍ଷାପଟରେ ଲିଖିତ ଏକ ଅବିସ୍ମରଣୀୟ ଉପନ୍ୟାସ। ଗୋଟେ ଛୋଟ ନଈକୁ ପ୍ରତୀକ ଭାବରେ ନେଇ ସମାଜର କ୍ରମପରିବର୍ତ୍ତନ ଦର୍ଶାଇଛନ୍ତି କନିଷ୍କ ତାଙ୍କ 'ଘାଟ' ଉପନ୍ୟାସରେ। ଆସାମୀ ଭାଷାରେ ରୁଦ୍ରାଣୀ ଶର୍ମାଙ୍କ ଉପନ୍ୟାସ 'କହିବୁନେର ମାଲିତା' (କାଶତଣ୍ଡୀର ଗୀତ; ପ୍ରଥମ ପ୍ରକାଶ ୨୦୧୯) ବ୍ରହ୍ମପୁତ୍ର ନଈ ଚାରରେ ବସବାସ କରୁଥିବା ବାଂଲାଦେଶର ମୁସଲମାନ (ସ୍ଥାନୀୟ ଭାଷାରେ ମିଆଁ ମୁସଲମାନ ସମ୍ପ୍ରଦାୟର ଜୀବନକାହାଣୀ)। ଏ ଉପନ୍ୟାସରେ ନଈକୁ ଏକ ଅପରାଧୀ ଭାବେ ଚିତ୍ରଣ କରାଯାଇଛି, ଯିଏ ପ୍ରତିବର୍ଷ ବନ୍ୟାରେ ଲୋକଙ୍କ ଘର ଉଜାଡିଦିଏ। ହିନ୍ଦୀ ଭାଷାରେ ନଈକୁ ନେଇ ଅନେକ ଗଳ୍ପ ଉପନ୍ୟାସ ଲେଖାଯାଇଛି। ଅମୃତ ଲାଲ ଭେଗଡଙ୍କ 'ଅମୃତସ୍ୟ ନର୍ମଦା' ଏକ ଅଭିନବ ଭ୍ରମଣ କାହାଣୀ। ଲେଖକ ନିଜେ ନର୍ମଦା ନଦୀର ଦକ୍ଷିଣ କୂଳ ୧୮୦୦ କିଲୋମିଟର ପାଦରେ ଚାଲି ଚାଲି ଏ ନଦୀ ସମ୍ପର୍କରେ ପ୍ରତ୍ୟକ୍ଷ ଅଭିଜ୍ଞତା ଆଧାରରେ ଏହାକୁ ଲେଖିଛନ୍ତି। ଏହି ଉପନ୍ୟାସଟି ବିଭିନ୍ନ ଭାରତୀୟ ଭାଷାରେ ଅନୁଦିତ ହୋଇଛି।

ଭାରତର ପ୍ରଥମ ଗ୍ରାଫିକ୍ ନଭେଲ୍ (ଚିତ୍ର ଉପନ୍ୟାସ) 'ରିଭର୍ ଅଫ୍ ଷ୍ଟୋରିଜ' ନର୍ମଦା ନଦୀ ଏବଂ ନଦୀବନ୍ଧ ଯୋଜନାକୁ ନେଇ ଲେଖାଯାଇଛି। ଭାରତର ପ୍ରଥମ ଗ୍ରାଫିକ୍ ନଭେଲ (ଚିତ୍ର ଉପନ୍ୟାସ) 'ରିଭର୍ ଅଫ୍ ଷ୍ଟୋରିଜ' ନର୍ମଦା ନଦୀ ଏବଂ ନଦୀବନ୍ଧ ଯୋଜନାକୁ ନେଇ ଲେଖାଯାଇଛି। ଅରିଜିତ ସେନ୍ ଏହାକୁ ଲେଖିଛନ୍ତି, ୧୯୯୪ରେ ଏହା ପ୍ରକାଶିତ ହୋଇଥିଲା। ଖୋଜି ବସିଲେ ବିଭିନ୍ନ ଭାରତୀୟ ଭାଷାରେ ଏମିତି ଅନେକ ନଦୀ-କୈନ୍ଦ୍ରିକ ଉପନ୍ୟାସ କଥା କୁହାଯାଇପାରିବ। ନଦୀ-କୈନ୍ଦ୍ରିକ ଗଳ୍ପ କାହାଣୀ ଉପନ୍ୟାସକୁ ନେଇ ଏକ ଭିନ୍ନ ଗଳ୍ପ-ଧାରା ଜନ୍ମ ନେଇଛି ବୋଲି କହନ୍ତି 'ରତଲେଜ'ରୁ ମାର୍ଚ୍ଚ ୨୦୨୫ରେ ପ୍ରକାଶିତ 'ରିଭର୍ ଫିକ୍ସନ୍ ଅଫ୍ ଇଣ୍ଡିଆ' ପୁସ୍ତକର ସମ୍ପାଦକ ଶୁଭଦୀପ୍ ରାୟ। ତାଙ୍କ ମତରେ ନଦୀ-କୈନ୍ଦ୍ରିକ ଏବଂ ନଦୀ କୂଳରେ ବସବାସକାରୀ ଲୋକମାନଙ୍କ ଗଳ୍ପ, କାହାଣୀ, କଥା, କିମ୍ବଦନ୍ତୀ - ସେମାନଙ୍କ ଜୀବନ, ପରିବେଶ ଉପରେ ନିର୍ଭରଶୀଳତା, ଭୌଗଳିକ ଏବଂ ଐତିହାସିକ ପ୍ରେକ୍ଷାପଟ, ଅର୍ଥନୀତି ଓ ରାଜନୀତି - ଏସବୁ ଭାରତୀୟ ଗଦ୍ୟ କାହାଣୀର ଏକ ଭିନ୍ନ ଧାରା ସୃଷ୍ଟି କରିଛି।■

ଡକ୍ଟର ମୃଣାଳ କୁମାର ଚାଟାର୍ଜୀ
ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ୍
ସଂଚାର ମାର୍ଗ, ଢେଙ୍କାନାଳ
www.mrinalchatterjee.com
ମୋ-୯୪୩୭୦୨୬୧୯୪

# ପରଦା ପଛର ଖେଳ

ବର୍ତ୍ତମାନ ସମୟରେ ବାଂଲାଦେଶର ପରିସ୍ଥିତି କେଉଁ ଆଡ଼କୁ ଯାଉଛି ତାହା କହିବା ମୁସ୍କିଲ। ବାଂଲାଦେଶର ବରବାଦୀର କାହାଣୀ ଲେଖା ସରିଛି। ଶେଖ୍ ହସୀନାଙ୍କ ଯିବା ପରେ ସ୍ଥିତି ସମ୍ପୂର୍ଣ୍ଣ ଭାବରେ ନିୟନ୍ତ୍ରଣ ବାହାରକୁ ଯାଇସାରିଛି। ଢ଼ାକାର ରାସ୍ତାଘାଟ ରକ୍ତରେ ଲାଲ୍ ହୋଇସାରିଛି। ଲୋକମାନେ ଭୟର ଛାୟାରେ କାଳାତିପାତ କରୁଛନ୍ତି। କେବେ ବୋମା ଫୁଟୁଛି ତ କେବେ ଗୁଳି ଚାଲୁଛି। ବାଂଲାଦେଶ ଏବେ ଅନ୍ଧକାରରେ ବୁଡ଼ି ରହିଛି। ଯେବେଠାରୁ ଶେଖ୍ ହସୀନାଙ୍କ ସତ୍ତା ପରିବର୍ତ୍ତନ ହୋଇଛି ସେବେଠାରୁ ଦେଶର ଅର୍ଥବ୍ୟବସ୍ଥା ଦୋହଲି ଯାଇଛି। ଏବେ ଅଶାନ୍ତିର ଅନ୍ୟ ନାମ ହେଉଛି ବାଂଲାଦେଶ। କେବେ ଏକ ସମୃଦ୍ଧ ରାଷ୍ଟ୍ର ଭାବେ ପରିଚିତ ଥିବା ଏହି ଦେଶ ବରବାଦୀର କାହାଣୀ ଆଜି ନିଜେ ଲେଖୁଛି। ଏହାର ଅର୍ଥବ୍ୟବସ୍ଥା କେବେ ଭାରତ ସହିତ ଟକ୍କର ଦେବାକୁ ପ୍ରସ୍ତୁତ ଥିଲା କିନ୍ତୁ ଆଜି ଏହାର ଅବସ୍ଥା ପାକିସ୍ତାନ ଠାରୁ ମଧ୍ୟ ଆହୁରି ଖରାପ ହୋଇସାରିଲାଣି। ଏହି ବରବାଦୀର କାହାଣୀ ଆରମ୍ଭ ହୋଇଛି ଗତ ବର୍ଷ ଅଗଷ୍ଟ ମାସରୁ। ଏହା ପରଠାରୁ କେବେ ହିନ୍ଦୁଙ୍କୁ ହତ୍ୟା କରାଯାଉଛି ତ କେବେ ଶାନ୍ତିପ୍ରିୟ ମୁସଲମାନଙ୍କୁ। ବାଂଲାଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଶେଖ୍ ହସୀନା ଦେଶ ଛାଡ଼ିବା ପରଠାରୁ ଏହି ହିଂସା ଥମିବାର ନାମ ନେଉନାହିଁ। ତେବେ ପ୍ରଶ୍ନ ଉଠେ, ବାଂଲାଦେଶକୁ ବରବାଦ କରିବାର ସୁପାରୀ ଦେଇଛି କିଏ ? ପରଦା ପଛରେ ଚାଲିଛି କେଉଁ ପ୍ରକାର ଖେଳ ? ବିଗତ ଏକ ବର୍ଷରୁ ଅଧିକ ସମୟର ଘଟଣାବଳୀକୁ ଯଦି ଦେଖାଯାଏ ତେବେ ଏ ଦେଶର ମୁଖ୍ୟ କାରଣ ନୋବେଲ୍ ବିଜେତା ମହମ୍ମଦ ୟୁନୁସ୍। ଗ୍ରାମୀଣ ବ୍ୟାଙ୍କର ସ୍ଥାପନା, ମାଇକ୍ରୋକ୍ରେଡିଟ୍ ଓ ମାଇକ୍ରୋଫାଇନାନ୍ସର ଅବଧାରଣାଗୁଡ଼ିକୁ ଆଗକୁ ବଢ଼ାଇଥିବାରୁ ୨୦୦୬ରେ ତାଙ୍କୁ ନୋବେଲ୍ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଆମେରିକା ବ୍ୟତୀତ କେତେକ ଅନ୍ୟ ରାଷ୍ଟ୍ରୀୟ ଓ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ସେ ପ୍ରାପ୍ତ କରିସାରିଛନ୍ତି।

୪ ଅଗଷ୍ଟ, ୨୦୨୪ରୁ ଆଜି ପର୍ଯ୍ୟନ୍ତ ବାଂଲାଦେଶରେ ଘଟୁଥିବା ହିଂସା ପଛରେ ରହିଛି ମହମ୍ମଦ ୟୁନୁସ୍‌ଙ୍କର ହାତ। ଆମେରିକା ସହିତ ମିଶି ପରଦା ପଛରେ ସେ ରଚୁଛନ୍ତି ଷଡ଼ଯନ୍ତ୍ର ବୋଲି ଅନୁମାନ କରାଯାଏ। ଏହା ସହିତ ପାକିସ୍ତାନ ଓ ଏହାର ଇଣ୍ଟେଲିଜେନ୍ସ ଏଜେନ୍ସି ଆଇଏସ୍‌ଆଇ ଅନୁସାରେ ହିଂସା ଓ ଦଙ୍ଗାକୁ ପ୍ରୋତ୍ସାହନ ଦିଆଯାଉଛି। ତେବେ ଗତ ବର୍ଷ ଛାତ୍ର ଆନ୍ଦୋଳନରୁ ବାଂଲାଦେଶର ପରିସ୍ଥିତି ଖରାପ ହେବା ଆରମ୍ଭ ହୋଇ ଏହି ଆନ୍ଦୋଳନ ବଡ଼ ସ୍ତରରେ ବ୍ୟାପିଥିଲା। ଛାତ୍ରଛାତ୍ରୀମାନେ ସରକାରୀ ଚାକିରିର ଆରକ୍ଷଣ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କରିଥିଲେ କିନ୍ତୁ ଏହି ବିରୋଧ ବହୁତ ଶୀଘ୍ର ଶେଖ୍ ହସୀନାଙ୍କ ସରକାର ବିରୋଧୀ ଆନ୍ଦୋଳନରେ ପରିବର୍ତ୍ତିତ ହୋଇଯାଇଥିଲା। ଏହା ପଛରେ ଥିଲା ଅନେକ କାରଣ। ହଜାର ହଜାର ଲୋକ ରାସ୍ତା ଉପରକୁ ଆସିଗଲେ। ପୁଲିସ୍ ଓ ପ୍ରଦର୍ଶନକାରୀଙ୍କ ମଧ୍ୟରେ ସଂଘର୍ଷ ହେଲା ଓ ଶହ ଶହ ସାଧାରଣ ଲୋକ ମୃତ୍ୟୁବରଣ କଲେ। ଶେଖ୍ ହସୀନାଙ୍କୁ ଇସ୍ତଫା ଦେବାକୁ ପଡ଼ିଲା ଓ ସେ ନିଜ ଜୀବନକୁ ରକ୍ଷା କରିବା ପାଇଁ ଆସି ଆମ ଦେଶରେ ଆଶ୍ରୟ ନେଲେ। ବାଂଲାଦେଶରେ ଅନ୍ତରୀଣ ସରକାରର ଗଠନ ହେଲା ଯାହାର ମୁଖ୍ୟ ହେଲେ ମହମ୍ମଦ ୟୁନୁସ୍। ଏହାପରେ ପୂରା ବିଶ୍ୱ ବୁଝିଯାଇଥିଲା ଯେ ଏହା ଏକ ପୂର୍ବ ନିର୍ଦ୍ଧାରିତ ଷଡ଼ଯନ୍ତ୍ର ଥିଲା ଶେଖ୍ ହସୀନାଙ୍କ ସରକାର ବିପକ୍ଷରେ। ଏହି ଅନ୍ତରୀଣ ସରକାର ସୁଧାର ନାମରେ ଦେଶକୁ ଅରାଜକତା ଆଡ଼କୁ ଠେଲି ଦେଇଛି। ଅଳ୍ପସଂଖ୍ୟକ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇଛି, ମନ୍ଦିରଗୁଡ଼ିକୁ ନଷ୍ଟ କରିଦିଆ ଯାଇଛି ଓ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଟାର୍ଗେଟ୍ କରାଯାଉଛି। ଭାରତ ସହିତ ଶତ୍ରୁତା କାରଣରୁ ଅର୍ଥବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇଗଲାଣି। ବେରୋଜଗାରୀ ବୃଦ୍ଧି ପାଇଛି ଓ ଲୋକମାନେ ଖାଦ୍ୟ ଅଭାବର ସମ୍ମୁଖୀନ ହେବା ପରି ସ୍ଥିତି ଆସିଗଲାଣି। ଯୋଜନାବଦ୍ଧ ଭାବରେ ଏହି ଅଶାନ୍ତି ଓ ଅରାଜକତାକୁ କାର୍ଯ୍ୟକାରୀ କରାଯାଉଛି ଯେପରି ଆଗାମୀ ପ୍ରସ୍ତାବିତ ନିର୍ବାଚନକୁ ବନ୍ଦ କରାଯିବ ଓ ଶାସନର ଲଗାମ ରହିବ ୟୁନୁସ୍‌ଙ୍କ ହାତରେ ବା ଆଉ କାହା ହାତରେ।

ଶାସନ ଓ ସତ୍ତାର ଲୋଭରୂପକ ଭୋକ ବୃଦ୍ଧି ପାଇଛି ଅନ୍ତରୀଣ ସରକାରର ଓ ଏଥିପାଇଁ ନିର୍ବାଚନରେ ହେଉଛି ବିଳମ୍ବ। ସରକାରଙ୍କ ଅନୁସାରେ ପ୍ରଥମେ ସୁଧାର ହେବା ଜରୁରୀ ଯଥା- ନିର୍ବାଚନ କାନୁନରେ ପରିବର୍ତ୍ତନ, ଅର୍ଥବ୍ୟବସ୍ଥାରେ ସୁଧାର ଓ ଶାନ୍ତି ବଜାୟ ରଖିବା ସହିତ ହିନ୍ଦୁଙ୍କ ଉପରେ ହିଂସା ବନ୍ଦ କରିବା। କିନ୍ତୁ ନିର୍ବାଚନରେ ବିଳମ୍ବ କରିବାକୁ ଚେଷ୍ଟା କରୁଥିବା କାରଣରୁ ଏବେ ଚାପ ବୃଦ୍ଧି ପାଉଛି ସରକାର ଉପରେ ଓ ଏହି କାରଣରୁ ସମୟାନୁସାରେ ନିର୍ବାଚନ ହେବାର ଆଶ୍ୱାସନା ମଧ୍ୟ ଦିଆଯାଉଛି। ତେବେ ପରଦା ପଛରେ ରହିଛି ଆମେରିକାର ହାତ। ଆମେରିକା, ବାଂଲାଦେଶକୁ ନିଜ ନିୟନ୍ତ୍ରଣରେ ରଖି ଦକ୍ଷିଣ ଏସିଆରେ ଚୀନ୍ ଓ ଭାରତର କ୍ଷମତାକୁ ସନ୍ତୁଳିତ କରି ରଖିବା ପାଇଁ ଚାହୁଁଛି। ବାଂଲାଦେଶରେ ନିଜ ଅନୁସାରେ ଏକ ସରକାରର ଗଠନ ହେଉ ବୋଲି ଆମେରିକା ଚାହୁଁଛି କାରଣ ଏଥିରେ ଆମେରିକା ଲାଭାନ୍ୱିତ ହେବ। ଏହାର ପରିଣାମସ୍ୱରୂପ ଅସ୍ଥିର ବାଂଲାଦେଶ ଚୀନ୍‌ର ପ୍ରଭାବରୁ ଦୂରରେ ରହିବ ଓ ୟୁନୁସ୍ ସତ୍ତାରେ ରହିବା ପାଇଁ ଆମେରିକାର ଗୁଲାମୀ ମଧ୍ୟ କରୁଛନ୍ତି। ତେବେ ମୁଖ୍ୟ ଖଳନାୟକ ୟୁନୁସ୍ ହୋଇଥିଲେ ମଧ୍ୟ ଏ ଦେଶର ଧ୍ୱଂସାବସ୍ଥାର ସୁପାରୀ ଦେଇଛି ପାକିସ୍ତାନ। ଏ ସମୟରେ ବାଂଲାଦେଶରେ ସକ୍ରିୟ ରହିଛି ଜମାତ-ଏ-ଇସ୍ଲାମୀ ପରି କଟ୍ଟରପନ୍ଥୀ ଦଳ। ହିଂସାର ଏହି ଖେଳ କେବେ ସମାପ୍ତ ହେବ ! ପୁଣି ଆତ୍ମ-ନିର୍ବାସିତ ତାରିକ ରହମାନ୍ ବାଂଲାଦେଶରେ ପହଞ୍ଚିଛି। ଯଦି ଏହାର ଫଳାଫଳକୁ ଦେଖିବା ତେବେ ଷଡ଼ଯନ୍ତ୍ର ହେବାପରି ମନେହୁଏ। ଏହି କାହାଣୀର ମୁଖ୍ୟ ଖଳନାୟକ ଭୂମିକାରେ ୟୁନୁସ୍ ଥିବାବେଳେ ଆମେରିକା ପରଦା ପଛର ଡ଼ୋର ସମ୍ଭାଳୁଛି। ହିଂସା ଓ ଦଙ୍ଗା ଆଦି ନିଆଁରେ ଘିଅ ଢ଼ାଳିବା ପରି କାମ କରୁଛି ପାକିସ୍ତାନର ଆଇଏସ୍‌ଆଇ। ଏସବୁ ସତ୍ତ୍ୱେ ପୂରା ବିଶ୍ୱ ନଜର ରଖିଛି ବାଂଲାଦେଶର ନିର୍ବାଚନ ଉପରେ। ଭାରତ ମଧ୍ୟ ତା'ର ପଡ଼ୋଶୀ ଦେଶ ଉପରେ ରଖିଛି ତୀକ୍ଷ୍ଣ ଦୃଷ୍ଟି। କିନ୍ତୁ ଏହିଠାରେ ପ୍ରଶ୍ନ ଉଠୁଛି ଯେ ଆଉ କେତେ ସମୟ ପର୍ଯ୍ୟନ୍ତ ବାଂଲାଦେଶର ଲୋକମାନେ ବିଶେଷ କରି ସେଠିକାର ଅଳ୍ପସଂଖ୍ୟକମାନେ ହିଂସାର ଶିକାର ହେଉଥିବେ ? କେତେ ସମୟ ପର୍ଯ୍ୟନ୍ତ ଷଡ଼ଯନ୍ତ୍ରକାରୀମାନେ ସେମାନଙ୍କ ଷଡ଼ଯନ୍ତ୍ରର ଫଳାଫଳକୁ ନେଇ ଖୁସି ହେଉଥିବେ ? ନିକଟରେ ହୋଇଥିବା ହିଂସାରୁ ବାଂଲାଦେଶରେ କଟ୍ଟରପନ୍ଥୀ ସଂଗଠନ ଓ ଅନ୍ତରୀଣ ସରକାରଙ୍କ 'ଡବଲ୍ ଗେମ୍' ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ବିଶ୍ୱର ନେତାମାନେ ମଧ୍ୟ ଏହା ଦେଖିବା ପାଇଁ ଉତ୍ସୁକ ଅଛନ୍ତି ଯେ ଏହି ସଂକ୍ରମଣ କାଳରେ ୟୁନୁସ୍‌ଙ୍କୁ ଶୀର୍ଷ ପଦ ଦେବାର ନିର୍ଣ୍ଣୟ ସଠିକ୍ ହେବ କି ନାହିଁ। ମନେହୁଏ ଏହି ଦେଶ ଘୋର ଅନିଶ୍ଚିତତା ଭିତରକୁ ଚାଲିଯାଉଛି। ଭାରତ ସରକାର ସେଠିକାର ଅଳ୍ପସଂଖ୍ୟକ ହିନ୍ଦୁଙ୍କର ଧନ ଜୀବନକୁ ରକ୍ଷା କରିବାର ଉପଯୁକ୍ତ ସମୟ ମଧ୍ୟ ଆସିଯାଇଛି।■

# ପୁଟୁଳି ଇତିହାସ

ଖାନ ଅବଦୁଲ୍ ଖାନ-ବାଦଶାହ ଖାନ - ସର୍ବଦା ଗୋଟିଏ ଛୋଟ ପୁଟୁଳି ଧରୁଥିଲେ। ସେହି ପୁଟୁଳିକୁ କାହାକୁ ବି ଦେଉନଥିଲେ। ନା ଅନୁଗାମୀଙ୍କୁ ନା ସହକର୍ମୀଙ୍କୁ ବା କ୍ଷମତାସୀନ ବ୍ୟକ୍ତିଙ୍କୁ। ଏପରିକି ମହାତ୍ମା ଗାନ୍ଧୀ ହାଲୁକା ଭାବରେ ପୁଟୁଳିଟିକୁ ପରିହାସ କରିବାକୁ ଛାଡୁନଥିଲେ। ତଥାପି ପୁଟୁଳିଟିକୁ ବାଦଶାହ ଖାନ୍ ନିଜ ପାଖରୁ କେବେ ବି ଅନ୍ତର କରୁନଥିଲେ।

୧୯୬୯ ମସିହାରେ ସେ ଭାରତରେ ଚିକିତ୍ସିତ ହେବା ପାଇଁ ଆସିଥିଲେ। ଇନ୍ଦିରା ଗାନ୍ଧୀ ଓ ଜୟପ୍ରକାଶ ନାରାୟଣ ତାଙ୍କୁ ପାଛୋଟି ଆଣିବା ପାଇଁ ବିମାନବନ୍ଦରରେ ଉପସ୍ଥିତ ଥିଲେ। ବିମାନରୁ ଓହ୍ଲାଇବା ସମୟରେ ତାଙ୍କ ପାଖରେ ସେହି ସମାନ ପୁରୁଣା ପୁଟୁଳିଟି ଥିଲା। ଇନ୍ଦିରା ଗାନ୍ଧୀଙ୍କ ସହିତ ସାକ୍ଷାତ ମୁହୂର୍ତ୍ତରେ ସ୍ୱତଃପ୍ରବୃତ୍ତ ଭାବେ ସେ କହିଲେ - 'ସେହି ପୁଟୁଳିକୁ ଆମକୁ ଦିଅନ୍ତୁ, ଆମେ ନେବୁ।' ବାଦଶାହଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇଗଲା ଏବଂ ସେ ଶିଥିଳ ଶବ୍ଦରହିତ ସ୍ୱରରେ କହିଲେ - ସେତକ କେବଳ ମୋ ପାଖରେ ରହିଯାଇଛି, ଏହାକୁ ବି ଆପଣ ନେଇଯିବେ ? ଏହା ଗୋଟିଏ ବାକ୍ୟ ନଥିଲା, ଥିଲା ଏକ ବିଭାଜନ। ମାତୃଭୂମିରୁ ପୃଥକୀକରଣ। ଏହା ହିଁ ଥିଲା ଜୀବନବ୍ୟାପୀ ତ୍ୟାଗର ଦମନ ଓ ନିର୍ବାସନ। ସେହି ସମୟରେ ଜୟପ୍ରକାଶ ନାରାୟଣ ନିଜର କୋହ ସମ୍ଭାଳି ପାରିନଥିଲେ ଏବଂ ତାଙ୍କ ଚକ୍ଷୁରୁ ଅଶ୍ରୁ ଧାର ଧାର ହୋଇ ବୋହିଗଲା। ଇନ୍ଦିରା ଗାନ୍ଧୀ ବି ମୁଣ୍ଡକୁ ନୁଆଇଁ ଦେଲେ। ପୁଟୁଳି ଇତିହାସରେ ଏହା ସବୁଠାରୁ ଓଜନଦାର ବୋଝ ହୋଇଗଲା।



ପଦ୍ମାରବିନ୍ଦ

୧୯୮୫ ମସିହାରେ କଂଗ୍ରେସ ପ୍ରତିଷ୍ଠାର ଶତବାର୍ଷିକୀ ଉପଲକ୍ଷେ ବାଦଶାହ ଖାନଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଯେତେବେଳେ ବାଦଶାହ ଭାରତ ଆସିଲେ, ସେତେବେଳେ ମଧ୍ୟ ସେହି ପୁରୁଣା ପୁଟୁଳିଟି ତାଙ୍କ ହାତରେ ଥିଲା।

ଉକ୍ତ ପୁଟୁଳିକୁ ଖୋଲିବା ପାଇଁ ରାଜୀବ ଗାନ୍ଧୀ ଚାହିଁଥିଲେ। ବାଦଶାହ ଖାନ ହସି ତାଙ୍କର ପଠାଣି ଷ୍ଟାଇଲ୍‌ରେ କହିଲେ - ତୁମେ ଆମର ପିଲା। ଟିକେ ଦେଖିନିଅ। ତାହା ନ ହେଲେ, 'ପ୍ରତ୍ୟେକ ଭାବିବେ ଯେ ବାଦଶାହ ଖାନ ଗଣ୍ଠିଲି ଭିତରେ କ'ଣ ଲୁଚାଇଛନ୍ତି ଆମେ ଜାଣିନୁ'।

ପୁଟୁଳି ଖୋଲାଗଲା ଓ ସେଥିରେ ଥିଲା ମାତ୍ର ଦୁଇହଳ ନାଲି କୁର୍ତ୍ତା ଓ ପାଇଜାମା। ଭାରତ ସରକାର ୧୯୮୭ ମସିହାରେ ତାଙ୍କୁ 'ଭାରତ ରତ୍ନ'ରେ ବିଭୂଷିତ କରିଥିଲେ ସତ କିନ୍ତୁ ତାଙ୍କର ବ୍ୟକ୍ତିତ୍ୱ ସମ୍ମୁଖରେ 'ଭାରତ ରତ୍ନ' ଛୋଟ ଦେଖାଯାଉଥିଲା। ■

ସମ୍ପାଦକଙ୍କୁ ପତ୍ର

# ବୌଦ୍ଧିକ ବିକାଶ ହିଁ ଶିକ୍ଷାର ମୌଳିକ ଲକ୍ଷ୍ୟ ହେଉ

ଭାରତୀୟ ସଂସ୍କୃତିର ସୁରକ୍ଷା ନିମନ୍ତେ ଶିକ୍ଷା ଏକ ଅପରିହାର୍ଯ୍ୟ ଅଙ୍ଗ। ଶିକ୍ଷା ମାନବକୁ ଶିକ୍ଷିତ, ମାର୍ଜିତ ଓ ସଭ୍ୟ ହେବାକୁ ସଚେତନ କରାଇଥାଏ। ତଦ୍ୱାରା ବ୍ୟକ୍ତି ସମାଜକୁ ସୁସଂଗଠିତ କରିପାରେ। ସଭ୍ୟ ସମାଜରେ ସଂସ୍କୃତି ପରିପୁଷ୍ଟ ହୁଏ। କିନ୍ତୁ ଏବେ ଆମ ମହାନ୍ ସଂସ୍କୃତିର ପ୍ରବହମାନ ଧାରାରେ ଯୁବ ଗୋଷ୍ଠୀ ସାମିଲ୍ ହୋଇ ନ ପାରିବାରୁ ବିଡ଼ମ୍ବନା ଦେଖାଯାଉଛି। କାରଣ: ଶିକ୍ଷାର ମୂଳ ଲକ୍ଷ୍ୟ ବ୍ୟବସ୍ଥିତ ଭାବରେ ବିଦ୍ୟାର୍ଥୀ ପାଖରେ ପହଞ୍ଚି ପାରୁନାହିଁ। ବିଦେଶୀ ଢାଞ୍ଚାରେ ଅପସଂସ୍କୃତି ଆମ ସମାଜକୁ କବଳିତ କରି ପକାଉଥିବା କାହାରିକୁ ଅବିଦିତ ନୁହେଁ, ଯାହାର ପ୍ରଭାବରେ ପରିବାରଠାରୁ ଶିକ୍ଷାନୁଷ୍ଠାନ, କର୍ମସ୍ଥଳୀରୁ ଶାସନ ବ୍ୟବସ୍ଥା-ସବୁଠି ଶୈକ୍ଷିକ ବାତାବରଣ କଳୁଷିତ ହେବାରେ ଲାଗିଛି। ବିଶେଷତଃ ଶିକ୍ଷାନୁଷ୍ଠାନଗୁଡିକ ସେସବୁ ଅପସଂସ୍କୃତି ପ୍ରଭାବରୁ ମୁକ୍ତ ରହିବା ନିତାନ୍ତ ଜରୁରୀ। ଆମ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀର ଉତ୍ତମ ଚରିତ୍ର ଗଠନ ନିମନ୍ତେ କିମ୍ବା ବିଦ୍ୟାର୍ଥୀର ବୌଦ୍ଧିକ ବିକାଶ ପାଇଁ କୌଣସି ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇନାହିଁ। ବୈଷୟିକ ଜ୍ଞାନରେ ଉତ୍କର୍ଷ ଲାଭ କରି ଜଣେ ସେହି କ୍ଷେତ୍ରରେ ଦକ୍ଷ କିମ୍ବା କୁଶଳୀ ବୋଲାଇ ପାରେ, କିନ୍ତୁ ଉତ୍ତମ ମଣିଷର ସଂଜ୍ଞା ବହନ କରିବାକୁ ହେଲେ ଆଚରଣ ଓ ଉଚ୍ଚାରଣରେ, ଉକ୍ତି ଆଳାପରେ ନିଜ ଚରିତ୍ରକୁ ପରିମାର୍ଜିତ କରିବା ଦରକାର। ସମ୍ପ୍ରତି ଅନେକ ସ୍ଥାନରେ ଶୈକ୍ଷିକ ପରିବେଶ ସୃଷ୍ଟି କରିବାକୁ ଯାଇ ଶିକ୍ଷାନୁଷ୍ଠାନଗୁଡ଼ିକର ରୂପାନ୍ତରଣ ହେଉଛି ସତ, ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନରେ ଗୁଣାତ୍ମକ ପରିବୃଦ୍ଧି ହେବା ପରିଲକ୍ଷିତ ହେଉନାହିଁ। ବରଂ କେଉଁଠି ଚାରିତ୍ରିକ ସ୍ଖଳନ ଦେଖା ଦେଇଛି ତ କେଉଁଠି ଉଚ୍ଛୃଙ୍ଖଳତା ବ୍ୟାପୁଛି ଏବଂ ନୈତିକ ମୂଲ୍ୟବୋଧ ହ୍ରାସ ପାଉଛି। ସମାଜରେ ହିଂସା, ସଂଘର୍ଷ, ହତ୍ୟା, ରକ୍ତପାତ ସହିତ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ସାମାଜିକ ପ୍ରତିବଦ୍ଧତା ଲୋପ ପାଇ ଯାଉଥିବା ପରି ପ୍ରତୀତ ହେଉଛି। ତେଣୁ ଯଥାର୍ଥରେ ବିଦ୍ୟାର୍ଥୀମାନଙ୍କ ବୌଦ୍ଧିକ ବିକାଶ ହିଁ ଶିକ୍ଷାର ମୌଳିକ ଲକ୍ଷ୍ୟ ହେବା ସର୍ବାଦୌ ବାଞ୍ଛନୀୟ।

**ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# ନୈତିକ ଶିକ୍ଷାର ଆବଶ୍ୟକତା

ସମ୍ପ୍ରତି ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପ୍ରାକ୍-ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷାସ୍ତରୀୟ ପାଠ୍ୟକ୍ରମ ପର୍ଯ୍ୟନ୍ତ ସବୁଥିରେ ବୈଷୟିକ ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଉଥିବା ଲକ୍ଷ୍ୟ କରାଯାଉଛି। ବିଶେଷକରି ଇଂରାଜୀ ମାଧ୍ୟମରେ ଶିକ୍ଷା ପ୍ରଦାନ ଆଳରେ ଅନେକ ବେସରକାରୀ ବ୍ୟବସାୟିକ ଅନୁଷ୍ଠାନ ମୁଣ୍ଡ ଟେକିଥିବା କାହାରିକୁ ଅଛପା ନାହିଁ। ତନ୍ମଧ୍ୟରୁ ଅଧିକାଂଶ ଶିକ୍ଷାନୁଷ୍ଠାନ କେବଳ ଲୋକ ଦେଖାଣିଆ ଭାବରେ ପାଶ୍ଚାତ୍ୟ ସଂସ୍କୃତିକୁ ଆଧାର କରି କିମ୍ବା ଆଡ଼ମ୍ବରପୂର୍ଣ୍ଣ ମିଥ୍ୟା ପ୍ରଚାର କରି ନିଜକୁ ଜାତୀୟ, ଆନ୍ତର୍ଜାତିକସ୍ତରୀୟ ଅନୁଷ୍ଠାନ ଭାବେ ପରିଚିତ କରାଇବାର ପ୍ରୟାସ ଜାରି ରଖିଛନ୍ତି। ବାସ୍ତବିକ୍, ଉପଯୁକ୍ତ ଆବଶ୍ୟକୀୟ ନିଜସ୍ୱ ଭିତ୍ତିଭୂମି ନଥାଇ ଏହା କିପରି ଜନସାଧାରଣଙ୍କ ମନରେ ପ୍ରତ୍ୟୟ ସୃଷ୍ଟି କରିବାରେ ସମ୍ଭବ ହୋଇ ପାରୁଛି, ବୁଝି ପଡୁନାହିଁ। ଉଚ୍ଚ ଅଙ୍କର ଅର୍ଥରାଶି ଆଦାୟ କରାଯାଉଥିବା ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବୈଷୟିକ ଶିକ୍ଷା ଗ୍ରହଣ କରିବାକୁ ଆଜିର ଅଭିଭାବକମାନେ ନିଜ ନିଜର ସନ୍ତାନମାନଙ୍କ ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ପୂର୍ବେ ଭାରତୀୟ ପ୍ରାଚ୍ୟ ଶିକ୍ଷା ପାଠ୍ୟକ୍ରମରେ ନୈତିକ ମୂଲ୍ୟବୋଧ, ଶିକ୍ଷାର୍ଥୀମାନଙ୍କର ଚରିତ୍ର ଗଠନ, ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆ ଯାଇଥିବା ବେଳେ ଏବେ ତାହା ପାଠ୍ୟକ୍ରମରୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦିଆଯାଇଛି। ସେଥିପାଇଁ ବାହ୍ୟ ଚାକଚକ୍ୟ, ବିଦେଶୀ ଢାଞ୍ଚାର ଜୀବନ ଶୈଳୀ ଏବଂ ଆଡ଼ମ୍ବରପୂର୍ଣ୍ଣ, ବିଳାସଯୁକ୍ତ ବ୍ୟବହାରିକ ସାମଗ୍ରୀ, ଅନୁରୂପ ଭୋଜନ ସାଙ୍ଗକୁ ଚିତ୍ତ ବିନୋଦନ ଆଦିରେ ପ୍ରଭାବିତ ହୋଇ ଯାଉଥିବା ଶିକ୍ଷାର୍ଥୀଠାରେ କ୍ରମଶଃ ଚାରିତ୍ରିକ ସ୍ଖଳନ ଦେଖା ଦେଉଛି, ନୈତିକ ମୂଲ୍ୟବୋଧ ଓ ପ୍ରାଚ୍ୟ ପରମ୍ପରା ପ୍ରତି ଆଗ୍ରହ ହ୍ରାସ ପାଇବାରେ ଲାଗୁଛି। ଏଣୁ, ସବୁ ପିଲାଙ୍କୁ ବୈଷୟିକ ଶିକ୍ଷା ସହିତ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଦେବା ଏକାନ୍ତ ଅପରିହାର୍ଯ୍ୟ। ଏଥିପାଇଁ ଆମ ଦେଶ ତଥା ରାଜ୍ୟ ସରକାର, ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଏବଂ ସର୍ବୋପରି ସମସ୍ତ ଶିକ୍ଷାର୍ଥୀଙ୍କର ସଚେତନ ଅଭିଭାବକଙ୍କ ଦାୟିତ୍ୱ ରହିଛି।

**ଅବନୀ ଚନ୍ଦ୍ର ଦାସ, ସାଇ ସଦନ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ବୋମା ମାଡ଼ରେ ୩ ଆହତ, ଜଣେ ଅଟକ



**କଣାସ,୨୬।୧୨/ଏନ୍‌ଏନ୍‌ଏସ୍:** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ଗୋପୀନାଥପୁର ଗ୍ରାମରେ ଜମିରେ ପାଣିମଡ଼ାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗତ କାଲି ସଂନ୍ଧ୍ୟାରେ ବଚସା ହୋଇଥିଲା। ଆଜି ପ୍ରଭାତରୁ ଦିଲ୍ଲୀପ ପ୍ରଧାନ ଚା ପିଇବାକୁ ଯାଉଥିବାବେଳେ ଅନ୍ୟ ପରିବାରର ଟୁଲୁ ପ୍ରଧାନ ତିନୋଟି ବୋମା ମାଡ଼ କରିଥିଲେ। ଯାହା ଫଳରେ ଦିଲ୍ଲୀପ ପ୍ରଧାନ ଓ ପ୍ରକାଶ ପ୍ରଧାନ ଦୁଇ ଭାଇ ସାମାନ୍ୟ ଆହତ ହୋଇଥିବାବେଳେ ସେହି ଗ୍ରାମର ସର୍ବେଶ୍ୱର ପ୍ରଧାନ ମଧ୍ୟ ବୋମା ମାଡରେ ଆହତ ହୋଇଥିବା ଜଣାପଡ଼ିଛି। ତିନି ଆହତ ବ୍ୟକ୍ତି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଗଡ଼ିଶାଗୋଦା ଥାନା ଅଧିକାରୀ ସୁଧୀର କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ବୋମା ପକାଇଥିବା ଟୁଲୁ ପ୍ରଧାନକୁ ଧରି ଆଣି ଗଡିଶାଗୋଦା ଥାନାରେ ଅଟକ ରଖିଛି। ପ୍ରକାଶ ପ୍ରଧାନ ବୋମା ମାଡ଼ ସମ୍ପର୍କରେ ଗଡିଶାଗୋଦା ଥାନାରେ ଏତଲା ଦେବା ପରେ ଗଡିଶାଗୋଦାଥାନା ଆଇଆଇସି ଗଡ଼ିଶାଗୋଦା ଥାନା କେସ ନମ୍ବର ୨୦୮/୨୦୨୫ ଏକ ମକଦମା ରୁଜ କରି ତଦନ୍ତ ଚଳାଇଛନ୍ତି। ପୁରୀରୁ ସାଇଣ୍ଟିଫିକ୍ ଟିମ ଆସି ପରୀକ୍ଷା ନିରୀକ୍ଷା କରି ଫେରି ଯାଇଛନ୍ତି।

## ବିଜେଡିର ବନ୍ଧୁମିଳନ

**ନୟାହାଟ,୨୬।୧୨/ଏନ୍‌ଏନ୍‌ଏସ୍:** ଗୋପ ବ୍ଲକ ନୟାହାଟ ଅଞ୍ଚଳର ଧୁମାଳ ପଞ୍ଚାୟତ ରେ ବିଜେଡି କର୍ମୀମାନଙ୍କୁ ନେଇ ଗୁରୁବାର ଦିନ ଯୋଗେଶୋରପୁର ମହାବୀର କଲ୍ୟାଣ ମଣ୍ଡପ ଠାରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଧୁମାଳ ପଞ୍ଚାୟତର ଯୁବ ସମାଜସେବୀ ଅଭିମନ୍ୟୁ ସିଂ, ପଞ୍ଚାୟତ ସଭାପତି ଦିଲ୍ଲୀପ କୁମାର ରାୟ, ସରପଞ୍ଚ ମୋନାଲିସା ସିଂ ଓ ସମିତିସଭ୍ୟା ଭାନୁମତୀ ମାଣିକ ଯୋଗଦେଇଥିଲେ। ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳ କିପରି କ୍ଷମତାକୁ ଆସିବ ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଏଥିରେ ସମସ୍ତ ୱାର୍ଡ ସଭ୍ୟ ଯୁବ ସମାଜସେବୀ ସହଦେବ ମାଣିକ, ପର୍ଶୁରାମ ରାୟ, ପ୍ରଫୁଲ୍ଲ ବେହେରା, ପୁରୁଖା କର୍ମୀ ଇନ୍ଦ୍ରମଣି ବେହେରା, ବରିଷ୍ଠ କର୍ମୀ ମହମ୍ମଦ ସମ୍ ସୁଲ୍ ଆରେଫିନ୍, ସମବାୟ ସମିତିର ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ନାଏବ ସରପଞ୍ଚ ଅଶୋକ କୁମାର ସାହୁ ଯୋଗ ଦେଇଥିଲେ ଏଥିରେ ବରିଷ୍ଠ ନାଗରିକ ୮୦ ଜଣଙ୍କୁ ସରପଞ୍ଚ ଓ ସମିତି ସଭ୍ୟା ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ନିଖୋଜ ସୁରକ୍ଷା କର୍ମଚାରୀ ଉଦ୍ଧାର

**ଚୌଦ୍ୱାର,୨୬।୧୨/ଏନ୍‌ଏନ୍‌ଏସ୍:** ଚୌଦ୍ୱାର ଇମ୍ଫା ଶିଳ୍ପ କାରଖାନାରେ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିବା ଦେବଗଡ଼ ଅଞ୍ଚଳର ଜିତେନ୍ଦ୍ରୀୟ ସାହୁ (୪୦) କିଛିଦିନ ହେଲା ନିଖୋଜ ଥିବା ନେଇ ପ୍ରଥମେ ସିକ୍ୟୁରିଟି ସଂସ୍ଥା ଓ ପରେ ପରିବାରଲୋକଙ୍କ ତରଫରୁ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ଆଜି ଶ୍ରୀ ସାହୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏ ନେଇ ଚୌଦ୍ୱାର ଥାନା ପକ୍ଷରୁ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ପ୍ରେସ୍ ନୋଟ୍ ମାଧ୍ୟମରେ ସୂଚନା ପ୍ରଦାନ କରିଛନ୍ତି।

ଚୌଦ୍ୱାର ଇମ୍ଫା କମ୍ପାନୀ ସିକ୍ୟୁରିଟି ଦାୟିତ୍ୱରେ ଥିବା ସଂସ୍ଥାରେ ଜିତେନ୍ଦ୍ରୀୟ ସିକ୍ୟୁରିଟି ଗାର୍ଡ଼ ଭାବେ କାର୍ଯ୍ୟ କରୁଥିବା ବେଳେ ଗତ ୧୩ତାରିଖ ଦିନ କମ୍ପାନୀରୁ ଉତ୍ପାଦିତ ସାମଗ୍ରୀ ନେଇ ଟ୍ରକ୍‌ରେ ଆନ୍ଧ୍ରପ୍ରଦେଶର ଭାଇଜାଗ୍ ପୋର୍ଟକୁ ଯାଇଥିଲେ। ମାତ୍ର ୧୬ତାରିଖ ଦିନ ସମସ୍ତ କାର୍ଯ୍ୟ ସାରି ପାଖ ରେଲୱେ ଷ୍ଟେସନକୁ ଆସିଥିବା ବେଳେ ପରେ ତାଙ୍କର ମୋବାଇଲ ସୁଇଚ୍ ଅଫ୍ ଥିବା ଯୋଗୁଁ ତାଙ୍କ ସହିତ କୌଣସି ଯୋଗାଯୋଗ ହୋଇପାରିନଥିଲା। ଏ ନେଇ ସିକ୍ୟୁରିଟି ସଂସ୍ଥା ପକ୍ଷରୁ ୧୯ ତାରିଖ ଦିନ ଚୌଦ୍ୱାର ଥାନାରେ ଏକ ଅଭିଯୋଗ କରାଯାଇଥିବା ବେଳେ ତାଙ୍କର ସ୍ତ୍ରୀ ଓ ଦୁଇ ସନ୍ତାନଙ୍କ ସହ ଦେବଗଡ଼ ବିଧାୟକ ରମଞ୍ଚ ରଞ୍ଜନ ବିଶ୍ୱାଳ ମଧ୍ୟ ଥାନାରେ ଆସି ଏକ ଅଭିଯୋଗ କରିବା ସହ ଯଥାଶୀଘ୍ର ଜିତେନ୍ଦ୍ରୀୟଙ୍କୁ ଖୋଜି ବାହାର କରିବା ପାଇଁ ଅନୁରୋଧ କରିଥିଲେ। ଅଭିଯୋଗକୁ ଆଧାର



କରି ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଇନ୍ସପେକ୍ଟର ଅବିନାଶ ରାଉତରାୟଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍‌କୁ ଭାଇଜାଗ୍‌କୁ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଚୌଦ୍ୱାର ପୁଲିସ୍ ସେଠାକୁ ଯାଇ ନିରୁଦ୍ଦିଷ୍ଟ ଜିତେନ୍ଦ୍ରୀୟଙ୍କ ବିଷୟରେ ପଚରାଉଚୁରା କରିବା ସହ ଭାଇଜାଗ୍‌ର ବିଭିନ୍ନ ସ୍ଥାନରେ ନିରୁଦ୍ଦିଷ୍ଟ ସମ୍ପର୍କରେ ବିଭିନ୍ନ ଭାଷାରେ ସୂଚନା ପତ୍ର ମାରିବା ସହ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ୍ କରିଥିଲେ। ଫୁଟେଜ୍ ଆଧାରରେ ଜିତେନ୍ଦ୍ରୀୟ ରେଳ ଷ୍ଟେସନ ଭିତରକୁ ଫୋନ୍ ଯୋଗେ କଥା ହୋଇ ଯିବା ଓ ଷ୍ଟେସନ ଭିତରେ ବୁଲୁଥିବା ସିସିଟିଭି ଫୁଟେଜ୍‌କୁ ପୁଲିସ୍ ସଂଗ୍ରହ କରି ଛାନ୍‌ଭିନ୍ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଜିତେନ୍ଦ୍ରୀୟଙ୍କୁ ଖୁବ୍ ଶୀଘ୍ର ଖୋଜି ବାହାର କରିବା ପାଇଁ ଇମ୍ଫା କମ୍ପାନୀ ପକ୍ଷରୁ ମଧ୍ୟ ସମସ୍ତପ୍ରକାରର ବ୍ୟବସ୍ଥା କରାଯାଇଥିବା ନେଇ ଇମ୍ଫାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଚୌଦ୍ୱାର ପୁଲିସ୍‌ର ଲଗାତାର ପ୍ରୟାସ ଏବଂ ବିଭିନ୍ନ ଏଜେନ୍ସିଙ୍କ ସହଯୋଗରେ ଜିତେନ୍ଦ୍ରୀୟଙ୍କୁ ଆଜି ସୁରକ୍ଷିତ ଭାବେ ଚୌଦ୍ୱାର ଥାନାକୁ ଅଣାଯିବା ସହ ଆବଶ୍ୟକୀୟ ଯାଂଚ୍ ପରେ ତାଙ୍କୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଥିବା ବେଳେ ଜିତେନ୍ଦ୍ରୀୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଏବଂ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଖଣ୍ଡାୟତରାୟ ସୂଚନା ପ୍ରଦାନ କରିଛନ୍ତି।

## କଂଗ୍ରେସ୍ ପକ୍ଷରୁ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ

**ଡେଲାଙ୍ଗ,୨୬।୧୨/ଏନ୍‌ଏନ୍‌ଏସ୍:** ଡେଲାଙ୍ଗ ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ ପରିଡାଙ୍କ ନେତୃତ୍ୱରେ ବିଭିନ୍ନ ଦାବି ନେଇ ଡେଲାଙ୍ଗ ହାଟ ବଜାର ସ୍ଥିତ ବିଦ୍ୟୁତ ବିଭାଗ ତଥା (ଟିପିକୋଲ) କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଦ୍ୟୁତ ଗ୍ରାହକମାନଙ୍କ ଉପରେ କରାଯାଉଥିବା ଜୁଲମ ପ୍ରତିବାଦରେ ଏକ ଶୋଭାଯାତ୍ରା ଡେଲାଙ୍ଗ ହାଟ ବଜାର ଠାରୁ ବାହାରି କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲା। କୌଣସି କାରଣରୁ ଘରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେଲେ ସଂଯୋଗ କରିବାକୁ ଅର୍ଥ ଦେବାକୁ ପଡୁଛି, ଏହା ସହିତ ମେଣ୍ଟେନାନ୍ସ ନାମରେ ବିଦ୍ୟୁତ କାଟ୍ କରାଯାଉଛି ଏହା ସହିତ ବିଦ୍ୟୁତ ଉପଭୋକ୍ତାଙ୍କୁ କିପରି ଶୋଷଣ କରାଯାଉଛି ସେ ନେଇ ଯୋଗଦେଇଥିବା କଂଗ୍ରେସ କର୍ମୀ ଓ ଉପଭୋକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ।



ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ନୂତନ ନିୟମ ଅନୁସାରେ ଅଗ୍ରୀମ ସୁରକ୍ଷା ରାଶୀ ଏକ ହଜାର ଟଙ୍କା ନେବାକୁ ବାତିଲ କରିବା, ସ୍ଥାନୀୟ ଅଞ୍ଚଳରେ ଅଘୋଷିତ ବିଦ୍ୟୁତକାଟ ବନ୍ଦ କରିବା ଆଦି ବିଭିନ୍ନ ଦାବୀ ସମ୍ବଳିତ ଦାବୀପତ୍ର କନିଷ୍ଠ ଯନ୍ତ୍ରି ଅମରେନ୍ଦ୍ର ବେହେରାଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଗୁଣନିଧି ପ୍ରଧାନ, କ୍ଷେତ୍ରବାସୀ ସାହୁ, ପ୍ରଦୀପ କୁମାର ତାଡ, ଅନ୍ତର୍ଯ୍ୟାମୀ ଦିକ୍ଷିତ୍, ଅକ୍ରୁର ସ୍ୱାଇଁ, ଜବହାରଲାଲ୍ ବିଶ୍ୱାଳ, ପ୍ରହ୍ଲାଦ ପ୍ରଧାନ, ସୁବାଶ ପ୍ରଧାନ ଓ ସୁଧିର ବରାଳ ପ୍ରମୁଖ ସାମିଲ ହୋଇଥିଲେ।

## ଶିଶୁମନ୍ଦିରର ରୌପ୍ୟ ଜୟନ୍ତୀ ସମାରୋହ

**ଫୁଲନଖରା,୨୬।୧୨/ଏନ୍‌ଏନ୍‌ଏସ୍:** ଫୁଲନଖରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ କୁଇନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅସୀମ ଅମିତାଭ ଦାଶ, ପ୍ରଜ୍ଞା ପାରମିତା ଜେନା, ଡକ୍ଟର ଚିତ୍ତରଞ୍ଜନ ସାହାଣୀ, ସ୍ୱାଧୀନଚେତା ମହାନ୍ତି, ଡକ୍ଟର ବାବାଜି ପଟ୍ଟନାୟକ, ଡକ୍ଟର ବିଶ୍ୱରଞ୍ଜନ ପ୍ରଧାନ, ଗୀତାଞ୍ଜଳି ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାନୁଷ୍ଠାନର ବାର୍ଷିକ ମୁଖପତ୍ର 'ସ୍ୱର୍ଣ୍ଣଶିଖା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାନନବିହାରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ନରେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପତିତପାବନ ମଲ୍ଲିକ, ମମତା ପରିଜା, ରୁନି ମହାରଣା, ସୁଦାମିନା ନନ୍ଦ, ମାମାଲି ଦାସ, ଗୀତାଞ୍ଜଳି ସାହୁ, ଲକ୍ଷ୍ମୀପ୍ରିୟା ମହାନ୍ତି ଓ ଗିରିଜାବାଳା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ପ୍ରଧାନଆଚାର୍ଯ୍ୟା ସାଗରିକା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ

**ଚାରିଛକ,୨୬।୧୨/ଏନ୍‌ଏନ୍‌ଏସ୍:** ଚାରିଛକ ନିକଟସ୍ଥ ମୁଖ୍ୟ ରାସ୍ତାପାର୍ଶ୍ୱ ଭିଲିଗ୍ରାମ ମଧୁରମାର୍ଗ ଠାରେ ପୂଜା ପାଇ ଆସୁଥିବା ତ୍ରିନାଥ ଠାକୁରଙ୍କ ୨୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳକ ସୁକାନ୍ତ ସେନାପତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ପୂର୍ଣ୍ଣ ମହାରଣା ଓ ସଞ୍ଜୟ ବାବା କର୍ତ୍ତା ହୋଇଥିଲେ। ପଣ୍ଡିତ ପୂର୍ଣ୍ଣ ପାଢ଼ୀ, କୃଷ୍ଣ ସୁଆର, ଶିବ ସୁଆର ହୋମ ଓ ଯଜ୍ଞ କରିବା ପରେ ଠାକୁରଙ୍କୁ ସ୍ନାନ କରି ନବବସ୍ତ୍ର ପରିଧାନ କରାଇ ବେଶ କରିଥିଲେ। ଠାକୁରଙ୍କ ନିକଟରେ ଚୁଡ଼ାଘସା, କଦଳୀ ଶିରିଣି, ଫଳମୂଳ ଭୋଗ ଲାଗି କରାଯାଇଥିଲା। ତ୍ରିନାଥ ମଣ୍ଡପକୁ ସମ୍ପୂର୍ଣ୍ଣ ଭାବେ ଫୁଲ ଓ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରା ଯାଇଥିଲା। ଅଞ୍ଜଳି ଭଜନ ସଂଧ୍ୟା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ବୁଟୁ ବାରିକ, ଗୋପୀ ସେନାପତି, ଦାସ ଭୋଇ, ପ୍ରଫୁଲ୍ଲ ଭୋଇ, ଗାଇଆ ଖଟୋଇ, ଚରଣ ପରିଡ଼ା, ଛୋଟା ଭୋଇ, ଜଟିଆ ସେଠୀ, ବଙ୍କୁ ବେହେରା, ଜୟୀ ମଲ୍ଲିକ, ପ୍ରତାପ ଦାସ, ନରି ବେହେରା ଓ ପଦ୍ମଲାଭ ଦାସ ପ୍ରମୁଖ ଉକ୍ତ ବାର୍ଷିକୋତ୍ସବକୁ ପରିଚାଳନା କରିଥିଲେ।

## ୩ ମୃତ ପକ୍ଷୀ ଜବତ, ଜଣେ ଗିରଫ



**ଟାଙ୍ଗୀ,୨୬।୧୨/ଏନ୍‌ଏନ୍‌ଏସ୍:** ଚିଲିକାରେ କମିବାରେ ନାଁ ନେଉନି ପକ୍ଷୀ ଶିକାର। ସୁରକ୍ଷା ବ୍ୟବସ୍ଥା ଭେଦ କରି ଚାଲିଛି ଶିକାର। ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ରେଞ୍ଜ ଅଧିନ ଲୁଚିଛପି ଚିଲିକାରୁ ବିଦେଶୀ ପକ୍ଷୀ ଶିକାର କରି ତାହାକୁ ଏକ ଜରି ବ୍ୟାଗ୍‌ରେ ନେଉଥିବା ବେଳେ ଧରାପଡ଼ିଛି ଶିକାରୀ। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ଭାରପ୍ରାପ୍ତ ରେଞ୍ଜର ଚିତ୍ରସେନ ଜେନାଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ଟିମ୍ ଚିଲିକା କୂଳରେ ପାଟ୍ରୋଲିଂବେଳେ ଏହି ପକ୍ଷୀ ଶିକାରୀଙ୍କୁ ଧରପଗଡ଼ କରିବା ପରେ ଶିକାରୀଙ୍କଠାରୁ ୩ ମୃତ ବିଦେଶୀ ପକ୍ଷୀ (ନର୍ଦନ ପିଣ୍ଟେଲ୍) ଉଦ୍ଧାର କରାଯାଇଛି। ତଦନ୍ତ ବେଳେ ଟାଙ୍ଗୀ ଥାନା କାଟିଲାଗୋଠପାଟଣା ଅଞ୍ଚଳର ଗନ୍ଧିଆ ପ୍ରଧାନକୁ ଗିରଫ କରାଯାଇଛି। ଚିଲିକା କୂଳରେ ବିଦେଶୀ ପକ୍ଷୀଙ୍କୁ ବିଷ ପ୍ରୟୋଗ କରି ଶିକାର କରୁଥିବା ଅନୁମାନ କରୁଛି ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ। ମୃତ ପକ୍ଷୀଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଗିରଫ ବ୍ୟକ୍ତିକୁ କୋର୍ଟ ଚାଲାଣ କରିଛି ଟାଙ୍ଗୀ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ବିଭାଗ। ଏନେଇ ଟାଙ୍ଗୀ ବନ୍ୟପ୍ରାଣୀ ବନ୍ୟାଞ୍ଚଳ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ୩ରେ ମହୋଦଧି ନିତ୍ୟ ସନ୍ଧ୍ୟା ଆଳତୀ ବାର୍ଷିକ ଉତ୍ସବ

**ପୁରୀ,୨୬।୧୨/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଭଳି ଚଳିତ ବର୍ଷ ବିଂଶତମ ତୀର୍ଥରାଜ ଶ୍ରୀ ମହୋଦଧି ନିତ୍ୟ ସନ୍ଧ୍ୟା ଆଳତୀ କାର୍ଯ୍ୟକ୍ରମର ବାର୍ଷିକ ଉତ୍ସବ ପୌଷ ପୂର୍ଣ୍ଣିମା ଅବସରରେ ଇଂରାଜୀ ତିଥି ଅନୁଯାୟୀ ଆସନ୍ତା ୩ ତାରିଖରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ବେଳାଭୂମିରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମ ଏକ ଆଧାତ୍ମିକ କାର୍ଯ୍ୟକ୍ରମ। ଗୋବର୍ଦ୍ଧନ ମଠ ପୁରୀ ପୀଠର ପୀଠାଧିଶ୍ୱର ୧୪୫ ତମ ଶ୍ରୀମଦ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାଭାଗ ଆଜକୁ ପ୍ରାୟ ୨୦ ବର୍ଷ ପୂର୍ବେ ସାଗର ତଟ ବେଳାଭୂମିର ସୁରକ୍ଷା, ସାଗର ତଟ ସୁରାସୁନ୍ଦରୀଙ୍କ କେନ୍ଦ୍ର ନ ବନୁ, ସାଗର ତଟ ଏକ ଆଧାତ୍ମିକ ବାତାବରଣରେ ପରିଣତ ହେଉ ଏହି ଭାବନାକୁ ପୂର୍ତ୍ତି କରିବାକୁ ଯାଇ ଏଇ ତୀର୍ଥରାଜ ମହୋଦଧି ସମୁଦ୍ର ଭଗବାନଙ୍କ ନିତ୍ୟ ସନ୍ଧ୍ୟା ଆରତୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମହାପ୍ରଭୁ ଜଗନ୍ନାଥ ଏବଂ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଏହି ପରମ୍ପରା ଏକ ଏବଂ ଅଭିନ୍ନ। ଏହି ସମସ୍ତ କାର୍ଯ୍ୟକ୍ରମ ତୀର୍ଥରାଜ ମହୋଦଧି ଆରତୀ ସମିତି ଶ୍ରୀଗୋବର୍ଦ୍ଧନ ମଠ ଦ୍ୱାରା ପରିଚାଳିତ ହୋଇଥାଏ। ପୂଜ୍ୟ ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ମହାରାଜଙ୍କ ମାର୍ଗଦର୍ଶନରେ ମହୋଦଧି ଆରତୀ ସମିତିର ଅଧ୍ୟକ୍ଷ ପ୍ରଶାନ୍ତ ଆଚାର୍ଯ୍ୟ, ସମ୍ପାଦକ ଆଦରଣୀୟ ପ୍ରକାଶ ଶତପଥି, ଆଦିତ୍ୟ ବାହିନୀ ଓଡ଼ିଶା ପ୍ରାନ୍ତର ଅଧ୍ୟକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର, ଉପାଧ୍ୟକ୍ଷ ରଘୁନାଥ ମହନ୍ତ, ସାଧାରଣ ସମ୍ପାଦକ ସତ୍ୟଜିତ ବେଜ, ପ୍ରଚାର ପ୍ରମୁଖ ଅରୁଣ ମହାନ୍ତି ଏବଂ ଆରତୀ ସମିତିର ସଦସ୍ୟ ଗଣେଶ୍ୱର ମହାସୁଆର, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ଦେବାଶିଷ ମିଶ୍ର, ରାମଚନ୍ଦ୍ର ଦଳାଇ, ତନ୍ମୟ ଚାଟାର୍ଜୀ, ବିଶ୍ୱ ଶାନ୍ତି ତ୍ରିପାଠୀ ଓ ଚିନ୍ମୟୀ ଦେଓ ପ୍ରମୁଖଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ପରିଚାଳନା ହେବ।




## ଗାଇଡାନ୍ସ ପବ୍ଲିକ ସ୍କୁଲ୍‌ର ବାର୍ଷିକ କ୍ରୀଡ଼ା ଉତ୍ସବ




**ଓଡ଼ଗାଁ,୨୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଗାଇଡାନ୍ସ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଉତ୍ସବକୁ ବିଦ୍ୟାଳୟର ଅଧ୍ୟକ୍ଷ ଅବିନାଶ ସାହୁ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିବାବେଳେ ପ୍ରିନ୍ସପାଲ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ପ୍ରଭୁ ଶ୍ରୀଶ୍ରୀ ରଘୁନାଥ ଜିଉଙ୍କ ନିକଟରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୋଟ ୧୦ ପ୍ରକାର ଖେଳ ଯଥା ମ୍ୟୁଜିକ୍ ଚେୟାର, ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ବଲ୍ ଫୋପଡ଼ା, ଆଳୁ ଚାମଚ, ଅଖାଡିଆଁ ଆଦି ଖେଳ ଅନୁଷ୍ଠିତ ହୋଇଥିବାବେଳେ ଓଡ଼ଗାଁର ଅତି ପରିଚିତ ଖେଳଶିକ୍ଷକ ଜଗନ୍ନାଥ ସାହୁ ସମସ୍ତ ଖେଳ ପରିଚାଳନା କରିଥିଲେ। ସଫଳ ପ୍ରତିଯୋଗୀମାନେ ବନ୍ଧୁତ୍ୱପୂର୍ଣ୍ଣ ମନୋଭାବ ନେଇ ଖେଳପ୍ରଦର୍ଶନ କରିଥିବାରୁ ପ୍ରିନ୍ସିପାଲ ଶ୍ରୀ ସାହୁ ଅଂଶଗ୍ରହଣ କରିଥିବା ୧୩୫ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

**ଓଡ଼ଗାଁ,୨୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ହାଇସ୍କୁଲ ୧୯୯୩ ମସିହା ମାଟ୍ରିକ ବ୍ୟାଚର ସହପାଠୀଙ୍କୁ ନେଇ ଏକ ବନ୍ଧୁମିଳନ ଉତ୍ସବ ଓଡ଼ଗାଁ ଅଞ୍ଚଳର ପର୍ଯ୍ୟଟନ ସ୍ଥଳୀ ମା'ବାଗଦେବୀଙ୍କ ପୀଠରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇ ନିଜନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିବା ସହିତ ପୁରୁଣା ଦିନର ସ୍ମୃତିକୁ ସାଉଁଟିଥିଲେ। ଏ ନେଇ ବ୍ୟାଚ ଆବାହକ ଗନ୍ଧର୍ବ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ପ୍ରଥମେ ମା'ବାଗଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ବିଦ୍ୟାଳୟର ତତ୍କାଳୀନ ଶିକ୍ଷକଙ୍କ ବଳିଷ୍ଠ ଶିକ୍ଷାଦାନ ଯୋଗୁଁ ସମସ୍ତେ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ସମସ୍ତେ



ଏକାଠିହୋଇ ବଣଭୋଜିର ମଜା ନେଇଥିଲେ। ସହପାଠୀ ଶିବରାମ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସୋମନାଥ ଚୌଧୁରୀ, ଦୀନବନ୍ଧୁ ପଣ୍ଡା, ଦିନବନ୍ଧୁ ଖଟେଇ, ଅରୁଣ କୁମାର ସାହୁ, ଦିଲ୍ଲୀପ କୁମାର ନାୟକ, କଳ୍ପନା ପାଣିଗ୍ରାହୀ ଓ ପ୍ରତିମା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

### ବରୁଣେଇ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଫାଇନାଲ୍‌ରେ ବୈଦେଶ୍ୱରଙ୍କୁ ହରାଇ ଭୋଗଡ଼ା ଚାମ୍ପିଅନ୍

**କଣ୍ଟିଲୋ,୨୬।୧୨/ଏନ୍‌ଏନ୍‌ଏସ୍:** ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୯ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଦିବସର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ୨୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ବାଙ୍କୀ ବୈଦେଶ୍ୱର ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୮.୨ ଓଭର ରେ ସମସ୍ତ ୱିକେଟ ହରାଇ ୧୨୯ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦ୍ୱିତୀୟରେ ବ୍ୟାଟିଂ କରି ପ୍ରତିପକ୍ଷ ଟିମ୍ ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ଭୋଗଡ଼ା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ ସଙ୍କଟରେ ପଡ଼ିଥିବା ବେଳେ ଦଳର ଦୁଇ ମିଡଲ ଅର୍ଡର୍ ବ୍ୟାଟସ ମ୍ୟାନ କୁନା ଏବଂ ପୀଙ୍କୁ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରଖି ବ୍ୟାଟିଂରେ କମାଲ କରି ଦଳକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବାବା ଗୁପ୍ତେଶ୍ୱର କ୍ଲବର ପିଙ୍କୁ ଅଲରାଉଣ୍ଡର ଭୂମିକା ପ୍ରଦର୍ଶନ କରି



କଞ୍ଜୁସ ବୋଲିଂ କରିବା ସହିତ ୧୯ ବଲ୍‌ରୁ ୫ ଛକା ଓ ୩ ଚଉକା ବଳରେ ଅପରାଜିତ ୪୬ ରନ୍ ସଂଗ୍ରହ କରି ଆଜିର ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବାବା ଗୁପ୍ତେଶ୍ୱର କ୍ରିକେଟ କ୍ଲବ ୫ ୱିକେଟରେ ବିଜୟୀ ହୋଇ ଚଳିତ ବର୍ଷ ୧୯ ତମ ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ଆଜିର ମ୍ୟାଚ୍‌କୁ ଅନିଲ ନାୟକ ଓ ବଣ୍ଟି ବେହେରା ପରିଚାଳନା କରିଥିଲା ବେଳେ ଧାରାବିବରଣୀ ଶୁଭାଂଶୁ ମହାରଣା ଓ ଶେଷଦେବ ନାୟକ ପ୍ରଦାନ କରିଥିଲେ। ରାଜା ଦଳେଇ ଓ ସନ୍ତୋଷ ବେହେରା ସ୍କୋରର ଦାୟିତ୍ୱ ତୁଲେଇଥିଲେ। ଉଦ୍‌ଯାପନୀ ତଥା ଗ୍ରାଣ୍ଡ ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, କଣ୍ଟିଲୋ ପଞ୍ଚାୟତ ସରପଞ୍ଚ ଶ୍ରୀୟା ରାଣୀ ବେହେରା, କଣ୍ଟିଲୋ ସ୍ୱାସ୍ଥ୍ୟ କେନ୍ଦ୍ରର ମାନସ ରଞ୍ଜନ ସାହୁ, ମାଧବ ଚନ୍ଦ୍ର ସାହୁ ଓ ତପନ କୁମାର ମହାପାତ୍ର ପ୍ରଭୃତି ଯୋଗଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରନର୍ସ ଟିମ୍ ବୈଦେଶ୍ୱରଙ୍କୁ ନଗଦ ଅର୍ଥ ରାଶି ୮ ହଜାର ଏବଂ ଗ୍ରାଣ୍ଡ ଫାଇନାଲ ଚାମ୍ପିଅନ ଟିମ୍ ବାବା ଗୁପ୍ତେଶ୍ୱର କ୍ଲବ ଭୋଗଡ଼ାକୁ ଚାମ୍ପିଅନ ଟ୍ରଫି ସହ ନଗଦ ଅର୍ଥ ରାଶି ୧୦ ହଜାର ପ୍ରଦାନ କରିଥିଲେ।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ

**ଟାଙ୍ଗୀ,୨୬।୧୨/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ଉଚ୍ଚ ସରକାରୀ ବିଦ୍ୟାଳୟର ୫୦ବର୍ଷ ଅବସରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସକାଳ ସମୟରେ ପ୍ରଭାତଫେରି କରାଯାଇଥିଲା। ପରେ ସଭା ଆୟୋଜନ କରାଯାଇଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ବିଧାନସଭା ବାଚସ୍ପତି ଯୋଗ ଦେବାର ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲେ ମଧ୍ୟ କୌଣସି କାରଣ ପାଇଁ ବାଚସ୍ପତି ଆସି ନ ପାରିବା ଛାତ୍ରଛାତ୍ରୀଙ୍କୁ ନିରାଶ ହେବାକୁ ପଡ଼ିଥିଲା। ପରେ ମୁଖ୍ୟଅତିଥି ଭାବେ ଅନ୍ତର୍ଜାତୀୟ ଧାବିକା ସୁଶ୍ରୀ ଦ୍ୟୁତି ଚାନ୍ଦ, ସ୍ୱତନ୍ତ୍ର ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ଡଃ ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଟେଟ୍ରାହେଡନ୍ କଲେଜ ପ୍ରତିଷ୍ଠାତା ତ୍ରିଦେବ ବେହେରା, ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ



କୁମାର ନାୟକ, ସୁବର୍ଣ୍ଣ ଜୟନ୍ତୀ ସମାରୋହ କମିଟିର ସଭାପତି ଭକ୍ତ ବତ୍ସଳ ସାହୁ ଓ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ଶ୍ୱେତପଦ୍ମାସିନୀ ମଲ୍ଲିକ ଯୋଗ ଦେଇ ଜୀବନକୁ ଗଢ଼ିତୋଳିବାର ମୂଳଦୁଆ ହେଉଛି ବିଦ୍ୟାଳୟ ଏହି ଶିକ୍ଷାର ମନ୍ଦିରକୁ ଗଢ଼ି ତୋଳିଥିବା ମହାନ ବ୍ୟକ୍ତିତ୍ୱଙ୍କୁ ଅତିଥିମାନେ ପ୍ରଣାମ ଜଣାଇବା ସହ ସେମାନଙ୍କର ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷା ଲାଭ କରି ଅନେକ ଛାତ୍ରଛାତ୍ରୀମାନେ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହୋଇଥିବା ବେଳେ ନିଜର ସେହି ପିଲା ଦିନର ସ୍ମୃତିକୁ ମନେ ପକାଇ ଭାବ ବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା। ଭଟିମୁଣ୍ଡା ଗ୍ରାମ କଂସା ପିତଳ କାରିଗରି ପାଇଁ ପ୍ରସିଦ୍ଧ ଲାଭ କରିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ତାର କାରୁକାର୍ଯ୍ୟ କିପରି କରାଯାଏ ତାହା ବର୍ଣ୍ଣିତ କରାଯିବା ସହ କଂସାରୀ ସଂଘର କର୍ମକର୍ତ୍ତାମାନେ ମହାପ୍ରଭୁଙ୍କ ରଥଯାତ୍ରାରେ ଘଣ୍ଟ ସେବାରେ ନିୟୋଜିତ ଥିବାରୁ ମହାପ୍ରଭୁଙ୍କୁ ନନ୍ଦିଘୋଷ ରଥ ତିଆରି କରାଯାଇଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

# ଚାଷୀଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ଅଭିଯୋଗ



**ଆଳି,୨୬।୧୨/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଦେସାହି ସମବାୟ ସମିତିରେ ଜଣେ ଚାଷୀଙ୍କ ଅଜାଣତରେ ତାଙ୍କ ନାମରେ ଋଣ କରି ଅର୍ଥ ହଡ଼ପ କରିବା ଘଟଣାରେ ନ୍ୟାୟ ପାଇଁ ବାରମ୍ବାର ଦୌଡ଼ି ଦୌଡ଼ି ନିରାଶ ହେବା ପରେ ବ୍ୟାଙ୍କ ସମ୍ମୁଖରେ ଆତ୍ମହୁତି ଦେବେ ବୋଲି କ୍ଷୋଭର ସହ କହିଛନ୍ତି ଚାଷୀ। ପ୍ରକାଶ, ଦେସାହି ସମବାୟ ସମିତିର ଚାଷୀ କନକ ଲତା ରାଉତ ଅଭିଯୋଗ କରିଛନ୍ତି ଯେ ସେ ସମବାୟରେ ଗୋଟିଏ ଥର ୧୧ ହଜାର ଟଙ୍କା ଋଣ ନେଇଥିଲେ। ଏବେ ବ୍ୟାଙ୍କ ପାସବୁକ ଚେକ ପରେ ତାଙ୍କ ନାମରେ ୫୪ ହଜାର ଟଙ୍କା ଋଣ ହୋଇଥିବା ଜାଣିବାକୁ ପାଇଛନ୍ତି। ସେ ଥରେ ଋଣ କରିଥିବା ବେଳେ କିଏ ତାଙ୍କ ନାମରେ ଋଣ କରି ଟଙ୍କା ଉଠାଇନେଇଥିବା ଜାଣିବା ପରେ ସେ ଚିନ୍ତାରେ ପଡି ଯାଇଛନ୍ତି। ଏ ବିଷୟରେ ସେ ସମବାୟ ସମିତି ଓ କଟକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ଦୌଡ଼ିଦୌଡ଼ି ନିରାଶ ହେବା ପରେ ଶୁକ୍ରବାର ବ୍ୟାଙ୍କ ଶାଖା ପରିଚାଳକଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ସେ ଯେତିକି ଟଙ୍କା ଋଣ କରିଛନ୍ତି ସେହି ଟଙ୍କା ସୁଝିବାକୁ ପ୍ରସ୍ତୁତ ଥିବା ବେଳେ ତାଙ୍କ ଅଜାଣତରେ କିଏ ଋଣ କରିଲା ଓ ଟଙ୍କା ନେଲା ତାହାର ସଠିକ ତଦନ୍ତ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ସେ ବ୍ୟାଙ୍କ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଭିଯୋଗ ପାଇବା ପରେ ବ୍ୟାଙ୍କ ପରିଚାଳକ ନିହାରକାନ୍ତ ସ୍ୱାଇଁ ଏ ନେଇ ସମବାୟ ସଂପାଦକ ଅଶ୍ୱିନୀ ବେହୁରିଆଙ୍କୁ ଡାକି ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଘଟଣାର ତଦନ୍ତ କେବେ ସରୁଛି ଓ ମହିଳାଙ୍କୁ କେବେ ନ୍ୟାୟ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ଭିତରକନିକା ଜାତୀୟ ଉଦ୍ୟାନରେ ପର୍ଯ୍ୟଟକଙ୍କ ଭିଡ଼

**ରାଜନଗର,୨୬।୧୨/ଏନ୍ଏନ୍ଏସ୍:** ଭିତରକନିକା ଜାତୀୟ ଉଦ୍ୟାନରେ ବଡ଼ଦିନ ଅବସରରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଡାଙ୍ଗମାଳ ମୁଖ୍ୟ ଗେଟ୍ ଦେଇ ୭୯୧ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ। ଖୋଲାରୁ ୯୫ ଟ୍ରିପ୍ ବୋଟରେ ୧୧୦୬ ଜଣ ପର୍ଯ୍ୟଟକ ଚାନ୍ଦବାଲିରୁ ୧୯ଟ୍ରିପ୍ ବୋଟରେ ୨୯୦ ପର୍ଯ୍ୟଟକ ଓ ଗୁପ୍ତିରୁ ୨୩ଟ୍ରିପ୍ ବୋଟ୍‌ରେ ୨୯୩ ଜଣଙ୍କୁ ମିଶାଇ ମୋଟ୨୪୮୦ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ପର୍ଯ୍ୟଟକଙ୍କୁ ଆନମନା କରିଥିଲା। ଭିତରକନିକା ସେଲଫି ପଏଣ୍ଟରେ ଫଟୋ ଉଠାଇବା ପାଇଁ ପର୍ଯ୍ୟଟକମାନେ ଭିଡ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଳୀ ରହୁଥିବା ପୋଖରୀ ନିକଟରେ ମଧ ଭିଡ଼ ପରିଲକ୍ଷିତ ହୋଇଥିଲା । ସ୍କାଏୱାକରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଚାଲିବା ସହିତ ନୂଆ ଅନୁଭୂତି ସଂଗ୍ରହ କରିଥିଲେ। ହ୍ୟାଚେରୀରେ ଛୋଟ ଛୋଟ କୁମ୍ଭୀର ଛୁଆଙ୍କୁ ଦେଖିବା ସହ ଧଳା କୁମ୍ଭୀର ଶ୍ୱେତାକୁ ଦେଖିବା ପାଇଁ ଗହଳି ଲାଗିଥିଲା।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲା କଂଗ୍ରେସର ବିକ୍ଷୋଭ

# 'ଆମେ ଅତିରିକ୍ତ ଜମାରାଶି ଦେବୁ ନାହିଁ'

**ଜଗତ୍‌ସିଂହପୁର,୨୬।୧୨/ଏନ୍ଏନ୍ଏସ୍:** ଟାଟା ପାୱାର ବିଦ୍ୟୁତ୍ କମ୍ପାନୀର ମନମାନି ବିରୋଧରେ ଶୁକ୍ରବାର ପୂର୍ବାହ୍ନରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ଯୋରଦାର ଆନ୍ଦୋଳନ କରିଛି। କମ୍ପାନୀ ଉପଭୋକ୍ତାଙ୍କ ଉପରେ ଦାବି କରିଥିବା ଅତିରିକ୍ତ ଅଗ୍ରୀମ ଜମାରାଶିକୁ ନା'ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ତୁରନ୍ତ ସରକାର ଏହି ଗ୍ରାହକ ଶୋଷଣ କମ୍ପାନୀକୁ ଓଡିଶା ମାଟିରୁ ବିଦା କରିବା ପାଇଁ ଦାବି କରି ଆନ୍ଦୋଳନ କରିଛନ୍ତି। ଏହି ଆନ୍ଦୋଳନ, ଜିଲ୍ଲା କଂଗ୍ରେସ ସଭାପତି ଦେବୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ପିସିସି ଉପସଭାପତି ଲଲାଟେନ୍ଦୁ ମହାପାତ୍ର, ପିସିସି ପୂର୍ବତନ ସାଧାରଣ ସମ୍ପାଦକ ଅଜୟ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ବଲ୍ଲଭାନନ୍ଦ ସ୍ୱାଇଁ, ପ୍ରଶାନ୍ତ ଦାସ, ସବେଶ୍ୱର ପଣ୍ଡା, ଦୀପ୍ତୀରାଣୀ ପ୍ରଧାନ, ଶ୍ରୀମୟୀ ସରସ୍ୱତୀ ସାହୁ, ଅନୁଷୟା ପ୍ରଧାନ, ମନରୋମା ଖଟୁଆ, ରୂପଶ୍ରୀ ରାଗିଣୀ ଦାଶ, ସ୍ନିଗ୍ଧାରାଣୀ ଦାସ, ପୂର୍ବତନ ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁଚିସ୍ମିତା ପଣ୍ଡା ପ୍ରମୁଖ ଶତାଧିକ କଂଗ୍ରେସ ସ୍ଥାନୀୟ ନିମାଇଁ ଭବନ ଠାରୁ ଏକ ବିଶାଳ ବିକ୍ଷୋଭ ଶୋଭା ଯାତ୍ରାରେ ବାହାରି, 'ଆମେ ଅତିରିକ୍ତ ଜମାରାଶି ଦେବୁ ନାହିଁ, ଟାଟା ପାୱାର ନିର୍ଯାତନା ଆଉ ସହିବୁ ନାହିଁ, ଟାଟା ପାୱାରକୁ ଓଡିଶା ମାଟିରୁ ବିଦାକର ଇତ୍ୟାଦି ନାରାବାଜି କରି' ନଗର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଭିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ




କଂଗ୍ରେସ ନେତା ବସନ୍ତ ନାୟକ, ଲକ୍ଷ୍ମୀଧର ମଲ୍ଲିକ, ସୁବ୍ରତ ମହାନ୍ତି, ପ୍ରଦ୍ୟୁମ୍ନ କିଶୋର ଚୟନୀ, ପବିତ୍ର ମନ୍ତ୍ରୀ, ସୁବ୍ରତ ପଣ୍ଡା, ଦେବ ପ୍ରସାଦ ମହାପାତ୍ର, ପିତାମ୍ବର ସେଠୀ, ରେହିନା ବେଗମ୍, ତୋହରା ଖାତୁନ, ମୁରସାତ ବେଗମ, ନୁର ସବାଙ୍କ ସହିତ ବହୁ ଯୁବ ନେତା, ଛାତ୍ର ନେତା, ମହିଳା ନେତ୍ରୀମାନେ ଯୋଗ ଦେଇଥିଲେ। ତେବେ ସରକାର ଟାଟା ପାୱାର ବିରୋଧରେ ପଦକ୍ଷେପ ଗ୍ରହଣ ନକଲେ ଆଗାମି ୨୯ତାରିଖରେ ଜଗତସିଂହପୁର ସଦର ମହକୁମା ଠାରେ ଥିବା ଟାଟା ପାୱାରର ଜିଲ୍ଲା କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ନାୟକ ଚେତାବନୀ ଦେଇଛନ୍ତି।

# ବାଜପେୟୀଙ୍କ ୧୦୧ ତମ ଜୟନ୍ତୀ



**ଜଗତ୍‌ସିଂହପୁର,୨୬।୧୨/ଏନ୍ଏନ୍ଏସ୍:** ଭାରତର ପୂର୍ବତମ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜନ୍ମ ଜୟନ୍ତୀ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ବାସଭବନ ସ୍ଥିତ ସମ୍ମିଳନୀ ଗୃହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟକ ଶ୍ରୀ ଦାସ, ଅଟଳଜୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ଶାସନ ସମୟରେ ତାଙ୍କର ଯୁଗାନ୍ତକାରୀ ପଦକ୍ଷେପକୁ ମନେ ପକାଇଥିଲେ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଗମନାଗମନ ସୁବିଧା ନିମନ୍ତେ ଜାତୀୟ ରାଜପଥ ଉନ୍ନତି କରଣ ଓ ପ୍ରଧାନମନ୍ତ୍ରୀ ସଡକ ଯୋଜନା, ସ୍ୱର୍ଣ୍ଣ ଚତୁର୍ଭୁଜ ସଂଯୋଗୀକରଣ, କାର୍ଗିଲ ଯୁଦ୍ଧ, ପ୍ରଯୁକ୍ତି ବିଦ୍ୟା, ଦୂର ସଞ୍ଚାର ଇତ୍ୟାଦିରେ ବିରାଟ ପରିବର୍ତ୍ତନ ଅଟଳଜୀଙ୍କ ସମୟରେ ହୋଇ ପାରିଥିଲା। ଏଥି ସହିତ ଆମେରିକା ଓ ଅନ୍ୟାନ୍ୟ ଦେଶର ବିରୋଧ ସତ୍ୱେ ପୋଖରାନ ଠାରେ ଭାରତ ପରମାଣୁ ବୋମା ପରିକ୍ଷଣ କରି ସାରା ବିଶ୍ୱକୁ ଅଟଳଜୀ ଚକିତ କରିଥିଲେ। ଯାହାଦ୍ୱାରା ଭାରତ ପରମାଣୁ ଶକ୍ତିଯୁକ୍ତ ରାଷ୍ଟ୍ର ବୋଲି ପରିଗଣିତ ହୋଇଥିବା ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ ସୁଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, ବରିଷ୍ଠ ନେତା ଜଗନ୍ନାଥ ଦାଶ, ପ୍ରସନ୍ନ ସ୍ୱାଇଁ, ସୁଶାନ୍ତ ରଞ୍ଜନ ସ୍ୱାଇଁ, ବରୋଦା ପ୍ରସାଦ ରାୟ, ଦେବୀ ପ୍ରସାଦ ପାଢୀ, ଯୁଧିଷ୍ଠିର ସ୍ୱାଇଁ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ଦେବାଶିଷ ସ୍ୱାଇଁ, ବିଦୁର ନାୟକ, ଯୋଗମାୟା ନନ୍ଦ, ସ୍ୱସ୍ତିମୟୀ ରାୟ, ଧରଣୀଧର ସ୍ୱାଇଁ, ବିଷ୍ଣୁ ବେହେରା ପ୍ରମୁଖ ଶତାଧିକ କର୍ମୀ, ଯୁବନେତା, ଛାତ୍ରନେତା ମାନେ ଯୋଗଦେଇ ଥିଲେ। ଶେଷରେ ବରିଷ୍ଠ ବିଜେପି ନେତା ଶ୍ରୀକାନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଢେଙ୍କାନାଳକୁ ହରାଇ ସେମିଫାଇନାଲ୍‌ରେ ସମ୍ବଲପୁର

**ଆଠମଲ୍ଲିକ,୨୬।୧୨/ଏନ୍ଏନ୍ଏସ୍:** ଅଷ୍ଟକିଳା କ୍ଲବ୍ ପତାକା ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସରେ ଫ୍ରେଣ୍ଡସ ସର୍କଲ ସମ୍ବଲପୁର ଓ ମଙ୍ଗଳା କ୍ଲବ୍ ଢେଙ୍କାନାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍ ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେବାରେ ସକ୍ଷମ ହୋଇ ପାରି ନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ସମ୍ବଲପୁର ଫ୍ରେଣ୍ଡସ କ୍ଲବ୍ ୨ଟି ଗୋଲ ଦେଇ ବିଜୟୀ ହୋଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ମ୍ୟାଚ କମିଶନର ଭାବେ ଦିଲ୍ଲୀପ ରାଉତ, ମୁଖ୍ୟ ରେଫରୀ ଭାବେ ସୁଜିତ ରାଜହଂସ, ଲାଇନ୍ସ ମ୍ୟାନ ଭାବେ ସଲିଲ ବେହେରା, ଗରୀବ ବେହେରା ଦାୟିତ୍ୱ ତୁଲାଇ ଥିଲେ। ସମ୍ବଲପୁର ଫ୍ରେଣ୍ଡସ କ୍ଲବ୍‌ର ଲକିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଆଜିର ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକର ଏବିଇଓ କୈବଲ୍ୟ କଅଁର, ସମ୍ମାନିତ ଅତିଥି ଭାବେ ଯୁବ ଉଦ୍ୟୋଗୀ ବିଭୁତି ସାହୁ, ଶିକ୍ଷକ ପ୍ରଦୀପ ବାହୁକ, ନିରାକାର ମେହେର, ଛବିନାରାୟଣ ସିଂ,



ନରେନ୍ଦ୍ର ମିର୍ଦ୍ଧା, ନରେନ୍ଦ୍ର ପାତ୍ର, ବିରଞ୍ଚି ନାଏକ, କଳିଙ୍ଗ ବେହେରାମାଳି, ପ୍ରମୁଖ ଉପସ୍ଥିତ ରହି ଉଭୟ ଦଳର ଖେଳାଳିମାନଙ୍କ ସହିତ କର ମର୍ଦନ କରି ଉତ୍ସାହିତ କରିଥିଲେ। ଅତି ଉଚ୍ଚ କୋଟିର ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଫୁଲ୍ଲ କୁମାର ସାହୁ । ଅଷ୍ଟକିଳା କ୍ଲବ୍‌ର ବୁଦ୍ଧିମାନ ମେହେର, ମାନସ ପତ୍ରି, ରାଜା, ରମେଶ, ସୁରଜ, ରଜତ, ଜୀବନଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଅଷ୍ଟକିଳା କ୍ଲବ୍ ପତାକା ଓ ଫ୍ରେଣ୍ଡସ ସର୍କଲ ସମ୍ବଲପୁର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଘୋଷଣା କରାଯାଇଛି।


## AFFIDAVIT

By virtue of an affidavit sworn before Notary Public, Balliguda dated 24.12.2025, I Kasiri Pradhan, Daughter of Late Nasara Pradhan of Village-Jamuti, P.O- Rutungia, P.S- Balliguda, Dist- Kandhamal, PIN- 762103, Odisha have changed my name from "**KASIRI PRADHAN**" to "**NIBAJINI MALLICK**", and henceforth I shall be known as "**NIBAJINI MALLICK**" for all purpose.

## AFFIDAVIT

By virtue of an affidavit sworn before the Executive Magistrate, Bhadrak, I Hosen Khan, S/o- Rasid Khan, Vill - Badhiali, Po- Babalpur, Ps- Bhandaripokhari, Dist- Bhadrak, Pin - 756121 do hereby declare that my daughter correct name is Karisma Khatun as per school registrer, but in here Aadhar card it has been wrongly mentioned as Karisma Khatua instead of Karisma Khatun. That **Karisma Khatua & Karisma Khatun** both name is one and same person for all purpose.

## NOTICE

It is for information to all concerned that the Partnership Firm M/s MAALAXMI BHANDAR bearing Regd. No.-720202 001165/2020 having its principal place of business Dist-Cuttack Odisha has been reconstituted with effect from 02/12/2025 vide reconstitution deed dated 02/12/2025 as follows:

Continuing Partner:
1.Satya Narayan Tripathy
Incoming partner:
1. Deepanjali Tripathy
Outgoing partner:
1.Umakanta Tripathy(Deceased partner)

Satya Narayan Tripathy
Managing Partner
M/S MAALAXMI BHANDAR

## ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: **BR-HQ-KGP-25-26-12**, ... **http://www.ireps.gov.in** ...

(PR-998)


# ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ

**ଗାନ୍ଦୋଲ,୨୬।୧୨/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତର କଲ୍ୟାଣ ମଣ୍ଡପ ପରିସରରେ ପାଟକୁରା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନତା ଦଳର ୨୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ ବିଜେଡି ନେତା ହଳଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବରେ ବରିଷ୍ଠ ବିଜେଡି ନେତା ମହେନ୍ଦ୍ର ସିଂ, ପାଟକୁରା ବିଧାୟକଙ୍କ ଡେରାବିଶ ବ୍ଲକ୍ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ ଓ ବିଧାୟକଙ୍କ ମାର୍ଶାଘାଇ ବ୍ଲକ୍ ପ୍ରତିନିଧି ସୁଧାଂଶୁ ଶେଖର ରାୟ ଯୋଗଦେଇ ଦଳ ଗତ ୨୮ ବର୍ଷରେ ରାଜ୍ୟବାସୀଙ୍କ ହିତ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ସଭାରେ ଉପସ୍ଥିତ ସମସ୍ତ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିବା ସହ ଗତ ୨୯ ବର୍ଷ ଧରି ଦଳରେ ସାମିଲ ରହି ଦଳର ସୁପ୍ରିମୋ ନବୀନ ପଟ୍ଟ ନାୟକଙ୍କ ଜନହିତକର କାର୍ଯ୍ୟକୁ ଓଡ଼ିଶାର ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇ




ଦଳକୁ ଦୀର୍ଘଦିନ ଧରି ଲୋକଙ୍କ ସେବା କରିବାର ସୁଯୋଗ ଦେଇଥିବାରୁ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଏବେ ଶାସନାଧିନ ଅପାରଗ ବିଜେପି ସରକାରକୁ ସମାଲୋଚନା କରିବା ସହିତ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ପ୍ରସ୍ତୁତ ହୋଇ ଦଳୀୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ଜିତାଇ ପୁନର୍ବାର କ୍ଷମତାସୀନ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ନରସିଂହପୁର ସରପଞ୍ଚ ବରିଷ୍ଠ ବିଜେଡି ନେତା ସୁଧିର ଖଟୁଆ, ସୁଦିପ୍ତ ସାମଲ, ଯୋଗାନନ୍ଦ ମହାନ୍ତି, ଦିଲ୍ଲିପ ଦାସ, ସରଳରେଖା ସାହୁ, ଅଶ୍ୱିନୀ ମହାନ୍ତି, ଭବାନୀ ପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଚାଟରାଚକଡ଼ା ସରପଞ୍ଚ ମମତା ରାଉତ, ସମିତିସଭ୍ୟ ନିରଞ୍ଜନ କର, ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି, ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ଜୟନ୍ତ ଶତପଥି, ପ୍ରଶାନ୍ତ ସାମନ୍ତରାୟ, ସୁଶାନ୍ତ ବଳଙ୍କ ସମେତ ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୧ ପଞ୍ଚାୟତରୁ ବିଜେଡି ସମର୍ଥିତ ବହୁ ସରପଞ୍ଚ, ସମିତିସଭ୍ୟ ଓ ଛାମୁଆଁ କର୍ମୀମାନେ ଯୋଗ ଦେଇଥିଲେ। ଶେଷରେ ଚୌଧୁରୀ ରବିନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


C-1895

ରାଜଗାଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ, ରାଜଗାଙ୍ଗପୁର

OFFICE OF THE RAJGANGPUR MUNICIPALITY, RAJGANGPUR

Municipality Office Rajgangpur-770017 Tel:-06624-220454

Rajgangpur Municipality | Rajgangpur_Mun | rajgangpurm.hud@od.gov.in

No.5467 — Date : 23.12.2025

## QUOTATION CALL NOTICE

Sealed Quotations are invited from the intending suppliers/regd. firms/authorized dealers having valid GST Certificate for supply of the following Public Health materials to this Municipality for the year 2025-26. The quotations should reach to the undersigned on or before **08.01.2026 by 4.00 P.M.** The quotations shall be opened on the same day at 4.00 P.M. in presence of the quotationers or their authorized representatives. The Quotations received after due date will not be taken in to consideration.

**Format of quotation**

| Sl.No. | Name of the Item | Quantity Per Unit | Rate |
|---|---|---|---|
| 01 | Broom Stick(Coconut) | Per quintal or Kg. | Per quintal or Per Kg. |
| 02 | Drain Brush(Nylon) 6",8",10". | Per piece | Per piece |
| 03 | Drain Brush(Coir) 8",10" | Per piece | Per piece |
| 04 | Gum Boot (Good Quality) | Per pair | Per pair |
| 05 | Hand Glove | Per pair | Per pair |
| 06 | Gainta-TATA | Per piece | Per piece |
| 07 | Kanta Phauda-TATA | Per piece | Per piece |
| 08 | Belcha-TATA (Plastic handle). | Per piece | Per piece |
| 09 | Nali Phauda-TATA (Big size) | Per piece | Per piece |
| 10 | Plain Phauda-TATA(Big size) | Per piece | Per piece |
| 11 | Plastic Sprinkler 5 to 15 Ltr. Capacity | Per piece | Per piece |
| 12 | Crowbar- 5' (Tata) | Per piece | Per piece. |
| 13 | Plastic Gumla (good quality) | Per piece | Per piece. |
| 14 | Glow shine (jacket) | Per piece | Per piece. |
| 15 | Mask | Per piece | Per piece. |
| 16 | Helmet. | Per piece | Per piece. |
| 17 | Sword (Hedge cleaning). | Per piece | Per piece. |
| 18 | Wooden Handle | Per piece | Per piece. |
| 19 | Bleaching Powder(Kanorial/DCM%) | 25 Kg. Bag | Per bag |
| 20 | Phenyle. | 200 ltrs.barrel. | Per barrel. |
| 21 | Acid for floor cleaning. | Per bottle. | Per bottle. |
| 22 | Lime. | 25 Kg. bag. | Per Bag. |

The following terms & conditions should be followed at the time of furnishing the quotations.

1. Copy of GST Certificate
2. Selection will be made after sample testing on the day of opening of quotation.
3. The materials in good condition/quality shall be delivered to the Municipality Office Godown.
4. EMD for Rs.10,000/- & cost of Tender Paper for Rs.4,000/- should be deposited in shape of Cash/Bank Draft/Pay order in favour of Executive Officer, Rajgangpur Municipality.

The undersigned reserves the right to cancel any or all the quotations without assigning any reason thereof.

Sd/- Executive Officer
Rajgangpur Municipality

OIPR-13094/11/0028/2526

## OFFICE OF THE ASKA CO-OPERATIVE SUGAR INDUSTRIES LTD.

P.O. NUAGAM (ASKA)-761111, DIST - GANJAM, ODISHA STATE
Phones : 06822-273464, 273465, 273737, Fax : 06822-273023
email : askasugar@yahoo.co.in
Tin : 21201901913, CST.G.A.C IIIA108Dt.31.3.81, C.Ex Reg No. AAAAT5989LXM001, ECC No. 2608060011

Letter No. Engg./2179 — Date : 26.12.2025

### TENDER CALL NOTICE

Sealed Tenders are invited from licensed labour Contractors / Firm / Agencies / Organizations, etc. for undertaking **"Lifting & Removal of Boiler Ash"** for the crushing season 2025-26, at the Aska Co-operative Sugar Industries Ltd., Nuagam, Aska. Interested tenderers can get details & obtain tender form by download from our website: **www.askasugar.com**. Filled tender forms can be sent by Speed post / Registered post only, which should reach the office latest by dated 01.01.2026 by 5.00 PM.

Sd/- Managing Director
A.C.S.I. Ltd. Aska

e-mail ID: rw_rayagada@yahoo.co.in

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION: RAYAGADA

Letter No. 4399 — **GEPNIC e-Procurement Notice** — Date : 22.12.2025

**Bid Identification No: EERWRGD – Online – 14/2025-26**

Letter No- Date.

| | | | |
|---|---|---|---|
| 1 | Name of the Work | : | Construction of Building works, Repair of Buildings and Maintenance of Road work |
| 2 | Total No. of Works | : | 04 No (Percentage rate tender) |
| 3 | Estimated Cost | : | Varies from 4.62 to 95.58 lakh |
| 4 | Class of Contractor | : | "B" or "C" or "D" Class |
| 5 | Time of Completion | : | Specified in DTCN. |
| 6 | Mode of submission of tender | : | Tender should be submitted only in online https://www.tendersodisha.gov.in |
| 7 | Other details | : | Detailed tender condition specified in DTCN. **The intending tenderer (s) should have the joint venture agreement with the electric contractor for execution of electric works Sl No of work 01.** The Opening of the financial Bid for the work vide Sl. No.-02 will be intimated later. |

| Procurement Officer | Bid Identification No. | No. of works | Availability of Tender online for Bidding | | Last date & time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Rayagada | EERWRGD Online – 14/2025-26 | 04 (Four) Nos | 29.12.2025 at 11.00 A.M. | 06.01.2026 up to 5.00 P.M. | 05.01.2026 up to 5.00 P.M. | 07.01.2026 at 11.00 A.M. |

Further details can be seen from the website: **www.tendersodisha.gov.in**

Executive Engineer
Rural Works Division
Rayagada

OIPR-25072/11/0045/2526 O-1852


# ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବିପତ୍ର

**ଢେଙ୍କାନାଳ,୨୬।୧୨/ଏନ୍ଏନ୍ଏସ୍:** ଗଁଦିଆ ପଞ୍ଚାୟତ ସମିତି ବୈଠକକୁ ଯୋଗଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆସିବା ଅବସରରେ 'ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ଗଁଦିଆ ବ୍ଲକ୍ ସଦର ମହକୁମାରେ 'ଉପ କୋଷାଗାର' ଖୋଲିବା ପାଇଁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ସଭାପତି ବିଜୟ କୁମାର ସାମନ୍ତ, କାର୍ଯ୍ୟକାରୀ ସଭାପତି ପ୍ରକୃତି ବନ୍ଧୁ ହରିହର ସାହୁ, ଉପଦେଷ୍ଟା ଦଣ୍ଡଧର ସାହୁ, ସାଧାରଣ ସମ୍ପାଦକ ରାଘବ ଚନ୍ଦ୍ର ମହାରଣା, ସହ ସମ୍ପାଦକ ଅନନ୍ତ ନାରାୟଣ ଶତପଥୀ ଉପସ୍ଥିତ ରହି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ମଧ ମନ୍ତ୍ରୀଙ୍କ ଗଁଦିଆ ବ୍ଲକ୍ ପ୍ରତିନିଧି ତଥା ପୋରୁହଖୋଜ ଗ୍ରାମ ପଞ୍ଚାୟତ ସରପଞ୍ଚ ରତିକାନ୍ତ ସାହୁ ମନ୍ତ୍ରୀଙ୍କୁ ଏହି ବିଷୟରେ ଅବଗତ କରାଇଥିଲେ। ଗଁଦିଆ ବ୍ଲକ୍‌ରେ ଉପକୋଷାଗାର ଖୋଲାଗଲେ ବରିଷ୍ଠ ନାଗରିକମାନଙ୍କ ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଉପକୃତ ହେବା ସଙ୍ଗେ ସଙ୍ଗେ ଗଁଦିଆ ବ୍ଲକ୍ ଆଉ ଗୋଟିଏ ପାବଛ ଆଗକୁ ଯିବ ବୋଲି ଗଁଦିଆ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରୀ ସଭାପତି ପ୍ରକୃତି ବନ୍ଧୁ ଶ୍ରୀ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।


O-1879

OFFICE OF THE EXECUTIVE ENGINEER
RURAL WORKS DIVISION, BARGARH

Email: rd_bgh@yahoo.co.in
Gmail: rwd.bgh@gmail.com

e-Procurement Notice No. ONLINE-BGH- 22 OF 2025-26

| | | | | |
|---|---|---|---|---|
| 1 | | Name of the Work | : | Road work during 2025-26 in the district of Bargarh. |
| 2 | | EMD | : | @ 1% of the estimated cost put to tender |
| 3 | | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-22 OF 2025-26 | 29.12.2025 at 11.00 A.M. | 04.01.2026 upto 5.00 P.M. | 04.01.2026 upto 4.00 PM | 06.01.2026 at 11.00 A.M. |

Further details can be seen from the website www.tendersorissa.gov.in.

Executive Engineer
R.W. Division, Bargarh

OIPR-25062/11/0045/2526

## ପ୍ରଥମ ପୃଷ୍ଠାରୁ

## ସମ୍ମାନିତ ହେଲେ ଓଡ଼ିଶାର ...

ଆୟୋଜିତ ଏସୀୟ ଯୁବ ଭାରୋତ୍ତୋଳନ ଚାମ୍ପିଅନସିପରେ ୧୬ ବର୍ଷୀୟ ଜନଜାତୀୟ ଭାରୋତ୍ତୋଳନ ପ୍ରତିଯୋଗୀ ଜ୍ୟୋତ୍ସ୍ନା ଶବର ୪୦ କିଲୋଗ୍ରାମ ଓଜନ ବର୍ଗରେ ମୋଟ୍ ୧୩୫ କିଲୋଗ୍ରାମ (ସ୍ନାଚ୍ ୬୦ କିଲୋଗ୍ରାମ+ କ୍ଲିନ୍ ଆଣ୍ଡ ଜର୍କ ୭୫ କିଲୋଗ୍ରାମ) ଭାରୋତ୍ତୋଳନ କରି ଯୁବ ଏସୀୟ ରେକର୍ଡ କରିଥିଲେ। ସେ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ, ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲୁଏଫ) ବିଶ୍ୱ ଯୁବ ଏବଂ କନିଷ୍ଠ ଚାମ୍ପିଅନସିପରେ ରୌପ୍ୟ ଏବଂ କାଂସ୍ୟ ପଦକ ସମେତ ଅନେକ ସଫଳତା ମଧ୍ୟ ପାଇଛନ୍ତି। ତାଙ୍କର ଉପଲବ୍ଧି ତାଙ୍କୁ ଯୁବ ଭାରୋତ୍ତୋଳନ କ୍ଷେତ୍ରରେ ଭାରତର ଉଦୀୟମାନ ତାରକା ମଧ୍ୟରୁ ଅନ୍ୟତମ କରିପାରିଛି। କ୍ରୀଡ଼ା କ୍ଷେତ୍ରରେ ତାଙ୍କର ଉତ୍କର୍ଷତା ଲାଗି ଜ୍ୟୋତ୍ସ୍ନା ଶବରଙ୍କୁ ମର୍ଯ୍ୟାଦାଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଜ୍ୟୋତ୍ସ୍ନା ଗଜପତି ଜିଲ୍ଲାର ରାୟଗଡ଼ ବ୍ଲକ୍ ମାର୍ଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମର କୀର୍ତ୍ତନ ଶବରଙ୍କ ଝିଅ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଦିବାସୀ ଝିଅ ଜ୍ୟୋତ୍ସ୍ନା ଶବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର'ରେ ସମ୍ମାନିତ ହୋଇଥିବା ଓଡ଼ିଆ ଝିଅ ଜ୍ୟୋତ୍ସ୍ନା ଶବରଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ଆଦିବାସୀ ବହୁଳ ଗଜପତି ଜିଲ୍ଲାର ଦୁର୍ଗମ ଅଞ୍ଚଳରୁ ଆସି ଅନ୍ତର୍ଜାତୀୟ ଭାରୋତ୍ତୋଳନ କ୍ଷେତ୍ରରେ ଏସୀୟ ରେକର୍ଡ ସ୍ଥାପନ କରିବା ସହ ବିଶ୍ୱସ୍ତରରେ ପଦକ ଜିତି ସେ ରାଜ୍ୟ ପାଇଁ ଅପୂର୍ବ ଗୌରବ ଆଣିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ଆମ ଯୁବପିଢ଼ିର ଦୃଢ଼ ସଂକଳ୍ପ ଓ ଅସୀମ ସାମର୍ଥ୍ୟର ପ୍ରତିଫଳନ। ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ନିରନ୍ତର ସଫଳତା କାମନା କରୁଛି।

## ଓଡ଼ିଶା ସରକାର ଚାଷୀଙ୍କ ...

ନିଶ୍ଚିତ ଭାବରେ ଆପଣମାନଙ୍କ ମନୋବଳ ବୃଦ୍ଧି କରିଛି। ଚାଷ ଉପରେ ଭରସା ବଢ଼ିଛି। ସେ କହିଥିଲେ, ସମସ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସମ୍ପୂର୍ଣ୍ଣ ଧାନ କିଣା ପ୍ରକ୍ରିୟା ସ୍ୱଚ୍ଛତାର ସହ ଚାଲିବ। ଏଥିରେ ଅବହେଳା ହେଲେ, ନିଶ୍ଚିତ ଭାବରେ ସମ୍ପୃକ୍ତ ଅଧିକାରୀ ତା'ର ଫଳ ଭୋଗିବେ ବୋଲି ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଥିଲେ। ଧାନ ସହିତ ଅଣ-ଧାନ ଫସଲରେ ମଧ୍ୟ ଆପଣ ମାନଙ୍କୁ ଅଧିକ ପ୍ରୋତ୍ସାହନ ଦେବା ପାଇଁ ଆମର ବିଚାର ଚାଲିଛି। ଆମେ ଚାହୁଁଛୁ ଫସଲର ବିବିଧକରଣ ହେଉ। ଆପଣ ମାନେ କେବଳ ଆଉ ଧାନ ନକରି ଡାଲି ଓ ତୈଳବୀଜ ଜାତୀୟ ଫସଲ କରନ୍ତୁ। ମାଣ୍ଡିଆ ଚାଷ କରନ୍ତୁ। ଏଥିରେ ଆପଣଙ୍କର ସର୍ବନିମ୍ନ ସହାୟକ ମୂଲ୍ୟ ମଧ୍ୟ ଅଧିକ ରହୁଛି ଏବଂ ରାଜ୍ୟ ସରକାର ମଧ୍ୟ ଆହୁରି ଅଧିକ ସହାୟତା ଦେବାପାଇଁ ଚିନ୍ତା କରୁଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଧାନ ସଂଗ୍ରହ ଓ ବିଭିନ୍ନ କ୍ଷେତ୍ରରେ ଚାଷୀଙ୍କୁ ସହାୟତା ଦେବା ପାଇଁ ପ୍ୟାକ୍ସ ଓ ଲ୍ୟାମ୍ପସ୍‌ମାନଙ୍କ ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ରାଜ୍ୟରେ ୧,୫୪୨ଟି ନୂଆ ପ୍ୟାକ୍ସ ଓ ଲ୍ୟାମ୍ପସ ଗଠନ କରାଯାଇଛି ଏବଂ ସେମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କା ସିଡ୍ ମନି ବା ମୂଳଧନ ମଧ୍ୟ ଦିଆଯାଉଛି। ବର୍ତ୍ତମାନ ସାରା ରାଜ୍ୟରେ ୪,୨୫୩ଟି ପ୍ୟାକ୍ସ ଓ ଲ୍ୟାମ୍ପସ୍ ରହିଛି। ଏଗୁଡିକ ଏକ ୱାନ୍ ଷ୍ଟପ୍ ସେଣ୍ଟର ଭାବେ ବିକଶିତ କରାଯାଉଛି। ଏଥିରେ ଚାଷୀମାନେ ଗୋଟିଏ ଜାଗାରେ ସବୁ ପ୍ରକାର ସୁବିଧା ପାଇ ପାରିବେ। ୧୫ ଲକ୍ଷ ହେକ୍ଟର ଜମି ଆଗାମୀ ତିନିବର୍ଷରେ ଜଳ ସେଚିତ ହେବ। କାନୁପୁର ଜଳ ସେଚନ ପ୍ରକଳ୍ପ ଆଉ ମାତ୍ର ଦୁଇରୁ ତିନିମାସରେ ଉଦ୍‌ଘାଟନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ।ସେହିପରି କୃଷକ ମାନଙ୍କ ହିତ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବରେ ପ୍ରତିଶ୍ରୁତିବଦ୍ଧ। ଜାନୁଆରୀ ୧୦ ତାରିଖ ସୁଦ୍ଧା ସବୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ। ଗତବର୍ଷ ପ୍ରାୟ ୨୦ ଲକ୍ଷ ଚାଷୀ ୭ ହଜାର କୋଟି ଟଙ୍କା ଇନ୍‌ପୁଟ୍ ସହାୟତା ପାଇଥିଲେ। ଏବର୍ଷ ଏ ସଂଖ୍ୟା ଆହୁରି ବଢିବାର ଆଶା କରାଯାଉଛି। ତା ସହିତ ଚାଷ ପାଇଁ ଅନେକ ଯୋଜନା ମଧ୍ୟ ରହିଛି। ଜନ କଲ୍ୟାଣ କ୍ଷେତ୍ରରେ ଆମର ଯେଉଁ ଯୋଜନା ରହିଛି ସେଥିରେ ଅଧିକାଂଶ ସୁବିଧା ଚାଷୀଭାଇ ମାନେ ପାଉଛନ୍ତି। ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ଯେଉଁ ୧୦ ହଜାର ଟଙ୍କା ଦିଆଯାଉଛି ସେଥିରେ ଅଧିକାଂଶ ହେଉଛନ୍ତି ଚାଷୀ ପରିବାରର। ଏହା ସହିତ ପିଏମ୍ କିଷାନ ଓ ସିଏମ୍ କିଷାନ ମିଶି ବର୍ଷକୁ ୧୦ ହଜାର ଟଙ୍କା ଦିଆଯାଉଛି। ଏହା ସହିତ ଚାଷୀ ଭାଇମାନଙ୍କ ପିଲାମାନଙ୍କୁ ମଧ୍ୟ ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପ୍ରଦାନ କରାଯାଉଛି। ଏହିପରି ସବୁ ସହାୟତା ମିଶାଇଲେ ଚାଷୀ ପରିବାର ମାନଙ୍କୁ ବର୍ଷକୁ ପ୍ରାୟ ୬୦ ହଜାର ଟଙ୍କା ଅଧିକ ରୋଜଗାର ହେଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନନ୍ତ ନାୟକ, ବିଧାୟକ ବଦ୍ରି ନାରାୟଣ ପାତ୍ର, ବିଧାୟକ ସନାତନ ମହାକୁଡ଼, ବିଧାୟକ ଅଖିଳ ଚନ୍ଦ୍ର ନାଏକ , ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଓ ଜିଲ୍ଲାପାଳ ବିଶାଲ୍ ସିଂହ ଉପସ୍ଥିତ ଥିଲେ।

## ଆତଙ୍କବାଦ ବିରୋଧୀ ...

ଗ୍ରିଡ୍ ନିର୍ମାଣ କରିବାରେ ସଫଳ ହେଉଛୁ। ଏହି ସମ୍ମିଳନୀ କେବଳ ସୁରକ୍ଷା ପାଇଁ ଭାରତର ସଂକଳ୍ପକୁ ଦୋହରାଇବାର ଏକ ମାଧ୍ୟମ ନୁହେଁ। ଏହି ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଗତ ବର୍ଷ ଦେଶ ତଥା ବିଶ୍ୱରେ ଘଟିଥିବା ସମସ୍ତ ଆତଙ୍କବାଦୀ ଘଟଣାର ବିଶ୍ଳେଷଣ କରିବା, ସେମାନଙ୍କ ବିଷୟରେ ମିଳିଥିବା ଗୁଇନ୍ଦା ତଥ୍ୟ ସହିତ, ଏବଂ ସେହି ଅନୁଯାୟୀ ଆମର ଆତଙ୍କବାଦ ବିରୋଧୀ ସାମର୍ଥ୍ୟକୁ ବୃଦ୍ଧି କରିବା। ବୈଷୟିକ ପ୍ରଗତି ସହିତ ଆତଙ୍କବାଦୀ ଘଟଣାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଯୋଗୁଁ ବିଶ୍ୱରେ ଆତଙ୍କବାଦର ପରିଦୃଶ୍ୟ ଏବେ ବଦଳୁଛି ଏବଂ ଏହାକୁ ରୋକିବା ପାଇଁ ଆମକୁ ମଧ୍ୟ ପ୍ରସ୍ତୁତ ରହିବାକୁ ପଡ଼ିବ। ଅଦୃଶ୍ୟ ଭବିଷ୍ୟତର ଆହ୍ୱାନର ପୂର୍ବାନୁମାନ କରିବା ଏବଂ ସେଗୁଡ଼ିକୁ ରୋକିବା ଏହି ସମ୍ମିଳନୀର ଜାତୀୟ ଦାୟିତ୍ୱ।

ଶାହଙ୍କ କହିବାନୁସାରେ ଆଜି ଏଠାରେ ତିନୋଟି ନୂଆ ଯୋଜନାର ଶୁଭାରମ୍ଭ କରାଯାଇଛି। ଏନ୍‌ଆଇଏ ଦ୍ୱାରା ପ୍ରସ୍ତୁତ ଅପଡେଟ୍ ହୋଇଥିବା ଅପରାଧ ମାନୁଆଲ୍ ଆଜି ପ୍ରକାଶ ପାଇଛି। ଆଜି ଅସ୍ତ୍ରଶସ୍ତ୍ରର ଇ-ଡାଟାବେସ୍ ମଧ୍ୟ ଆରମ୍ଭ କରାଯାଇଛି। ଆଜି ସଂଗଠିତ ଅପରାଧ ନେଟୱାର୍କ ଉପରେ ଏକ ଡାଟାବେସ୍ ମଧ୍ୟ ଜାରି କରାଯାଇଛି। ସେ ସବୁ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି ଯେ ସେମାନେ ନିଜ ନିଜ ରାଜ୍ୟରେ ଏକ ଦଳ ଗଠନ କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ସେମାନେ ଅନୁସନ୍ଧାନ ଏବଂ ମାମଲା ପରିଚାଳନା ଉଦ୍ଦେଶ୍ୟରେ ଏହି ମାନୁଆଲ ଅଧ୍ୟୟନ କରୁଛନ୍ତି। ପ୍ରତ୍ୟେକ ରାଜ୍ୟ, ଏନ୍‌ଆଇଏ ଏବଂ ସିବିଆଇର ମାର୍ଗଦର୍ଶନରେ, ଆଇବିର ସହଯୋଗରେ, ଏବଂ ଏହି ଡାଟାବେସ୍ ବ୍ୟବହାର କରି, ନିଜ ଅଧିକାର କ୍ଷେତ୍ର ମଧ୍ୟରେ ଏହାକୁ ସମାପ୍ତ କରିବା ଉଚିତ ବୋଲି ଶାହ କହିଛନ୍ତି। ଶାହ ଏହି ଅବସରରେ ଜମ୍ମୁ କାଶ୍ମୀରର ବୈସରନ୍ ଉପତ୍ୟକାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ମଧ୍ୟ କହିଥିଲେ। ଶାହଙ୍କ କହିବାନୁସାରେ ଏହି ଘଟଣାରେ ଆତଙ୍କବାଦୀଙ୍କୁ ଉଚିତ୍ ଶିକ୍ଷା ଦିଆଯିବା ଜରୁରି ହୋଇପଡିଥିଲା। ସୁତରାଂ ଭାରତୀୟ ସେନା ଅପରେସନ୍ ସିନ୍ଦୂର ଏବଂ ଅପରେସନ୍ ମହାଦେବ' ପୂର୍ବକ ଅନେକ ଆତଙ୍କବାଦୀଙ୍କୁ ନିପାତ କରିବାରେ ସଫଳ ହୋଇଛି। ଗୃହ ମନ୍ତ୍ରୀ କହିଥିଲେ ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତ ଫଳାଫଳ ପାକିସ୍ତାନକୁ ଅନ୍ତର୍ଜାତୀୟ ମଞ୍ଚରେ କାଠଗଡ଼ାରେ ଛିଡା କରାଇବ। ସେହିପରି ଦିଲ୍ଲୀରେ ଘଟିଥିବା ଆତଙ୍କବାଦୀ ବିସ୍ଫୋରଣ ସମ୍ପର୍କରେ ମଧ୍ୟ କହିଛନ୍ତି।

ଶାହ କହିଛନ୍ତି, ଭାରତ ହେଉଛି ବିଶ୍ୱର ଚତୁର୍ଥ ସର୍ବବୃହତ ଅର୍ଥବ୍ୟବସ୍ଥା। ଭାରତ ମହାସାଗର କାରଣରୁ ଆମର ଭୌଗୋଳିକ-ରାଜନୈତିକ ସ୍ଥିତି ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମର ଅର୍ଥବ୍ୟବସ୍ଥା ଯେତେ ଆଗକୁ ବଢ଼ିବ, ସେହି ଅନୁପାତରେ ଆମର ସମସ୍ୟା ମଧ୍ୟ ବୃଦ୍ଧି ପାଇବ। ଦେଶର ଅର୍ଥବ୍ୟବସ୍ଥା ଯେତେ ଆଗକୁ ବଢ଼ିବ, ସେହି ଅନୁସାରେ ଆମକୁ ନିଜର ସତର୍କତା ବଢ଼ାଇବାକୁ ପଡ଼ିବ। ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତି ଆମ ସୀମାରୁ ଆରମ୍ଭ ହେଉନାହିଁ, ବରଂ ସୀମାକୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତି ଅନେକ ମାଇଲ ଦୂରରୁ ଆରମ୍ଭ ହେବା ଆବଶ୍ୟକ। ସାଇବର ଏବଂ ସୂଚନା ଯୁଦ୍ଧ, ଆର୍ଥିକ ନେଟୱାର୍କର ଅପବ୍ୟବହାର ଏବଂ ଆତଙ୍କବାଦର ମିଶ୍ରିତ ଢାଞ୍ଚା ପାଇଁ ଆମକୁ ଏକ ଜାତୀୟ ଗ୍ରୀଡ ଭାବେ ଏକ ସୁଦୃଢ଼ ବ୍ୟବସ୍ଥା ବିକଶିତ କରିବାକୁ ହେବ-ଯାହା ସତର୍କ ଏବଂ ଦ୍ରୁତ, ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସକ୍ଷମ-ଏବଂ ଏହା କେବଳ ଏଭଳି ସମ୍ମିଳନୀ ମାଧ୍ୟମରେ ହାସଲ କରାଯାଇପାରିବ। ଏଭଳି ସ୍ଥିତିରେ, ଦେଶ ପାଇଁ ଏବଂ ଆଗାମୀ ପିଢ଼ି ପାଇଁ ଏକ ଶକ୍ତିଶାଳୀ ଆତଙ୍କବାଦ ବିରୋଧୀ ଗ୍ରିଡ୍ ନିର୍ମାଣ କରିବା ଆମ ସମସ୍ତଙ୍କର ଦାୟିତ୍ୱ, ଯାହାଦ୍ୱାରା ସେମାନେ ଆଗକୁ ଆସୁଥିବା ଆହ୍ୱାନର ଦୃଢତାର ସହ ମୁକାବିଲା କରିପାରିବେ।

ସମ୍ମିଳନୀରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏବଂ ବନ୍ଦୀ ସଞ୍ଜୟ କୁମାର, କେନ୍ଦ୍ର ଗୃହସଚିବ, ଆର୍ ଆଣ୍ଡ ଡବ୍ଲ୍ୟୁ ସଚିବ, ଏନ୍‌ଆଇଏର ମହାନିର୍ଦ୍ଦେଶକ ଏବଂ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏତଦ୍‌ବ୍ୟତୀତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ୍ ଅଧିକାରୀ, ଆତଙ୍କବାଦ ମୁକାବିଲା ସମ୍ବନ୍ଧୀୟ ପ୍ରସଙ୍ଗରେ କାର୍ଯ୍ୟ କରୁଥିବା କେନ୍ଦ୍ରୀୟ ଏଜେନ୍ସି/ବିଭାଗୀୟ ଅଧିକାରୀ ଏବଂ ଆଇନ, ଫରେନସିକ, ପ୍ରଯୁକ୍ତିବିଦ୍ୟା ଇତ୍ୟାଦି ସମ୍ବନ୍ଧୀୟ କ୍ଷେତ୍ରର ବିଶେଷଜ୍ଞମାନେ ମଧ୍ୟ ଯୋଗଦେଇଛନ୍ତି।

## ସୀତାକୁଣ୍ଡରେ ବୁଡ଼ି ଦୁଇଭାଇ ...

ବ୍ୟବଚ୍ଛେଦ ପାଇଁ ଆଣାଯାଇଛି। ବାରିପଦା ସଦର ଥାନା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ୍ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ସତ୍ୟବ୍ରତ ଏମ୍‌ସିଏ ପଢୁଥିବା ବେଳେ ଅଭିଷେକ ଯୁକ୍ତଦୁଇ ବିଜ୍ଞାନ ଛାତ୍ର ଥିଲେ।

## ସ୍କୁଲ ପିଲାଙ୍କୁ ମାଗଣା ...

ମଧ୍ୟ ଲାଗୁ କରାଯାଇଛି। ତେବେ ଅନେକ ସ୍ଥାନରେ ଘରଠାରୁ ସ୍କୁଲର ଦୂରତ୍ୱ ଅଧିକ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ସୁବିଧା ଲାଗି ମାଗଣା ବସ୍ ସେବା ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି। ଉଭୟ ଏସି ଓ ନନ୍ ଏସି ବସ୍‌ରେ ଏହି ସେବା ଲାଗୁ ହେବ। ବସ୍‌ରେ ଯାତ୍ରା ବେଳେ ଛାତ୍ରଛାତ୍ରୀ ନିଜ ବିଦ୍ୟାଳୟର ୟୁନିଫର୍ମ ସାଙ୍ଗକୁ ନିଜର ଆଇକାର୍ଡ (ପରିଚୟପତ୍ର) ପାଖରେ ରଖିବା ଆବଶ୍ୟକ। ଅପରପକ୍ଷେ ଜିଲ୍ଲାୱାରୀ ପିଲାଙ୍କ ସୁବିଧା ଅନୁସାରେ ଖୁବ୍‌ଶୀଘ୍ର ସରକାରୀବସ୍‌ର ରୁଟ୍ ଓ ସମୟରେ ସଂଶୋଧନ କରାଯିବ। ସଂଶୋଧିତ ରୁଟ୍‌ରେ ସର୍ବାଧିକ ସ୍କୁଲ୍ ଥିବା ରାସ୍ତାକୁ ସାମିଲ୍ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ଓଡ଼ିଶାକୁ ୧୫୫ କୋଟିର ...

ଯୋଜନା ଏବଂ ଚାଷୀମାନଙ୍କୁ ଅନ୍ୟାନ୍ୟ ଯୋଜନା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ ଭୂ-ସନ୍ଦର୍ଭିତ ପ୍ଲଟ୍ ୱାଇଜ୍ ଫସଲ ବୁଣା ସୂଚନା ମିଳିଥାଏ। କୃଷକ ରେଜିଷ୍ଟ୍ରି ଓ ଡିଜିଟାଲ୍ କ୍ରପ୍ ସର୍ଭେ ମିଳିତ ଭାବରେ ଚାଷୀଙ୍କ ତଥ୍ୟାବଳୀ, ଜମିଜମା ଅବସ୍ଥିତି, ଫସଲ ବିବରଣୀ ଇତ୍ୟାଦି ପ୍ରଦାନ କରେ।

ଏନେଇ ଉପ-ମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ରାଜ୍ୟ ପାଇଁ ଏହା ଏକ ଗୌରବର ମୁହୂର୍ତ୍ତ। କୃଷିକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ସମୃଦ୍ଧ କରିବା ନିମନ୍ତେ ଓଡ଼ିଶାର ପ୍ରତିବଦ୍ଧତାକୁ ସ୍ୱୀକୃତି ସ୍ୱରୂପ ରାଜ୍ୟକୁ ଏହି ପ୍ରୋତ୍ସାହନ ମିଳିଛି। ଏହି ଦୃଷ୍ଟିଭଙ୍ଗୀକୁ ବଜାୟ ରଖି ଓଡ଼ିଶାର କୃଷି ଅର୍ଥନୀତିରେ ଅଭିବୃଦ୍ଧି ଏବଂ ସ୍ଥାୟୀତ୍ୱର ଏକ ନୂତନ ଅଧ୍ୟାୟ ଲେଖିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ ଜାରି ରଖିବାକୁ ହେବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ କୁମାର ପାଢୀ ଏହି ସଫଳତା ବିଷୟରେ କହିଛନ୍ତି ଯେ ଏହି ମାଇଲଖୁଣ୍ଟ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଏଗ୍ରିଷ୍ଟାକ୍ ଉପାଦାନ କୃଷକ ପଞ୍ଜିକରଣ ଓ ଡିଜିଟାଲ୍ ଫସଲ ସର୍ଭେର ଅନୁମୋଦନ ଦ୍ୱାରା ରାଜ୍ୟର ଚାଷୀମାନେ ସଶକ୍ତ ହୋଇଛନ୍ତି ଏବଂ ସମୟୋଚିତ ଲାଭ ସୁନିଶ୍ଚିତ କରି ଉତ୍ପାଦକତା ବୃଦ୍ଧି କରୁଛନ୍ତି ଯାହା ରାଜ୍ୟର କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏଗ୍ରିଷ୍ଟାକ୍ ଅନୁମୋଦନ ତଥ୍ୟ-ଚାଳିତ କୃଷିକୁ ପରିବର୍ତ୍ତନ କରିବା ସହ ସ୍ୱଚ୍ଛତା, ଦକ୍ଷତା ଏବଂ ସମୃଦ୍ଧି ସୁନିଶ୍ଚିତ କରିବ। ଏହି ଡିଜିଟାଲ୍ ଉପକରଣଗୁଡ଼ିକ ସହିତ ଅଭିବୃଦ୍ଧିର ଏକ ନୂତନ ଅଧ୍ୟାୟ ଲେଖିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। କୃଷି ଓଡ଼ିଶାରେ ଜୀବିକାର କେନ୍ଦ୍ରବିନ୍ଦୁ ହୋଇଥିବାରୁ କୃଷକ ପଞ୍ଜିକରଣ ଓ ଡିଜିଟାଲ୍ କ୍ରପ୍ ସର୍ଭେ ଉଭୟ ଉତ୍ପାଦନ, କ୍ରୟ ଏବଂ ବଜାରରେ ଆକଳନ-ଆଧାରିତ ଯୋଜନାରୁ ଯାଞ୍ଚ, ପ୍ଲଟ୍-ସ୍ତରୀୟ, ପ୍ରମାଣ-ଆଧାରିତ ନିଷ୍ପତ୍ତି ଗ୍ରହଣକୁ ସ୍ଥାନାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହା ବ୍ୟତୀତ, ପାଣିପାଗ, ମାଟି, କୀଟ ଏବଂ ମୂଲ୍ୟ ତଥ୍ୟ ସହିତ ସମନ୍ୱୟ ଫସଲ ଉତ୍ପାଦନ ପୂର୍ବାନୁମାନ, ପରାମର୍ଶ ଜାରି କରିବା, କୀଟ ସତର୍କତା ଭବିଷ୍ୟବାଣୀ ବିଶ୍ଳେଷଣକୁ ସକ୍ଷମ କରିବ ବୋଲି ଡ. ପାଢୀ ଉଲ୍ଲେଖ କରିଛନ୍ତି।

## ଭିଜିଲାନ୍ସ ଜାଲରେ କୋଟିପତି ...

କୋଠା ବୋଲି ବର୍ଣ୍ଣନା କରାଯାଇଛି। ଏହା ସହିତ କୋରାପୁଟ ସିମିଳିଗୁଡ଼ା ଅଞ୍ଚଳରେ ପ୍ରାୟ ୧୨୫୦ ବର୍ଗଫୁଟ ଆୟତନର ଆଉ ଗୋଟିଏ ଘର ମଧ୍ୟ ଠାବ ହୋଇଛି। ମୋଟ ୭ଟି ଉଚ୍ଚମୂଲ୍ୟର ଜମି ଚିହ୍ନଟ ହୋଇଛି, ଯାହା ମଧ୍ୟରୁ ୨ଟି ଭୁବନେଶ୍ୱରର ପ୍ରାଇମ୍ ଲୋକେସନରେ, ୪ଟି ଜଗତସିଂହପୁର ସହରରେ ଏବଂ ୧ଟି କୋରାପୁଟ ଜିଲ୍ଲାର ସିମିଳିଗୁଡ଼ାରେ ଅବସ୍ଥିତ। ଏସବୁ ସହିତ ଯାଞ୍ଚ ସମୟରେ ପ୍ରାୟ ୧ କିଲୋଗ୍ରାମ ସୁନା, ୯ଲକ୍ଷ ୨୮ ହଜାର ଟଙ୍କା ନଗଦ ଟଙ୍କା ସହ କିଛି ବିଦେଶୀ ମୁଦ୍ରା ମଧ୍ୟ ଜବତ ହୋଇଛି। ଏହାଛଡ଼ା ୬୬.୪୨ ଲକ୍ଷର ବ୍ୟାଙ୍କ ଡିପୋଜିଟ ଓ ବୀମା, ବିଟ୍ କଏନରେ ୧.୬୬ ଲକ୍ଷର ନିବେଶ ସମ୍ପର୍କିତ ତଥ୍ୟ ମିଳିଛି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ଘରୁ ୨୮.୭୫ ଲକ୍ଷର ଗୋଟିଏ ଚାରିଚକିଆ ଗାଡ଼ି (ଟାଟା ହ୍ୟାରିଅର) ସହ ୩ଟି ଦୁଇଚକିଆ ଯାନ ମଧ୍ୟ ଜବତ କରିଛନ୍ତି। ଏହାଛଡ଼ା ୩୦.୭୫ ଲକ୍ଷର ଗୃହ ଉପକରଣ ମଧ୍ୟ ଠାବ କରାଯାଇଛି।


ଉଲ୍ଲେଖଯୋଗ୍ୟ ଯେ, ଶ୍ରୀ ଶତପଥୀ ୨୨ ଜାନୁଆରୀ ୧୯୮୮ ମସିହାରେ କୋରାପୁଟ ଫରେଷ୍ଟ ଡିଭିଜନରେ ଫରେଷ୍ଟ ଗାର୍ଡ ଭାବେ ସରକାରୀ ସେବାରେ ଯୋଗ ଦେଇଥିଲେ ଏବଂ ସେତେବେଳେ ତାଙ୍କ ମାସିକ ଦରମା ଥିଲା ମାତ୍ର ୬୨୫ ଟଙ୍କା। ଭିଜିଲାନ୍ସ ଟେକ୍ନିକାଲ ୱିଙ୍ଗ ପକ୍ଷରୁ ଠାବ୍ କରାଯାଇଥିବା ଅଟ୍ଟାଳିକା ଓ ଜମିର ମାପ ସହ ମୂଲ୍ୟାଙ୍କନ ଚାଲିଛି। ଚଢଉ ଜାରି ରହିଥିବା ବେଳେ ଆଗାମୀ ଦିନରେ ଆହୁରି ତଥ୍ୟ ସାମ୍ନାକୁ ଆସିବା ସମ୍ଭାବନା ରହିଛି।


## ୩ ହାତୀ ଦାନ୍ତ ଜବତ, ୩ ଗିରଫ

**ନୀଳଗିରି,୨୬।୧୨/ଏନ୍‌ଏନ୍‌ଏସ୍:** ହାତୀଦାନ୍ତ ବେପାର ଅଭିଯୋଗରେ ୩ ଜଣ ଗିରଫ ହୋଇଛନ୍ତି । ବାଲେଶ୍ୱର ନୀଳଗିରି କୁଲଡିହା ଅଭୟାରଣ୍ୟରେ ମାଟି ତଳୁ ହାତୀର ଗଳିତ ଶବ ତସ୍କର ଖୋଳିବା ଘଟଣାରେ ଅଭିଯୁକ୍ତମାନେ ଜଣକ ପରେ ଜଣେ ଗିରଫ ହେଉଛନ୍ତି। ଶୁକ୍ରବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ ବନ ବିଭାଗ କରିବା ସହ ୩ଟି ଦାନ୍ତ ଜବତ କରିଛି। ଏହି ଘଟଣାକୁ ନେଇ ଏ ପର୍ଯ୍ୟନ୍ତ ୨୫ ଜଣ ଅଭିଯୁକ୍ତ ଗିରଫ ହୋଇସାରିଲେଣି। ଦୁଇ ସପ୍ତାହ ପୂର୍ବରୁ ଏଆଇ କ୍ୟାମେରା ସହାୟତରେ ୩ ଜଣ ଶିକାରୀ ଗିରଫ ହେବା ସହ ମୃତ ଝିଙ୍କ ଓ ଜଙ୍ଗଲୀ ମୂଷା ସହିତ ବନ୍ଧୁକ ଜବତ ହୋଇଥିଲ। ତାଙ୍କ ଫୋନ ରେକର୍ଡ ଯାଞ୍ଚ କରିବା ପରେ ଅଭୟାରଣ୍ୟ ଭିତରେ ହାତୀଦାନ୍ତ ବେପାର ଘଟଣା ବନବିଭାଗ ଜାଣିବାକୁ ପାଇଥିଲା। ଏପରିକି ମାଟି ତଳେ ପୋତାଯାଇଥିବା ହାତୀ ହାଡ଼ ଖୋଳି ଏହାକୁ ପଲିସ୍ କରି ହାତୀଦାନ୍ତ ତିଆରି କରିବା ଭଳି ଘଟଣା ତଦନ୍ତକାରୀ ଅଧିକାରୀ ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଜାଣିବା ପରେ ଏପର୍ଯ୍ୟନ୍ତ ୨୫ ଜଣ ଶିକାରୀ ଓ ବେପାରୀଙ୍କୁ ଗିରଫ କରିସାରିଲେଣି।

## ବିନୋଦ କୁମାର ପୁଣି ଦୋଷୀ ସାବ୍ୟସ୍ତ

**ଭୁବନେଶ୍ୱର,୨୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ଗ୍ରାମ୍ୟ ଗୃହ ଉନ୍ନୟନ ନିଗମ(ଓଆରଏଚଡିସି)ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତଥା ଆଇଏଏସ୍ ଅଧିକାରୀ ବିନୋଦ କୁମାର ପୁଣି ଥରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁର୍ନୀତି ମାମଲାରେ ସେ ଦ୍ୱାଦଶ ଥର ପାଇଁ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଭିଜିଲାନ୍ସ କୋର୍ଟ ତାଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହିତ ଜୋରିମାନାରେ ଦଣ୍ଡିତ କରିଛନ୍ତି। ବିନୋଦଙ୍କ ସମେତ ୭ ଜଣଙ୍କୁ ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନା ଅନୁସାରେ, ବିନୋଦ ଓଆର୍‌ଏଚ୍‌ଡିସିରପରିଚାଳନା ନିର୍ଦ୍ଦେଶକ ଥିଲେ। ସେହି ସମୟରେ ୫୨ ଲକ୍ଷ ୯୫ ହଜାର ଟଙ୍କାର ସରକାରୀ ଅର୍ଥ ହେରଫେର ହୋଇଥିବା ନେଇ ତାଙ୍କ ନାମରେ ଅଭିଯୋଗ ଆସିଥିଲା। ଯାହାର ତଦନ୍ତ କରିଥିଲା ଭିଜିଲାନ୍ସ ବିଭାଗ।

ଜଣେ ଭୟାଳୁ ପ୍ରେମର ପ୍ରଦର୍ଶନ କରିବାରେ ଅସଫଳ ହୋଇଥାଏ। ପ୍ରେମ ବାହାଦୁର ବ୍ୟକ୍ତିର ବିଶେଷାଧିକାର ଅଟେ।
- ଗାନ୍ଧୀ ବାଣୀ



ନିତିଦିନ NITIDIN

## ନୂଆ ବରଷ ହେ ଆସ



ଡ. ସୁନାମଣି ରାଉତ

ବରଷକେ ପରେ ହରଷ ମନରେ
ନୂଆ ବରଷ ହେ ଆସ
ତମ ଆଗମନେ ବନେ ଉପବନେ
ଚହଟି ଯାଉଛି ବାସ।
ସବୁ ବରଷ ତ ଜାନୁଆରୀ ମାସେ
ମିଳଇ ତମର ଦେଖା
ବାରମାସ ଯାକ ଆମରି କପାଳେ
ଯେତେ ସୁଖ ଦୁଃଖ ଲେଖା।
କିଏ ସେ ଖୁସିରେ ନାଚିଯାଉଥାଏ
ଖାଇପିଇ ଗାଇ ଗୀତ
ଦାନା ଜୁଟେ ନାହିଁ ପେଟକୁ କାହାର
ପିଠି ସହୁ ଥାଏ ଶୀତ।
ଆମ ପରି କେତେ କୁନିକୁନି ପିଲା
ଦୁଃଖରେ କାଟନ୍ତି ବେଳ
ନୂଆ ବରଷ ହେ ସେମାନଙ୍କ ପାଇଁ
ଆଣିଛ କି କିଛି ଖେଳ!
ସବୁରି ଆଖିରୁ ଲୁହକୁ ଲିଭେଇ
ଓଠରେ ଫୁଟାଇ ହାସ
ବରଷକ ପରେ ହରସ ମନରେ
ନୂଆ ବରଷ ହେ ଆସ।

**ରାଜା ବଗିଚା, କଟକ-୯**
**ମୋ: ୯୪୩୭୧୯୨୮୯୦**

## ନୂଆ ବରଷ ଆ'



ହରିହର ଶୁକ୍ଳ

ନୂଆ ବରଷ ଆ'
ଦୁଃଖରାଶି ତୋ ପରଶେ ହରି
ଜନ-ଜୀବନ ହରଷେ ଭରି
ନୀରସ ଯେତେ ମଣିଷ ମନ
ସରସ କରି ଯା'
ନୂଆ ବରଷ ଆ'।
ତୋଅରି ନୂଆ ପରଶ ପାଇ
ଦେଶର ସବୁ ଭଉଣୀ-ଭାଇ
ପାସୋରି ଦେଇ ଆପଣା-ପର
ସାରା ଦେଶକୁ ମଣନ୍ତୁ ଘର
ଜାତି, ଧରମ ବିଭେଦ ଭୁଲି
ପୂଜନ୍ତୁ ଦେଶମାଆ;
ନୂଆ ବରଷ ଆ'।
ବଢ଼ି, ମରୁଡ଼ି, ଅଭାବ ଦାଉ
ଦେଶ ବୁକୁରୁ ଦୂରେଇ ଯାଉ
ନୂଆ ସପନ, ନବୀନ ଆଶା
ମୁଖରେ ଭରୁ ନୂତନ ଭାଷା
ନୀଳାଚଳିଆ ଜଗାକାଳିଆ
ହୁଅନ୍ତୁ ଆମ ସାହା;
ନୂଆ ବରଷ ଆ'।

**ଫ୍ଲାଟ ନଂ, ବି-୧୦/୧୪୫**
**କେନ୍ଦ୍ରୀୟ ବିହାର, ତମାଣ୍ଡୋ,**
**ଭୁବନେଶ୍ୱର-୨୮**
**ମୋ: ୯୮୬୮୮୦୫୯୯୬**

## ନବବର୍ଷ



ପ୍ରଶାନ୍ତ କୁମାର ନାଥ

ତୁମକୁ ସ୍ୱାଗତ ଆହେ ନବବର୍ଷ
ଆସ ତୁମେ ଅବତରି
ସବୁରି ଓଠରେ ହସ ଭରିଦିଅ
ଦୁଃଖ ଯାଉ ଅପସରି।
ଦେଖାଅନି ଆଉ କରାଳ ରୂପକୁ
ବନ୍ୟା ବାତ୍ୟା ମହାମାରୀ
ଲୁହ ଦିଅନାହିଁ ଆଖିରେ କାହାର
ଆଣିଦିଅ ସୁଖଶିରି।
ଧରି ଆସ ତୁମେ ନୂଆ ସମ୍ଭାବନା
ନୂତନ ଭରସା ଦିଅ
ଅନନ୍ୟ ସୃଷ୍ଟିର ପରିକଳ୍ପନାରେ
ତୁମେ କାଳଜୟୀ ହୁଅ।
କେତେ ନୂଆ ଆଶା ନୂତନ ଆକାଂକ୍ଷା
ସଭିଙ୍କ ମନରେ ଖେଳେ
ସ୍ୱପ୍ନକୁ ସାକାର କରିଦିଅ ତୁମେ
କୋଳେଇ ନିଅ ହେ କୋଳେ।
ଦେଖାଅନି ଆଉ ଦାରୁଣ ଦୃଶ୍ୟକୁ
କରହେ ନୂତନ ସୃଷ୍ଟି
ପ୍ରଳୟ ଆଣନି ବିନାଶ କରନି
କରିଦିଅ ସୁଖ ବୃଷ୍ଟି।
ସ୍ୱାଗତ ତୁମକୁ ଆହେ ନବବର୍ଷ
ଆସ ତୁମେ ଅବତରି
ସବୁରି ଓଠରେ ହସ ଭରିଦିଅ
ଦୁଃଖ ଯାଉ ଅପସରି।

**ସୁନ୍ଦରପୁର, ପ୍ରୀତିପୁର, ଯାଜପୁର**
**ମୋ: ୮୩୧୦୩୨୮୩୪୫**

## ନୂଆ ବରଷ



ସୁହଂସ ଭୋଇ

ଶୀତ ଚାଦର ଦେହରେ ତାର
କାକର ଭିଜା ପାଦ,
ଆସୁଛି ଧାଇଁ ନୂଆ ବରଷ
ମନଟି ଗଦଗଦ।
ନ ରଖି ଭେଦ ବାଣ୍ଟିବ ସିଏ
ସବୁରି ମୁହେଁ ହସ,
ହରଷ ହୋଇ ବରଷ ଯାକ
ରହିବା ଖୁସିବାସ।
ହୃଦୟେ ଆମ ଆଶା ବିଶ୍ୱାସ
ସାହସ ଭରି ଦେବ,
ଯେତେ କଠିନ କାମ ହେଲେବି
ସବୁ ସହଜ ହେବ।
ପଛକୁ ଆଉ ଫେରିବା ନାହିଁ
ଭୁଲିବା ରାଗ ରୋଷ,
ମନ ନିର୍ମଳ ରଖିଲେ ସଦା
ଦୁରେଇ ଯିବ କ୍ଲେଶ।
ଗୁରୁ ସୁଜନେ ଆଶିଷ ନେବା
ସାନଙ୍କୁ ଦେବା ସ୍ନେହ,
ଭକତି କରି ଡାକିବା ସର୍ବେ
ଠାକୁର ପାଶେ ଲୁହ।
ସମୟ ଚକ ଗଡୁଛି ସେ'ତ
ଗଡିବ କାଳ କାଳ,
ନୂଆ ବରଷେ ଶପଥ ନେବା
କାମ କରିବା ଭଲ।

**ପହଣ୍ଡି, ବିଜେପୁର, ବରଗଡ଼**
**୯୪୩୭୫୨୧୪୫୫**

## ଜମେଇ ପାଳିବା ନୂଆ ବରଷ



ବିନୟ ଭୂଷଣ ପାଣିଗ୍ରାହୀ

ଶୁଣରେ ଭାଇ ,ଶୁଣ ଭଉଣୀ
ଦେଖୁଦେଖୁ ସରିଗଲା ବରଷ
ଜୀବନ ଜଞ୍ଜାଳ ଭିତରେ ବୁଡ଼ି
ମୁଠା ଖୋଲି ଖସି ଗଲା ବିଛୁଡ଼ି
କେଉଁଠି କେମିତି ହଜିଲା ନଜାଣି
ଖୋଜି ବୃଥା କିଆଁ ହେବା ହତାଶ ?
ବାଜିବ ବାଜା , ଫୁଟିବ ବାଣ
ନାଚି-ଗାଇ-ଖାଇ-ସଜବାଜ ହେଇ
ଜମେଇ ପାଳିବା ନୂଆ ବରଷ
ଜିତିଥିଲେ କେତେ, ହାରିଥିଲେ
କେତେ
'ଗଲା କଥା ଗଲା' କହି ଭୁଲିଯାଇ
ଜୀବନେ ଭରିବା ନୂଆ ହରଷ।
ପାଣି ପବନୁ - ସବୁରି ମନୁ
ପୋଛି ହିଂସାଦ୍ୱେଷ , ହୀନ ବିଚାର
ଭରିବା ସର୍ବତ୍ର ହର୍ଷ ଉଲ୍ଲାସ
ଅଢେଇ ଦିନର ଜୀବନକୁ ଆମ
ହସ ଖୁସି ପ୍ରେମ ଦେବ ବଢେଇ
ଜୀବନରୁ ଦୁଃଖ ହୋଇବ ଶେଷ।
ଆସରେ ସାଙ୍ଗ, ଆସ ସଙ୍ଗିନୀ
ପଛକୁ ବୁଲିକି ଆଉ ଚାହଁନି
ଶୁଭାରମ୍ଭ ଇଏ ସମ୍ଭାବନାମୟ
ଭୁଲି ଅବସାଦ, ତ୍ୟାଗି ଆଳସ୍ୟ
ବଡ଼ କିଛି କରିବାର ପଣ ନେବା
ବଢ଼ାଇବା ଦେଶ ଜାତିର ଯଶ।

**ନୀଳାଦ୍ରି ବିହାର, ଭୁବନେଶ୍ୱର**
**ମୋ: ୯୯୩୭୫୪୮୪୩୧**

## ନୂଆ ବରଷ



କ୍ଷମାନିଧି ଭୋଇ

ଆସ ଆସ ଆହେ ନୂଆ ବରଷ
ମୁଖେ ମୁଖେ ଦିଅ ମିଠା ହରଷ।
ତୁମେ ପରା ଅଟ ଆମରି ମିତ
ତୁମ ଆସିବାରେ ହସୁ ଜଗତ ।
ଶାନ୍ତି ମୈତ୍ରୀ ପ୍ରୀତି ଭାତୃତ୍ୱ ଭାବ
ତୁମ ଆସିବାରେ ହେଉ ଉଦ୍ଭବ।
ହେଉ ଦୂରୀଭୂତ ଦୁଃଖ ଯାତନା
ଜାଗରୁକ କରି ନୂଆ ଭାବନା।
ନୂଆ ନୂଆ ଆଶା ନୂଆ ଭରସା
ଫଳବତୀ କର ତୁମେ ସହସା।
ନୂଆ ସକାଳର ନୂଆ ସୂରୁଜ
ବୁଣି ଦେଉ ନୂଆ ରଙ୍ଗ ମୁରୁଜ।
ସେନେହ ମମତା ପ୍ରୀତି ବନ୍ଧନ
ହିଂସା ଦ୍ୱେଷ ଘୃଣା କରୁ ହରଣ।
ଖୋଲିଦିଅ ସତ୍ୟ ନ୍ୟାୟର ପଥ
ଶାଶ୍ୱତ ସୁନ୍ଦର ହେଉ ମରତ ।
ସୁପ୍ତ ମନ ପ୍ରାଣ କର ଜାଗ୍ରତ
ଭୟ ଭ୍ରାନ୍ତି ଦୂର ହେଉ ତୁରନ୍ତ।
ଆଲୋକର ପଥ କରି ବିସ୍ତାର
ଦୂର କରିଦିଅ ଯେତେ ଅନ୍ଧାର।
ଆସ ଆସ ଆହେ ନୂଆ ବରଷ
ପୂର୍ଣ୍ଣ କର ଆମ ଆଶା ବିଶ୍ୱାସ ।

**ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ,**
**ଜିଲ୍ଲା ପରିଷଦ, ନୂଆପଡ଼ା ( ଓଡ଼ିଶା )**
**ପିନ୍ : ୭୬୬୧୦୫**
**ମୋ : ୯୪୩୮୨୯୨୯୩୩**

## ଆମ ଗର୍ବ, ଆମ ଗୌରବ



### ଦୀନବନ୍ଧୁ କର

ଜନ୍ମତାରିଖ: ୬ ଫେବୃୟାରୀ, ୧୯୭୬
ସ୍ଥାୟୀ ଠିକଣା: ଅମଠପୁର, ବରୀ, ଯାଜପୁର
ବର୍ତ୍ତମାନ ଠିକଣା: ନୀଳାଦେଈପୁର, ଧର୍ମଶାଳା, ଜି: ଯାଜପୁର
ମୋ: ୯୧୭୮୧୩୫୬୨୮

ରାଜ୍ୟର ଜଣେ ପ୍ରତିଭାଶାଳୀ ଶିଶୁସାହିତ୍ୟିକ। କବିତା କ୍ଷେତ୍ରରେ ବିଶେଷ ସୁନାମ ଅର୍ଜନ କରିଛନ୍ତି। ଉପଧାର ସଫଳ ପ୍ରୟୋଗ ତାଙ୍କ ପ୍ରତିଭାର ସଫଳ ପରିଚୟ। ଆସେ ସବୁ 'ସୁନାଫୁଲ' ଓ 'ଅଭୁଲା ପିଲାଦିନ' ନାମରେ ତାଙ୍କର ଦୁଇଟି କବିତା ସଂକଳନ ପ୍ରକାଶ ପାଇଛି। ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁସାହିତ୍ୟ ସମ୍ମାନ, କବି ନନ୍ଦ କିଶୋର ସ୍ମୃତି ସମ୍ମାନ, ଦ୍ୱିତୀୟ ଭଞ୍ଜ ସରସ୍ୱତ ସମ୍ମାନ, ରେବାରାୟ ଶିଶୁସାହିତ୍ୟ ସ୍ରଷ୍ଟା ସମ୍ମାନ ଆଦି ଅନେକ ପୁରସ୍କାରରେ ସମ୍ମାନିତ।

**ଆମ ପ୍ରଶ୍ନ:** ଶିଶୁସାହିତ୍ୟର ବିକାଶରେ ସରକାରୀ ଓ ବେସରକାରୀ ସ୍ତରରେ ଅଧିକ କ'ଣ କରାଯାଇ ପାରିବ ?

**ଆପଣଙ୍କ ଉତ୍ତର:** ଶିଶୁସାହିତ୍ୟ ହେଉଛି ସାହିତ୍ୟର ଏନ୍ତୁଡ଼ିଶାଳ। ଶିଶୁ ସାହିତ୍ୟର ବିକାଶ ପାଇଁ ରାଜ୍ୟ ସରକାର ଆଗ ଅପେକ୍ଷା ସଚେତନ ହେଲେଣି ତଥାପି ବହୁ କିଛି କରିବାକୁ ବାକି ଅଛି। ବିଶେଷ ଭାବରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିଶୁ ସାହିତ୍ୟ ଏକାଡ଼େମୀ ଗଠନ କରାଯିବା ସହ କବିତା, ଗଳ୍ପ, ଶିଶୁ ଉପନ୍ୟାସ, ଭ୍ରମଣ କାହାଣୀ, ନାଟକ ଆଦି ବିଭାଗରେ ଶିଶୁ ସାହିତ୍ୟିକମାନଙ୍କୁ ପୁରସ୍କୃତ କରାଯିବା ଉଚିତ୍।
'ଶିଶୁଲେଖା' ପତ୍ରିକାକୁ ନିୟମିତ ପ୍ରକାଶ କରିବା ସଙ୍ଗେସଙ୍ଗେ ରିହାତି ମୂଲ୍ୟରେ ବିକ୍ରି ପାଇଁ ପୂର୍ବଭଳି ବିଦ୍ୟାଳୟଗୁଡ଼ିକୁ ପଠାଯିବା ଆବଶ୍ୟକ।
ବେସରକାରୀ ସ୍ତର କଥା କହିଲେ ପ୍ରଥମେ ପରିବାର କଥା ଆସେ ଯେଉଁଠି ପିଲାଟିର ସାମଗ୍ରିକ ବିକାଶ ହୋଇଥାଏ। ପୁଷ୍ଟିକର ଖାଦ୍ୟ ସହିତ ଆମ ପିଲାମାନଙ୍କୁ ବିଭିନ୍ନ ପତ୍ରପତ୍ରିକା ପଢ଼ିବାକୁ ଦେବା ନିହାତି ଦରକାର। ଯାହା ଫଳରେ ଶିଶୁ ମଧ୍ୟରେ ଥିବା ସୃଜନଶୀଳତା ବିକାଶ ଲାଭ କରେ। ବେସରକାରୀ ସ୍ତରରେ ଗଢ଼ି ଉଠିଥିବା ଶିଶୁ ସାହିତ୍ୟ ସଂଗଠନ ଗୁଡ଼ିକ ସଭା ସମିତି, ପୁରସ୍କାର ଉପରେ ଗୁରୁତ୍ୱ ଦେବା ଅପେକ୍ଷା ଶିଶୁସାହିତ୍ୟର ବିକାଶ ପାଇଁ ବିଭିନ୍ନ ବିଭାଗ ଉପରେ ଆଲୋଚନା ଚକ୍ର ଓ କର୍ମଶାଳା ଆୟୋଜନ କରିବା ନିହାତି ଆବଶ୍ୟକ। ଏହା ବ୍ୟତୀତ ନିୟମିତ ପ୍ରକାଶ ପାଉଥିବା ଶିଶୁ ପତ୍ରପତ୍ରିକା ଗୁଡ଼ିକରେ ପିଲାମାନଙ୍କ ଲେଖାକୁ ଅଧିକ ସ୍ଥାନ ଦେବାର ଆବଶ୍ୟକତା ରହିଛି। ସର୍ବୋପରି ଆବଶ୍ୟକ ଆର୍ଥିକ ସହାୟତା ପାଇଁ ସମାଜର ବିଭିନ୍ନ ବର୍ଗର ଲୋକ ବିଶେଷ ଭାବେ ଶିଳ୍ପସଂସ୍ଥାଗୁଡ଼ିକ ଆଗେଇ ଆସିବା ଦରକାର।

### ଆମେସବୁ ସୁନାଫୁଲ

ଟିକି ଝରଣାର କୁଳୁକୁଳୁ ସୁର
କୋଇଲିର ମିଠା ଗୀତ,
ନୀଳ ଆକାଶର ଟିକିଟିକି ତାରା
ସଭିଏଁ ଆମରି ମିତ।
କିଏ କହେ ଆମେ ସକାଳ ସୁରୁଯ
ପୁନେଇଁର ରୂପାଜହ୍ନ !
ଆଉ କାହା ପାଇଁ ହୀରା, ମୋତି ଆମେ
ମାଣିକ ସମାନ ଧନ।
ଖିଲି ଖିଲି ହସୁ କିଣି ନେଉ ମନ
ଆମେ ସବୁ ସୁନାଫୁଲ,
କାଲିର ସପନ ଏ ଜାତି ଜୀବନ
ଆମେରେ ଅମୂଲମୂଲ।
ଆମରି ଓଠର ଦରୋଟି କଥାରେ
ଅପସରି ଯାଏ ଦୁଃଖ,
ଏହି ଦୁନିଆରେ ସଭିଏଁ ସେଥିରୁ
ପାଆନ୍ତି ସରଗ ସୁଖ।
ସବୁଠୁଁ କୋମଳ ହୃଦୟ ଆମର
ସେନେହ, ମମତା ଭରା,
ସରଗ ରାଇଜ ନନ୍ଦନକାନନ
ଆମ ପାଇଁ ଏଇ ଧରା।
ଗାଆଁ ଦାଣ୍ଡେ ଖେଳୁ ସାଙ୍ଗସାଥୀ ମେଳେ
ଗଢ଼ି ଧୂଳି, ବାଲିଘର
ଏଇ ଗାଆଁ ଭୂଇଁ ଅତି ଆପଣାର
କେହି ନୁହେଁ ଏଠି ପର।
ହିମାଳୟଠାରୁ କୁମାରିକା ଯାଏ
ସଭିଏଁ ଭଉଣୀ ଭାଇ,
ହିନ୍ଦୁ, ମୁସ୍‌ଲିମ୍, ବୌଦ୍ଧ, ଖ୍ରୀଷ୍ଟିୟାନ୍
ଭେଦଭାବ ଆମ ନାହିଁ।
ଏକ ପରିବାର ଏ ସାରା ଜଗତ
ନାହିଁ ରାଗ, ଛଳ ଆମ,
ସବୁରି ଓଠରେ ଫୁଟାଇବୁ ହସ
କରି ଭଲ ଭଲ କାମ।

## ଗପ

### ଉପହାର



ରାଧାମାଧବ ରଥ

ମାର୍ଗଶିର ଅନ୍ତେ ପୁଷମାସ ଆସିଥାଏ। ଆଗକୁ ବାଘ ଭଳି ଶୀତ, ମାଘମାସ ମାଡ଼ି ଆସିବ। ସାଧାରଣତଃ ପୁଷମାସରେ ବାହାହେଲା ଝିଅ ବାପଘରକୁ ଯାଇଥାନ୍ତି। ନିମନ୍ତ୍ରଣ କ୍ରମେ ଟୁକୁନାର ମାଆ କିଛିଦିନ ବାପଘରେ କଟାଇ ନିଜ ଘରକୁ ଫେରି ଆସିଲେ।
ବାପଘରୁ ଫେରିଲା ବେଳେ ଅଜା ସ୍ନେହରେ ଟୁକୁନା ପାଇଁ ହାଟରୁ ଏକ ନୂଆ ସୁଏଟର କିଣି ଝିଅ ହାତରେ ପଠାଇ ଥା'ନ୍ତି। ନିଜର ପାଠପଢ଼ା ବନ୍ଦ କରିବନି ବୋଲି ଟୁକୁନା ମାଆଙ୍କ ସହିତ ଅଜାଘରକୁ ଯାଇ ନଥାଏ। ତା'ର ପାଠପଢ଼ା ଭଲ ତ ସେ ଭଲ।
ସ୍କୁଲରୁ ଫେରି ଟୁକୁନା ଓ ତା'ର ମାଆ ପରସ୍ପରକୁ ଭେଟି ଭାରି ଖୁସି ହେଲେ। ଏତେ ଦିନ ଯାଏଁ ଟୁକୁନାର ପିଇସି ନାନୀ ରାନ୍ଧିବାଢ଼ି ଘର ଚଳଉ ଥାଏ। ସେ କଲେଜରେ ପଢ଼େ।
ଟୁକୁନାକୁ ଖାଇବାକୁ ଦେଇ ସାରି ମାଆ ତା'ର କହିଲେ, 'ଟୁକୁନା! ଅଜା ତୋ ପାଇଁ ଭଲ ଜିନିଷଟିଏ ପଠାଇଛନ୍ତି।'
ଟୁକୁନା ଆଗ୍ରହରେ ପଚାରିଲା, 'କ'ଣ, ଆରିସା ପିଠା ?'
ମାଆ କହିଲେ, 'ନା, ଏକ ନାଲି ରଙ୍ଗର ନୂଆ ସୁଏଟର।'



ଟୁକୁନା ସୁଏଟରଟିକୁ ହାତରେ ପାଇ ଅତ୍ୟନ୍ତ ଖୁସି ହୋଇ କହିଲା, 'ମାଆ! ଗତବର୍ଷ ବାପା ମଧ୍ୟ ମୋ' ପାଇଁ ଏକ ସୁଏଟର ଆଣିଥିଲେ। ତୁମର ଠିକ୍ ମନେଥିବ। ମୁଁ ଭାବୁଛି ଅଜା ଦେଇ ଥିବା ସୁଏଟରଟିକୁ ନିଜ ସକାଶେ ରଖି ବାପାଙ୍କର ମୋ' ସାଙ୍ଗକୁ ଦେଇ ଦେବି। ତାର ବାପା ଭାରି ଗରିବ। ସକାଳେ ଶନିବାର ଦିନ ବିନା ଶୀତବସ୍ତ୍ରରେ ସେ ପଢ଼ିବାକୁ ଆସେ। ଶୀତରେ ତାର ଦେହହାତ ଥରୁଥାଏ। କିନ୍ତୁ ମୁଁ ନିରୁପାୟ। କିଛି କହି ପାରେନି। ନିଜ ପାଖରେ ଅଧିକା ରଖି ଲାଭ କ'ଣ ? ଏହାକୁ ଦେଲେ ତାର କାମରେ ଆସିବ। ତୁମେ ରାଜି ତ ?'
ଟୁକୁନାର ମାଆ ଖୁସିରେ କହିଲେ, ଏଥିରେ ଅରାଜି ହେବାର କାରଣ ନାହିଁ। ବରଂ ଆଗ ସୁଏଟରଟିକୁ ନିଜ ପାଇଁ ରଖି ନୂଆଟିକୁ ସାଙ୍ଗକୁ ଦେଇ ଦେ। ସେ ନୂଆଟି ଉପହାର ପାଇଲେ ମନେମନେ ଖୁସି ହେବ।
ତାହା ହିଁ ହେଲା। ନୂଆ ସୁଏଟରଟିକୁ ନେଇ ଟୁକୁନା ତାର ସାଙ୍ଗକୁ ଉପହାର ଦେଲା। ନିଜ ଘରେ ସମସ୍ତେ ଖୁସି ହେଲେ। ନାତିର ଏ ପ୍ରକାର ଭଲ ଗୁଣ ଜାଣି ଅଜାଆଇ ତା'ର ଖୁବ୍ ପ୍ରଶଂସା କଲେ। ବାପା ମାଆ ବି ଭାରି ଖୁସି। ଏଭଳି ପୁଅକୁ ପାଇ କିଏ ବା ଖୁସି ନ ହେବ ?
ସମାଜ ସେବାକୁ ଟୁକୁନା ଜୀବନରେ ବ୍ରତ ରୂପେ ଗ୍ରହଣ କଲା।

ଭର୍ତ୍ତୁର, ବାଙ୍ଗାଲୋର, କର୍ଣ୍ଣାଟକ
ମୋ: ୯୪୩୭୧୮୧୧୯୬

## ରେକର୍ଡ଼

### ସବୁଠୁ ଛୋଟ ଯୁଦ୍ଧ

ଦେଶ-ଦେଶ ମଧ୍ୟରେ ଅନେକ ସମୟରେ ଯୁଦ୍ଧ ହୋଇଥାଏ। ତାହା କେତେ ଦିନ, କେତେ ମାସ ବା କେତେ ବର୍ଷ ଧରି ଚାଲିଥାଏ। ଏବେ ପ୍ରାୟ ସାଢ଼େ ତିନିରୁ ଅଧିକ ସମୟ ଧରି ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଚାଲିଛି। କିନ୍ତୁ ବ୍ରିଟିଶ-ଜାଂଜିବର ଯୁଦ୍ଧ ମାତ୍ର ୩୮ ମିନିଟ୍ ମଧ୍ୟରେ ଶେଷ ହୋଇଥିଲା। ଏହା ହେଉଛି ପୃଥିବୀର ସବୁଠୁ ଛୋଟ ଯୁଦ୍ଧ। ମାତ୍ର ୩୮ ମିନିଟ ଯୁଦ୍ଧ କରିବା ପରେ ଜାଂଜିବରର ସୁଲତାନ ବ୍ରିଟିଶ ସୈନ୍ୟଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ।




## ଜଣାଅଜଣା



### ଗଛରୁ ରକ୍ତ

ଏଭଳି ଏକ ଗଛ ଅଛି, ଯାହାର ଗଣ୍ଡି ବା ଶାଖାକୁ ହାଣିଲେ ରକ୍ତ ବାହାରିବା ଭଳି ଦେଖାଯିବ। କିନ୍ତୁ ପ୍ରକୃତରେ ତାହା ରକ୍ତ ନୁହେଁ ଏକ ପ୍ରକାର ରସ ବା ତରଳ ପଦାର୍ଥ। ତା'ର ରଙ୍ଗ ଗାଢ଼ ଲାଲ ହୋଇଥିବାରୁ ଅବିକଳ ରକ୍ତ ଭଳି ଦେଖାଯାଏ। ସେହି ରସ କମ୍ ସମୟ ମଧ୍ୟରେ ଶୁଖିଯାଏ। ଏବଂ ଝୁଣା ଭଳି କଠିନ ହୋଇଯାଏ। ଗଛଟିର ଇଂରାଜୀ ନାମ Dragon's Blood ବା Blood Wood। ରସ ଖୁବ୍ ଅଠାଳିଆ। ରସ ଖୁବ୍ ଶୀଘ୍ର ଶୁଖି ଯାଉଥିବାରୁ ଗଛଟି କିଟାଣୁ ସଂକ୍ରମଣରୁ ରକ୍ଷା ପାଇଯାଇଥାଏ। ଶୁଖିଲା ରସକୁ ଲୋକମାନେ ଝୁଣା ଧୂପ, ଅଗରବତୀ, ପାରମ୍ପରିକ ପୂଜା ଉପାସନା, ରଙ୍ଗ, ଔଷଧ ରୂପେ ବ୍ୟବହାର କରିଥାନ୍ତି। ଗଛଟିର ଆକାର ଠିକ୍ ଛତାଭଳି। ୟେମେନ, ମାକ୍ରୋନେସିଆ, ଉତ୍ତର ପଶ୍ଚିମ ଆଫ୍ରିକା, ମରକ୍କୋ, କନାରି ଦୀପପୁଞ୍ଜ ଆଦି ଅଞ୍ଚଳରେ ଏପ୍ରକାର ଗଛ ଦେଖିବାକୁ ମିଳେ।

## ତୁମ ପାଇଁ ବହି





### ହିତବାଣୀ

**ସଂକଳକ: ସାରଦା ନନ୍ଦନ ପାଲିତ**
**ପ୍ରକାଶକ: ଗଣେଶ ପୁସ୍ତକ ଭଣ୍ଡାର**
**ରେମୁଣା, ବାଲେଶ୍ୱର**
**ମୂଲ୍ୟ: ୫୦ ଟଙ୍କା**

ଏଥିରେ ବିଭିନ୍ନ ବ୍ୟକ୍ତି, ଚିନ୍ତାନାୟକ, ଦାର୍ଶନିକ, ଜାତୀୟତାବାଦୀ ନେତା, ଧର୍ମଗୁରୁ, ମୁନିଋଷି, ଧର୍ମ ଓ ପୌରାଣିକ ଗ୍ରନ୍ଥଗୁଡ଼ିକରେ ଥିବା ହିତୋପଦେଶ ଓ ମହତବାଣୀ ସ୍ଥାନ ପାଇଛି। ପିଲାମାନଙ୍କ ପାଇଁ ଏହା ଖୁବ୍ ଉପାଦେୟ। ପିଲାଙ୍କ ଚରିତ୍ରଗଠନ ଓ ବ୍ୟକ୍ତିତ୍ୱ ବିକାଶରେ ଏହି ସଂକଳନଟି ବେଶ ସହାୟକ ହେବ।

## କୁନାକୁନିଙ୍କ ଚିତ୍ର



ରୋନାଭ ଅଗ୍ରୱାଲ୍, କ୍ଲାସ୍-୫, ଡି.ଏ.ଭି ପବ୍ଲିକ୍ ସ୍କୁଲ, ସିଡ଼ିଏ, କଟକ



ଶର୍ମିଷ୍ଠା ବାରିକ, କ୍ଲାସ୍-୩, ପ୍ରଭାତ ସରସ୍ୱତୀ ଶିଶୁ ମନ୍ଦିର, ଗାନ୍ଧୀ ମାର୍ଗ, ଅନୁଗୁଳ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଜିଲ୍ଲା ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ




**କଟକ, ୨୬।୧୨/ଏନ୍ଏନ୍ଏସ୍:** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଜେଡିର ୨୯ ତମ ପ୍ରତିଷ୍ଠା ଦିବସ କଟକ ଦୋଳମୁଣ୍ଡାଇ ସ୍ଥିତ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ବହୁ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ଉକ୍ତ କାର୍ଯ୍ୟାଳୟଟିକୁ ନୂତନ ଭାବେ ନିଯୁକ୍ତ ହୋଇଥିବା କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଅଫିସ ଗୃହଟିକୁ ନୂତନ ଭାବେ ପୁନଃରୁଦ୍ଧାର କରି କାର୍ଯ୍ୟକ୍ଷମ କରି ଦାୟିତ୍ୱ ଗ୍ରହଣ କରିବା ସହିତ ବିଧିବଦ୍ଧ ଭାବେ କାର୍ଯ୍ୟାଳୟ ପ୍ରବେଶ କରିଥିଲେ। ଉକ୍ତ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ଡ. ସଂତୃପ୍ତ ମିଶ୍ର କହିଲେ ଯେ ଆଜିଠାରୁ ଠିକ ୨୮ ବର୍ଷ ତଳେ ଓଡିଶାକୁ କେନ୍ଦ୍ର ଅବହେଳାରୁ ରକ୍ଷାକରି ପଛୁଆ ରାଜ୍ୟର ଅଭିଶପ୍ତ ଛାପରୁ ମୁକ୍ତ କରି ଏକ ବଳକା ରାଜ୍ୟରେ ପରିଣତ କରିବାରେ ନବୀନ ପଟ୍ଟନାୟକଙ୍କ ଭୂମିକାକୁ ଏଡେଇ ଦେଇ ହେବ ନାହିଁ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, କଟକ ମେୟର ସୁଭାଷ ସିଂହ, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଡାକ୍ତର ପ୍ରମୋଦ ମଲ୍ଲିକ, ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ମଧୁସୂଦନ ସାହୁ, ଜିଲ୍ଲା ପରିଷଦ ପୂର୍ବତନ ଅଧକ୍ଷା ଜ୍ୟୋତିରେଖା ନାୟକ, ତାପସ ମହାନ୍ତି, ଡ. ରଞ୍ଜନ ବିଶ୍ୱାଳ, ପ୍ରକାଶ ସିଂହ, ପ୍ରଦୀପ୍ତ ଖୁଣ୍ଟିଆ, ଦମୟନ୍ତୀ ମାଝୀ, ସୁଭଦ୍ରା ଦାସ, ଅନିତା ବେହେରା, ଆସିଫ ଅମିନ, ଲାଲା ପ୍ରତାପ ରାୟ, କର୍ପୋରେଟର ଚୌଧୁରୀ ଇଂ ସୁବ୍ରତ ଘଡେଇ, ପ୍ରଫୁଲ୍ଲ ବେହେରା, ବିକାଶ ବେହେରା, ବସନ୍ତ ବେହେରା, ଚନ୍ଦନ ଜେନା, ମୋନାଲିସା ଦାସ, ଏ. ଶ୍ରୀଦେବୀ, ଦୀପ୍ତିମୟୀ ମୂଳିଆ, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ଅରୁନ୍ଧତୀ କର, ପ୍ରିୟମ୍ବଦା ମହାନ୍ତି , ରିତାଞ୍ଜଳୀ ବେହେରା, ଦୀପାଞ୍ଜଳି ସିଂହ, ଆରତୀ ସାହୁ,ସତ୍ୟରାମ ସାହୁ, ନମିତା ବାରିକ, ପୁଷ୍ପିତା ମହାନ୍ତି, ରବୀନ୍ଦ୍ର କୁମାର ବେହେରା, ଚନ୍ଦନ ତ୍ରିପାଠୀ, ଜଗନ୍ନାଥ ସ୍ୱାଇଁ, ପିଣ୍ଟୁ ପାଣିଗ୍ରାହୀ, ପୂର୍ଣ୍ଣିମା ସିଂହ, ସୌଭାଗିନୀ ଜେନା, ପ୍ରେମଚାନ୍ଦ ନାୟକ, ପ୍ରସନ୍ନ ତ୍ରିପାଠୀ, ଦିଗାମ୍ବର ମହାପାତ୍ର,ଧୀରେନ୍ଦ୍ର ବେହେରା,ସେକ ସମସେର ଅଲ୍ଲୀ, ବେନା ଭୂୟାଁ, ନିମାଇଁ ସାହୁ,ବିଶ୍ୱ ବନ୍ଦିତା ପଣ୍ଡା,ସୟଦ ଏକ୍ରାମ ହୁସେନ, ରମଜାନ ଖାନ,ମାନସୀ ସ୍ୱର୍ଣ୍ଣ ପ୍ରଭା ସାମଲ, ସୁପ୍ରିୟା ଜେଠି,କୌଶିକ ଜେନା,ସ୍ମିତା ମୂଳିଆ,ଅଭୟ ଭୂୟାଁ,ବିଭୂତି ସ୍ୱାଇଁ, ଚନ୍ଦନ ବିଶ୍ୱାଳ, ସୌମ୍ୟଦୀପ ଘୋଷ, ସୌମିତ ମିତ୍ର, ସୁମନ ବେହେରା, ଜଗତ ଜ୍ୟୋତି ପଟ୍ଟନାୟକ, ବିକ୍ରମ ଛାଟୋଇ,ସୁବୋଧ ବେହେରା,ନୀଳମାଧବ ଖୁଣ୍ଟିଆ,ସୁଦର୍ଶନ ଜେନା, ଯୁଧିଷ୍ଠିର ବିଶ୍ୱାଳ, ରାଜେଶ ରଣା, ଝିଲି ବିହାରୀ,ପବିତ୍ର ଭୂୟାଁ, ବିଷ୍ଣୁ ସାହୁ, ଦିଲ୍ଲୀପ ଜେନା, ମହମ୍ମଦ ଆକ୍ରମ,ନାଗେଶ୍ୱର ବେହେରା, ମୁନ୍ନା ମହାନ୍ତି,ମହମ୍ମଦ ଅଜିଜୁର ରହିମ, ଅବଦୁଲ କରିମ, ସଜ୍ଜାଦ ହୁସେନ ପ୍ରମୁଖ ଯୋଗଦାନ କରିଥିବା ବେଳେ ଜନତା ଦଳ ଠାରୁ ଆରମ୍ଭ କରି ବିଜୁ ଜନତା ଦଳ ପର୍ଯ୍ୟନ୍ତ ଦୀର୍ଘ ବର୍ଷ ଧରି ନିଷ୍ଠା ର ସହ ଦଳ ରେ କାର୍ଯ୍ୟ କରିଥିବା ବରିଷ୍ଠ କର୍ମକର୍ତ୍ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାରବାଟୀ-କଟକ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ

**କଟକ, ୨୬।୧୨/ଏନ୍ଏନ୍ଏସ୍:** ବାରବାଟୀ-କଟକ ବିଜୁ ଜନତା ଦଳ ପକ୍ଷରୁ ବିଜେଡିର ୨୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ପାଳିତ ହୋଇଯାଇଛି । କଟକ ମହାନଗର ନିଗମ ମେୟର ସୁବାସ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଜୁ ଜନତା ଦଳର ବହୁ ନେତୃବୃନ୍ଦ ଯୋଗଦେଇ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନବୀନ ପଟ୍ଟନାୟକ ରାଜନୈତିକ ସଚିବ ଡ ସନ୍ତୃପ୍ତ ମିଶ୍ର, ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହ ପ୍ରମୁଖ ସଭାରେ ଯୋଗ ଦେଇ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ବିଶ୍ୱଜିତ ମହାନ୍ତି, ମଧୁସୂଦନ ସାହୁ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ପୂର୍ବତନ ମେୟର ଅନିତା ବେହେରା, ମହମ୍ମଦ ସକୀର,ମିନତି ବେହେରା, ରମଜାନ ଖାଁ, ବିଜୟ ଓଝା, ଏକ୍ରାମ ହୁସେନ, ସ୍ମିତା ମୂଳିଆ, ଜ୍ଞାନଗିରି ଗୋସ୍ୱାମୀ,ଜଗନ୍ନାଥ ସ୍ୱାଇଁ,ଦେବେନ୍ଦ୍ର ପାଣିଗ୍ରାହୀ, କାଳୀଚରଣ ପାଣିଗ୍ରାହୀ, ସାକିଲ ଅବତର, ଶେଖାବତ ଅଲ୍ଲି,ସୌମେନ୍ଦ୍ର ସାହୁ,ଶରତ ନାୟକ, ବୀରେନ ବେହେରା, ବିଶ୍ୱନାଥ ଧୀର ଓ ସ୍ୱଦେଶ ଦାସଙ୍କ ସମେତ ଦଳର ବହୁ କର୍ପୋରେଟର ଓ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।






# ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ

**କଟକ, ୨୬।୧୨/ଏନ୍ଏନ୍ଏସ୍:** ଏଏସଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଶୁକ୍ରବାର ୧୭ଦଫା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ପାଚିକାଙ୍କୁ ନିୟୋଜିତ ବନ୍ଦ କରିବା, ପିଲାସଂଖ୍ୟା ଅନୁସାରେ ପାଚିକା ନିଯୁକ୍ତି କରିବା, କାମ କରିବା ଦିନଠାରୁ ପାରିଶ୍ରମିକ ପ୍ରଦାନ କରିବା, ଆବଶ୍ୟକଥିବା ସ୍କୁଲରେ ଛଟେଇ ହୋଇଥିବା ପାଚିକାମାନଙ୍କୁ ନିଯୁକ୍ତି ଦେବା, ପ୍ରତିମାସ ପ୍ରଥମ ସପ୍ତାହରେ ପାରିଶ୍ରମିକ ପ୍ରଦାନ କରିବା ଆଦି ଦାବି ପ୍ରମୁଖ ଥିଲା । ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର ଜିଲ୍ଲା ସଭାପତି ରାଜକିଶୋର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ପାଚିକାମାନଙ୍କ ପ୍ରତି ସରକାରଙ୍କ ଆଭିମୁଖ୍ୟକୁ ବକ୍ତାମାନେ କଡ଼ା ସମାଲୋଚନା କରିଥିଲେ । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ପ୍ରିୟଦର୍ଶନ ପାଢ଼େଲ, ସ୍ୱାଧୀନ ବେହେରା, ମାଳବିକା ସାମଲ, ଅକ୍ଷୟ ରାଉଳ, ଦିଲୀପ ବାରିକ, ଇତିଶ୍ରୀ ଜେନା, ଲାବନ୍ୟପ୍ରଭା ଦାସ, ମଞ୍ଜୁ ବେହେରା, ସୁଷମା ଦାସ, ଶାନ୍ତିଲତା ରାଉତ, ସସ୍ମିତା ଓଝା, କଳ୍ପନା ନାୟକ ଓ ତିଲୋତମା ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




# ମନମୋହନ ସିଂହଙ୍କ ଶ୍ରାଦ୍ଧୋତ୍ସବ

**କଟକ, ୨୬।୧୨/ଏନ୍ଏନ୍ଏସ୍:** କଟକ ଶକ୍ତିନଗର କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସର ପ୍ରାକ୍ତନ ଉପସଭାପତି ଶିଶିର ରଥଙ୍କ ଅଧ୍ୟକ୍ଷତାରେ ଭାରତର ପୂର୍ବ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ତାଙ୍କର ବହୁବିଧ ପ୍ରତିଭା ତଥା ଅବଦାନ ସଂପର୍କରେ ଆଲୋଚନା କରାଯାଇଥିଲା। ମନମୋହନଙ୍କ ସରକାର ସମୟରେ ସୂଚନା ଅଧିକାର ଆଇନ, ନିଶ୍ଚିତ କର୍ମନିଯୁକ୍ତି ଆଇନ, ସମସ୍ତଙ୍କୁ ଶିକ୍ଷା ଆଇନ, ସମସ୍ତଙ୍କୁ ଖାଦ୍ୟ ଆଇନ କରି ଦେଶରେ ସମସ୍ତଙ୍କ ମନକୁ ଜିତି ପାରିଥିଲେ । ଜଣେ ସିଷ୍ଟ, ଜ୍ଞାନୀ, ଦୂରଦ୍ରଷ୍ଟା ଓ ଅର୍ଥଶାସ୍ତ୍ରୀ ଭାବରେ ମନମୋହନ ସିଂହଙ୍କ ବେଶ ପ୍ରତିଷ୍ଠା ଥିଲା ଓ ଆଗାମୀ ଦିନରେ ମଧ୍ୟ ଲୋକଙ୍କ ହୃଦୟରେ ସେ ରହିବେ ବୋଲି ବକ୍ତମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ରାଜେଶ ସ୍ୱାଇଁ, ମନୋଜ ବିଶ୍ୱାଳ, ମାନସ ପରିଡ଼ା, ରାମଚନ୍ଦ୍ର ଗୋଚ୍ଛାୟତ, ନିର୍ମଳ ସ୍ୱାଇଁ, ପ୍ରଶାନ୍ତ ବେହେରା, ବିପିନ ପଶାୟତ, ଉଗ୍ରସେନ ଭୂୟାଁ, ଦିଲ୍ଲୀପ ଦଳାଇ,ଋଷି କାଣ୍ଡି ପ୍ରମୁଖ ଯୋଗଦେଇ ମନମୋହନ ସିଂହଙ୍କ ଗୁଣାବଳୀ ସଂପର୍କରେ ଆଲୋଚନା କରିଥିଲେ । ଏଥିସହିତ ଆସନ୍ତା ୨୮ ତାରିଖ କଂଗ୍ରେସ ପ୍ରତିଷ୍ଠା ଦିବସକୁ ପାଳନ କରିବା ପାଇଁ ମଧ୍ୟ ପ୍ରସ୍ତୁତି ଆଲୋଚନା କରାଯାଇଥିଲା ।



# ସୁଜାତାଙ୍କୁ ରାଜ୍ୟସଭା ପଠାଯାଉ:ପ୍ରଭାତ ବିଶ୍ୱାଳ

**କଟକ, ୨୬।୧୨/ଏନ୍ଏନ୍ଏସ୍:** କଟକରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ପାଣ୍ଡିଆନ ଦମ୍ପତିଙ୍କୁ ଖୋଲାଖୋଲି ସମର୍ଥନ କରିଛନ୍ତି । ପାଣ୍ଡିଆନଙ୍କ ପତ୍ନୀ ସୁଜାତାଙ୍କୁ ରାଜ୍ୟସଭାକୁ ପଠାଇବା ଉଚିତ ବୋଲି ସେ ଯୁକ୍ତି ବାଢିଛନ୍ତି । ଏଥି ସହିତ ବିଜେଡିର ହାରୁନେତାମାନଙ୍କୁ ଖୋଲା ଚ୍ୟାଲେଞ୍ଜ ମଧ୍ୟ ଦେଇଛନ୍ତି । ଅଯଥା ଦଳୀୟ କାର୍ଯ୍ୟକ୍ରମରେ ହସ୍ତକ୍ଷେପ କରନ୍ତୁ ନାହିଁ ବୋଲି ବବି, ଦେବୀ, ଅତନୁ, ପ୍ରତାପ ଓ ସଂଜୟଙ୍କୁ ସିଧାସଳଖ ଭାବେ ହିଛନ୍ତି । ସେ କହିଛନ୍ତି ହାରିଯାଇଥିବା ବିଜେଡି ନେତାଙ୍କୁ ଅନୁରୋଧ, ନିଜ ନିର୍ବାଚନୀ ମଣ୍ଡଳୀ ଜଗନ୍ତୁ । ଦଳ ବିଷୟରେ ମୁଣ୍ଡ ପୁରାନ୍ତୁ ନାହିଁ, ମେ ୨୯ର ଚକ୍ରାନ୍ତ ହୁ ହୁ ହୋଇ ଜଳୁଛି ବୋଲି ସେ କହିଥିଲେ । ପ୍ୟାରିମୋହନଙ୍କ ପରେ ପାଣ୍ଡିଆନଙ୍କ ଦଳ ପ୍ରତି ଯଥେଷ୍ଟ ଅବଦାନ ରହିଛି । ପାଣ୍ଡିଆନଙ୍କ ପାଇଁ ୨୦୧୯ରେ ବିଜୁ ଜନତା ଦଳ ସରକାର ଗଢ଼ିଥିଲା । ଲୋକଙ୍କ ସେବା ପାଇଁ ସେ ଆଇଏଏସ ଭଳି ଚାକିରି ଛାଡ଼ିଛନ୍ତି । ତାଙ୍କ ପ୍ରତି ଅବିଚାର ହେଲେ, ମୁଁ ବିରୋଧ କରିବି । ସୁଜାତା କାର୍ତ୍ତିକେୟନଙ୍କ ଯଥେଷ୍ଟ ଅବଦାନ ଅଛି । ତାଙ୍କୁ ରାଜ୍ୟସଭା ପଠାଯାଉ ବୋଲି ପ୍ରଭାତ କହିଛନ୍ତି ।

# ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି, ପରାମର୍ଶଦାତା ସମିତି ବୈଠକ

**କଟକ, ୨୬।୧୨/ଏନ୍ଏନ୍ଏସ୍:** କଟକଜିଲ୍ଲା ସ୍ତରୀୟ ସମୀକ୍ଷା ସମିତି (ଡିଏଲଆରସି) ଓ ପରାମର୍ଶଦାତା ସମିତି (ଡିସିସି) ବୈଠକ ଶୁକ୍ରବାର ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷଠାରେ ଲୋକସେବା ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସେପ୍ଟେମ୍ବର ୨୦୨୫ ବର୍ଷ ଅବଧି ପାଇଁ କରାଯାଇଥିବା ବାର୍ଷିକ କ୍ରେଡ଼ିଟ ପ୍ଲାନର ଲକ୍ଷ୍ୟ, ବଣ୍ଟନ ଓ ଅଧିକ ବ୍ୟାଙ୍କ ଖୋଲିବା ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ସାଂସଦ ଶ୍ରୀ ମହତାବ କ୍ରେଡ଼ିଟ-ଡିପୋଜିଟ ଅନୁପାତ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ଆଲୋଚନାପୂର୍ବକ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଉଦ୍ୟୋଗ ଯୋଜନା, ଏସଏଚଜି ବ୍ୟାଙ୍କ ଲିଙ୍କେଜ, ପ୍ରଧାନମନ୍ତ୍ରୀ ରୋଜଗାର ଗ୍ୟାରେଣ୍ଟି କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ଋଣ ପ୍ରଦାନ ନିମନ୍ତେ ବୈଠକରେ ଆଲୋଚନା ହୋଇଥିଲା । କଟକ ସହରର ସମସ୍ତ ଉଠାଦୋକାନୀମାନଙ୍କୁ କ୍ରେଡ଼ିଟ କାର୍ଡ଼ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି । ଲିଡ଼ ବ୍ୟାଙ୍କ ପ୍ରବନ୍ଧକ ସତ୍ୟରଂଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ନାବାର୍ଡ଼ ଡିଡିଏମ ପ୍ରଣିମା ପରିଡ଼ା, ଆରବିଆଇଏଲବିଓ ରାହୁଲକାନ୍ତ, ୟୁକୋ ବ୍ୟାଙ୍କ ପ୍ରବନ୍ଧକ ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ ।








# ଇତିହାସ ରଚିଲେ ରାଜେଶ ମହାନ୍ତି

- ଲିଷ୍ଟ-ଏ'ରେ ହ୍ୟାଟ୍ରିକ୍ ନେବାରେ ଓଡ଼ିଶାର ପ୍ରଥମ ବୋଲର୍
- ସର୍ଭିସେସ୍ ବିପକ୍ଷରେ ଓଡ଼ିଶା ୪ ୱିକେଟ୍‌ରେ ବିଜୟୀ



**କଟକ,୨୬।୧୨/ଏନ୍‌ଏନ୍‌ଏସ୍:** ଚଳିତ ବିଜୟ ହଜାରେ ଟ୍ରଫି (ଭିଏଚ୍‌ଟି)ରେ ଓଡ଼ିଶାର ଫାଷ୍ଟ ବୋଲର୍ ରାଜେଶ ମହାନ୍ତି ଶୁକ୍ରବାର ଇତିହାସ ରଚିଛନ୍ତି। ବେଙ୍ଗାଲୁରୁର ଅଲୁର୍ କ୍ରିକେଟ୍ ଗ୍ରାଉଣ୍ଡରେ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ରାଜେଶ ଲିଷ୍ଟ-ଏ' କ୍ରିକେଟ୍‌ରେ ହ୍ୟାଟ୍ରିକ୍ ୱିକେଟ୍ ନେବାରେ ଓଡ଼ିଶାର ପ୍ରଥମ ବୋଲର୍ ହୋଇଛନ୍ତି। ତାଙ୍କର ଏହି ଉପଲବ୍ଧି ବଳରେ ଓଡ଼ିଶା ନିଜର ଦ୍ୱିତୀୟ ମ୍ୟାଚ୍‌ରେ ସର୍ଭିସେସ୍‌କୁ ୪ ୱିକେଟ୍‌ରେ ହରାଇ ଦେଇଛି। ରାଜେଶ ସର୍ଭିସେସ୍ ଇନିଂସ୍‌ର ସପ୍ତମ ଓଭର୍‌ର ପ୍ରଥମ ବଲ୍‌ରେ ସାଗର ଦାହିୟା (୯)ଙ୍କୁ କ୍ଲିନ୍ ବୋଲ୍ଡ କରିଥିଲେ। ପରବର୍ତ୍ତୀ ଦୁଇ ବଲ୍‌ରେ ଯଥାକ୍ରମେ ଅମିତ ଶୁକ୍ଲା ଏବଂ ରବି ଚୌହାନ୍‌ଙ୍କୁ ଖାତା ଖୋଲିବା ପୂର୍ବରୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ କରି ପ୍ୟାଭିଲିୟନ୍ ଫେରାଇଥିଲେ। ଗୋଲ୍‌ଡେନ୍ ଡକ୍ ସହ ପୂରା ହୋଇଥିବା ଏହି ହ୍ୟାଟ୍ରିକ୍ ଓଡ଼ିଶା କ୍ରିକେଟ୍ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି। ରାଜେଶ (୪/୨୫)ଙ୍କ ବ୍ୟତୀତ ସମ୍ବିତ ବରାଳଙ୍କୁ ୪ଟି ଏବଂ ବାଦଲ ବିଶ୍ୱାଳଙ୍କୁ ୨ଟି ୱିକେଟ୍ ମିଳିଥିଲା। ରାଜେଶଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ମନୋନୀତ କରାଯାଇଛି। ଏହି ବିଜୟ ସହ ଓଡ଼ିଶା ୪ ପଏଣ୍ଟ ନେଇ ଦିଲ୍ଲୀ ପରେ ଗ୍ରୁପ୍-ଡି' ପଏଣ୍ଟ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହିଛି।

ବେଙ୍ଗାଲୁରୁର ଅଲୁରସ୍ଥିତ କେଏସ୍‌ସିଏ କ୍ରିକେଟ୍ ଗ୍ରାଉଣ୍ଡ (୩)ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ବ୍ୟାଟିଂ ପାଇଥିବା ସର୍ଭିସେସ୍ ପ୍ରଥମେ ୨୧.୫ ଓଭର୍‌ରେ ୮୩ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ପୁନମ ପୁନିୟା ସର୍ବାଧିକ ୨୫ ରନ୍ କରିଥିବା ବେଳେ ଅର୍ଜୁନ ଶର୍ମା (୧୩ ରନ୍) ଏବଂ ଓପ୍ନର୍ ନିତିନ୍ ତନ୍‌ୱାର୍ (୧୧ ରନ୍) ଦୁଇଅଙ୍କ ଛୁଇଁଥିବା ଅନ୍ୟ ଦୁଇ ବ୍ୟାଟର୍ ଥିଲେ। ଜବାବରେ ଓଡ଼ିଶାର ୨୪.୩ ଓଭର୍‌ରେ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଟିମ୍ ପକ୍ଷରୁ ସନ୍ଦୀପ ପଟ୍ଟନାୟକ ସର୍ବାଧିକ ଅପରାଜିତ ୩୧, ଗୋବିନ୍ଦ ପୋଦ୍ଦାର ୧୧ ଏବଂ ରାଜେଶ ମହାନ୍ତି ୧୨ ରନ୍ କରିଥିଲେ। ଅନ୍ୟମାନେ ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ସର୍ଭିସେସ୍ ପକ୍ଷରୁ ପୁନମ ପୁନିୟା ୪ଟି ଏବଂ ନିତିନ୍ ଯାଦବ ୨ଟି ୱିକେଟ୍ ନେଇଥିଲେ।

# ତୃତୀୟ ଟି-୨୦ ଜିତିଲା ଭାରତୀୟ ମହିଳା ଟିମ୍

**୮ ୱିକେଟ୍‌ରେ ଶ୍ରୀଲଙ୍କା ପରାଜିତ**

**ଶେଫାଳୀଙ୍କ ଅର୍ଦ୍ଧଶତକ**

**୩-୦ରେ ଭାରତର ସିରିଜ୍ କବ୍‌ଜା**



**ତିରୁଅନନ୍ତପୁରମ୍,୨୬।୧୨/ଏଜେନ୍ସି:** ଭାରତୀୟ ମହିଳା ଟିମ୍ ତୃତୀୟ ଟି-୨୦ ମ୍ୟାଚ୍‌ରେ ମଧ୍ୟ ଶ୍ରୀଲଙ୍କାକୁ ହରାଇ ଦେଇଛି। ସ୍ଥାନୀୟ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଶ୍ରୀଲଙ୍କା ୭ ୱିକେଟ୍‌ରେ ୧୧୨ ରନ୍ କରିଥିଲା। ଜବାବରେ ଭାରତ ୧୩.୨ ଓଭର୍‌ରେ ମାତ୍ର ୨ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି। ଏହା ସହିତ ୩-୦ର ଅଜେୟ ଅଗ୍ରଣୀ ସହିତ ଭାରତ ୫ ମ୍ୟାଚ୍‌ର କବ୍‌ଜା କରିଛି। ଏହା ଭାରତର ଲଗାତାର ଚତୁର୍ଥ ସିରିଜ୍ ବିଜୟ। ପ୍ରଥମେ ବ୍ୟାଟିଂ ପାଇଥିବା ଶ୍ରୀଲଙ୍କା ୪୫ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଏହାପରେ ଟିମ୍ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୧୧୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଟିମ୍ ପକ୍ଷରୁ ଇମେଶ ଦୁଲାନୀ ସର୍ବାଧିକ ୨୭ ରନ୍ କରିଥିଲେ। ଏହା ବ୍ୟତୀତ ହସିନୀ ପରେରା ୨୫, କଭିଶା ଦିଲହାରୀ ୨୦ ଏବଂ କୁଶାନୀ ନିଥ୍ୟାଙ୍ଗନା ୧୯ ରନ୍‌ର ଯୋଗଦାନ ଦେଇଥିଲେ। ଭାରତର ରେଣୁକା ସିଂହ ଠାକୁରଙ୍କୁ ୪ଟି ଏବଂ ଦୀପ୍ତି ଶର୍ମାଙ୍କୁ ୩ଟି ୱିକେଟ୍ ମିଳିଥିଲା।

୧୧୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଭାରତ ଚତୁର୍ଥ ଓଭର୍‌ରେ ୭ ରନ୍‌ର ସ୍କୋର୍‌ରେ ଓପ୍ନର୍ ସ୍ମୃତି ମନ୍ଧାନା (୧)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ଶେଫାଳୀ ବର୍ମାଙ୍କ ସହ ମିଶି ଜେମିମା ରଡ୍ରିଗ୍ସ ଟିମ୍‌ର ସ୍କୋର୍ ୫୦ ରନ୍ ପାର୍ କରିଥିଲେ। ଜେମିମା ୧୫ ବଲ୍‌ରେ ୯ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଶେଫାଳୀଙ୍କ ସହ ଯୋଗ ଦେଇଥିବା କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌର୍ ୧୩.୧ ଓଭର୍‌ରେ ଟିମ୍‌କୁ ବିଜୟୀ କରାଇଥିଲେ। ଶେଫାଳୀ ବର୍ମା ୪୨ ବଲ୍‌ରେ ୧୧ ଚୌକା ଓ ୩ ଛକା ସହାୟତାରେ ୭୯ ରନ୍ ଏବଂ ହରମନପ୍ରୀତ୍ ୧୮ ବଲ୍‌ରେ ୨ ଚୌକା ସହାୟତାରେ ୨୧ ରନ୍ କରି ଅପରାଜିତ ଫେରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଦୁଇଟି ଯାକ ୱିକେଟ୍ କଭିଶା ଦିଲ୍‌ହାରୀଙ୍କୁ ମିଳିଥିଲା। ଦୁଇ ଟିମ୍ ମଧ୍ୟରେ ଚତୁର୍ଥ ଟି-୨୦ ଡିସେମ୍ବର ୨୮ରେ ଖେଳାଯିବ।

# ସନ୍ତୋଷ ଟ୍ରଫି: ଓଡ଼ିଶାର କ୍ରମାଗତ ତୃତୀୟ ବିଜୟ

**କଟକ,୨୬।୧୨/ଏନ୍‌ଏନ୍‌ଏସ୍:** ଓଡ଼ିଶା ସିନିୟର୍ ପୁରୁଷ ଟିମ୍ ୭୯ତମ ଜାତୀୟ ଫୁଟ୍‌ବଲ୍ ଚାମ୍ପିଅନ୍‌ଶିପ୍ ସନ୍ତୋଷ ଟ୍ରଫି ୨୦୨୫-୨୬ରେ କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଶୁକ୍ରବାର ନିଜର ତୃତୀୟ ଗ୍ରୁପ୍ ମ୍ୟାଚ୍‌ରେ ଓଡ଼ିଶା ଆୟୋଜକ ଛତିଶଗଡ଼କୁ ୩-୧ ଗୋଲ୍‌ରେ ହରାଇ ଏହା ସହିତ ଟୁର୍ଣ୍ଣାମେଣ୍ଟର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ନାରାୟଣପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ପକ୍ଷରୁ ଜିତୁ ମୁଦୁଲି (୩୨ତମ), ଚନ୍ଦ୍ର ମୋହନ ମୁର୍ମୁ (୩୭ତମ) ଏବଂ କ୍ୟାପ୍‌ଟେନ୍ କାର୍ତ୍ତିକ ହନ୍ତାଳ (୬୪ତମ ମିନିଟ୍) ଗୋଲ୍ ତିନିଟି ଦେଇଥିଲେ। ଛତିଶଗଡ଼ ପକ୍ଷରୁ ଅଭିଷେକ କୁଞ୍ଜାମ ୫୧ତମ ମିନିଟ୍‌ରେ ଏକମାତ୍ର ଗୋଲ୍ କରିଥିଲେ।

ଓଡ଼ିଶା ଟିମ୍‌ର ଏହି ସଫଳତା ପାଇଁ ଓଡ଼ିଶା ଫୁଟ୍‌ବଲ୍ ଆସୋସିଏସନ୍ (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଅନ୍ୟ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କ ସହ ଶୁଭେଚ୍ଛା ଜଣାଇଛନ୍ତି।


## ଟି-୨୦ କ୍ରିକେଟ୍‌ରେ ଦୀପ୍ତି ଶର୍ମାଙ୍କ ରେକର୍ଡ


# ୧୫୦ ୱିକେଟ୍‌ରେ ପ୍ରଥମ ଭାରତୀୟ



**ତିରୁଅନନ୍ତପୁରମ୍,୨୬।୧୨/ଏଜେନ୍ସି:** ଭାରତୀୟ ଟିମ୍‌ର ଷ୍ଟାର୍ ଅଲ୍‌ରାଉଣ୍ଡର୍ ଦୀପ୍ତି ଶର୍ମା ମହିଳା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏକ ନୂଆ ଇତିହାସ ରଚିଛନ୍ତି। ଦୀପ୍ତି ଟି-୨୦ ଅନ୍ତର୍ଜାତୀୟରେ ୧୫୦ ୱିକେଟ୍ ପୂରଣ କରିଛନ୍ତି। ସେ ଶୁକ୍ରବାର ତିରୁଅନନ୍ତପୁରମ୍‌ର ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଶ୍ରୀଲଙ୍କା ମହିଳା ଟିମ୍ ବିପକ୍ଷ ତୃତୀୟ ମ୍ୟାଚ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ଏହା ସହିତ ଦୀପ୍ତି ଭାରତ ପକ୍ଷରୁ ଟି-୨୦ ଅନ୍ତର୍ଜାତୀୟ (ପୁରୁଷ ଓ ମହିଳା) କ୍ରିକେଟ୍‌ରେ ୧୫୦ ୱିକେଟ୍ ନେବାରେ ପ୍ରଥମ ଭାରତୀୟ ବୋଲର୍ ହୋଇଛନ୍ତି। ଭାରତ ପକ୍ଷରୁ କୌଣସି ପୁରୁଷ ବୋଲର୍ ମଧ୍ୟ ଏହି କାରନାମା କରିପାରି ନାହାନ୍ତି। ପୁରୁଷ ଟି-୨୦ ଅନ୍ତର୍ଜାତୀୟରେ ଭାରତ ପକ୍ଷରୁ ସର୍ବାଧିକ ୱିକେଟ୍ ଅର୍ଶଦୀପ ସିଂହ (୧୧୦)ଙ୍କ ନାମରେ ରହିଛି। ଏହାପରେ ଜସ୍‌ପ୍ରୀତ୍ ବୁମ୍‌ରା (୧୦୩ ୱିକେଟ୍) ଏବଂ ହାର୍ଦ୍ଦିକ ପାଣ୍ଡ୍ୟା (୧୦୧ ୱିକେଟ୍)ଙ୍କ ନାମ ରହିଛି। କେବଳ ଏତିକି ନୁହେଁ, ଦୀପ୍ତି ଏବେ ମହିଳା ଟି-୨୦ ଅନ୍ତର୍ଜାତୀୟରେ ସଂଯୁକ୍ତ ଭାବେ ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର୍ ହୋଇଛନ୍ତି। ଶ୍ରୀଲଙ୍କା ବିପକ୍ଷ ତୃତୀୟ ମ୍ୟାଚ୍‌ରେ ସେ ୪ ଓଭର୍‌ରେ ୧୮ ରନ୍ ଦେଇ ୩ଟି ୱିକେଟ୍ ନେଇଛନ୍ତି। କଭିଶା ଦିଲହାରୀଙ୍କୁ ଆଉଟ୍ କରି ଦୀପ୍ତି ନିଜର ୧୫୦ତମ ୱିକେଟ୍ ପୂରା କରିଛନ୍ତି। ଏହା ସହିତ ତୃତୀୟ ୱିକେଟ୍ ନେଇ ସେ ଅଷ୍ଟ୍ରେଲିଆର ମେଗନ୍ ଶୁଟ୍‌ଙ୍କ ରେକର୍ଡ ସମକକ୍ଷ ହୋଇଥିଲେ।

ଦୀପ୍ତି ଶର୍ମା ବର୍ତ୍ତମାନ ସୁଦ୍ଧା ୧୩୧ ମହିଳା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ୧୨୮ ଇନିଂସ୍‌ରେ ୧୫୧ ୱିକେଟ୍ ଅକ୍ତିଆର କରିସାରିଛନ୍ତି। ତାଙ୍କ ବୋଲିଂ ହାରାହାରି ୧୮.୭୩ ଏବଂ ଇକୋନୋମି ରେଟ୍ ୬.୪୦ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଫାଷ୍ଟ ବୋଲର୍ ମେଗନ୍ ଶୁଟ୍ ୧୨୩ ମ୍ୟାଚ୍‌ରେ ୧୭.୭୦ ହାରାହାରିରେ ୧୫୧ ୱିକେଟ୍ ନେଇଛନ୍ତି। ମହିଳା ଟି-୨୦ ଅନ୍ତର୍ଜାତୀୟରେ ଏହି ଦୁଇଜଣ କେବଳ ୧୫୦ରୁ ଅଧିକ ୱିକେଟ୍ ନେଇଛନ୍ତି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra